R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୭
ତିଥି : ଏକାଦଶୀ
୨୦ ଫେବୃଆରୀ ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 137
20 Feb 2024, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-677

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ବରଗଡ଼ ଜିଲ୍ଲାରେ

୧୬୭୭ କୋଟି ୪୨ ଲକ୍ଷ ଟଙ୍କା
ବ୍ୟୟରେ
ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ

୧୦୬ କୋଟି ୬ ଲକ୍ଷ ଟଙ୍କା
ବ୍ୟୟରେ
୧୦୦ ଶଯ୍ୟାବିଶିଷ୍ଟ
କର୍କଟ ରୋଗ ଚିକିତ୍ସା କେନ୍ଦ୍ର

୨୨ କୋଟି ୭୮ ଲକ୍ଷ ଟଙ୍କା
ବ୍ୟୟରେ
ନୃସିଂହନାଥ ପୀଠର
ବିକାଶ ଓ ରୂପାନ୍ତରଣ

୩୪୨ କୋଟି ୬୯ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟରେ ୫୯ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ

୨୬୩ କୋଟି ୩୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟରେ ୨୧ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

୨୦ ଫେବୃଆରୀ ୨୦୨୪ ‖ କନାପାଲି, ବିଜେପୁର




ଜିଲ୍ଲା ପ୍ରଶାସନ, ବରଗଡ଼ ‖ ସୂଚନା ଓ ଲୋକ ସମ୍ପର୍କ ବିଭାଗ

OIPR: 24042/13/0001/2324

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୭
ତିଥି : ଏକାଦଶୀ
୨୦ ଫେବୃଆରୀ ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 137
20 Feb 2024, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଚଣ୍ଡିଗଡ ମେୟର ନିର୍ବାଚନରେ ଅନିୟମିତତା ମାମଲା

## ନିର୍ବାଚନ ଅଧିକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ



ନୂଆଦିଲ୍ଲୀ, ୧୯।୨ : ଚଣ୍ଡିଗଡ ମେୟର ନିର୍ବାଚନରେ ହୋଇଥିବା ଜାଲିଆତିକୁ ନେଇ ସୁପ୍ରିମ୍‌କୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଆସନ୍ତାକାଲି ସୁଦ୍ଧା ଭୋଟ୍ ଗଣତିର ବାଲାଟ ପେପର ଓ ଭିଡିଓକୁ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡା ନିର୍ବାଚନ ଅଫିସର ଅନିଲ ମସିହ କାହିଁକି ବାଲାଟ ପେପରରେ ଛକି ଚିହ୍ନ ମାରିଲେ ବୋଲି ପ୍ରଶ୍ନ ଉଠାଇବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କହିଛନ୍ତି । ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ଏହାକୁ ଅନୁମତି ଦିଆଯାଇପାରିବ ନାହିଁ । ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ କରିଥିବାରୁ ତୁମ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ।

ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ସ୍ୱାଧୀନତା ଇତିହାସରେ ପ୍ରଥମ ଥର ପାଇଁ ଦେଶରେ ଜଣେ ରିଟର୍ଣ୍ଣିଂ ଅଫିସରଙ୍କୁ ପ୍ରଧାନ ବିଚାରପତି ଏଭଳି ଜେରା କରିଛନ୍ତି । ମେୟର ନିର୍ବାଚନ ନେଇ ହୋଇଥିବା ଅନିୟମିତତା ଅଭିଯୋଗରେ ଏହି ମାମଲାର ଆଜି ଶୁଣାଣି କରାଯାଉଥିଲା । ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିଲେ । ଡେପୁଟି କମିଶନରଙ୍କୁ କୌଣସି ରାଜନୈତିକ ଦଳ ସହ ସମ୍ପୃକ୍ତ ନଥିବା ବ୍ୟକ୍ତିଙ୍କୁ ନୂଆ ରିଟର୍ଣ୍ଣିଂ ଅଫିସର ନିଯୁକ୍ତି କରିବାକୁ କହିଛନ୍ତି । ଏହାଛଡା ଯେଉଁଭଳି ଭାବରେ ଘୋଡା ବେପାର ହେଲା ତାହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ଏହି ଘୋଡା ବେପାରକୁ ବନ୍ଦ କରିବା ଆବଶ୍ୟକ । ଆସନ୍ତା କାଲି ଆମେ ବାଲାଟ ପେପର ଦେଖିବୁ । ଜାନୁଆରୀ ୩୦ରେ ବିଜେପି ଚଣ୍ଡିଗଡ ମେୟର ନିର୍ବାଚନ ଜିତିଥିଲା । କଂଗ୍ରେସ ଓ ଆପ୍ ମେଣ୍ଟକୁ ହରାଇଥିଲା । ରିଟର୍ଣ୍ଣିଂ ଅଫିସର ଜାଲିଆତି କରିଥିବା ନେଇ ଅଭିଯୋଗ ହୋଇଥିଲା । ରିଟର୍ଣ୍ଣିଂ ଅଫିସର ଅନିଲ (୯ ପୃଷ୍ଠାରେ)

**ଆଜିସୁଦ୍ଧା ଦାଖଲ ହେବ ବାଲାଟ ପେପର**

**ଇସ୍ତଫା ଦେଲେ ଚଣ୍ଡିଗଡ ମେୟର**

**ଭାରତ ଇତିହାସରେ ଏହା ପ୍ରଥମ : ସୁପ୍ରିମ୍‌କୋର୍ଟ**

**ବାଲାଟରେ ଛକି ମାରିଥିଲେ ନିର୍ବାଚନ ଅଧିକାରୀ**

## ଆଜିଠୁ ମାଟ୍ରିକ ପରୀକ୍ଷା

କଟକ, ୧୯।୨ (ସବ୍ୟୁ) : ମଙ୍ଗଳବାର ଠାରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା । ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କୃପକ୍ଷ ସୂଚନା ଦେଇଛନ୍ତି । ମୋଟ୍ ୩୦୪୭ଟି କେନ୍ଦ୍ରରେ ଏଥର ପରୀକ୍ଷା ଦେବେ ୫ ଲକ୍ଷ ୫୧ ହଜାର ୬୧୧ ଜଣ ରେଗୁଲାର ପରୀକ୍ଷାର୍ଥୀ । ସକାଳ ସାଢେ ୭ଟାରୁ ୮ଟା ୧୫ ମିନିଟ ମଧ୍ୟରେ ପରୀକ୍ଷାର୍ଥୀମାନେ କେନ୍ଦ୍ରରେ ପ୍ରବେଶ କରିବେ । ସକାଳ ୮ଟା ୩୦ରେ ଷ୍ଟ୍ରଙ୍ଗ୍ ରୁମ୍ ଖୋଲା ହେବ । ୮ଟା ୪୫ରେ ପ୍ରଥମ ସେଟ୍ ଏବଂ ୯ଟାରେ ୨ୟ ସେଟ୍ ପ୍ରଶ୍ନପତ୍ରର ସିଲ୍ ଖୋଲାଯିବ । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଯେଭଳି ଲିକ୍ ନ ହେବ ସେଥିପାଇଁ ବୋର୍ଡ ପକ୍ଷରୁ ଖୁବ ସତର୍କତା ଅବଲମ୍ବନ କରାଯାଇଛି । ସେହିପରି କପି ରୋକିବା ଲାଗି ୪୧ଟି ସ୍କ୍ୱାଡ୍ ଗଠନ କରାଯାଇଛି । ଡିଇଓ ସ୍ତରରେ ମଧ୍ୟ ୭୨ଟି ସ୍କ୍ୱାଡ୍ ଗଠନ (୯ ପୃଷ୍ଠାରେ)

**କପି ରୋକିବା ପାଇଁ ବୋର୍ଡ ପକ୍ଷରୁ ୪୧ଟି ସ୍କ୍ୱାଡ୍ ଗଠନ**

## ମିଶନଶକ୍ତି ବଜାର ବୁଲିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୧୯।୨ (ସବ୍ୟୁ) : ରାଜଧାନୀର ମଧ୍ୟ ଭାଗରେ ନିର୍ମାଣାଧୀନ ମିଶନ୍ ଶକ୍ତି ବଜାର ପରିଦର୍ଶନ କରିଛନ୍ତି ୫-ଟି ଓ ନବିନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ । ଏହି ମିଶନ ଶକ୍ତି ବଜାର ସହରୀ ଗ୍ରାହକଙ୍କୁ ଆକୃଷ୍ଟ କରିବ । ଏହା ୫-ଟି ଅଧିନରେ ଉନ୍ନତିକରଣ ହେଉଛି ଓ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହା ଖୁବଶୀଘ୍ର ଖୋଲିବା ସହିତ ଉତ୍ପାଦ ବିକ୍ରୀ ହେବ ।

ଏହି ମିଶନଶକ୍ତି ବଜାର ୧୦ ହଜାର ବର୍ଗଫୁଟ ପରିବ୍ୟାପ୍ତ । ସମଗ୍ର ରାଜ୍ୟର ମିଶନ୍‌ଶକ୍ତି(ଏସ୍‌ଏଚ୍‌ଜି)ମାନଙ୍କ ଉତ୍ପାଦ ବିକ୍ରୟ ଏବଂ ପ୍ରଦର୍ଶନ ହେବ । ହାତ ତିଆରି ନାଲି ଚାଉଳ, ବ୍ରହ୍ମପୁର ଆଚାର, କାନ୍ଧମାଳର ପ୍ରସିଦ୍ଧ ହଳଦୀ, ନୁଆପଡ଼ାର ମହୁ, ମୟୂରଭଞ୍ଜରୁ ସବାଇ ଉତ୍ପାଦ, କେନ୍ଦ୍ରାପଡ଼ାର ଗୋଲଡେନ ଘାସ ଉତ୍ପାଦ, କେନ୍ଦୁଝରର ଫୁଲ ବଡି ଭଳି ଏକ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ଚାଷ ଏବଂ ଅଣ ଚାଷ ସମାଗ୍ରୀ ଉପଲବ୍ଧ ହେବ ।

ଏହା ଏକ ବୁଟିକ୍ ଷ୍ଟୋର ହେବ ଯାହାକି ବିଭିନ୍ନ ପ୍ରକାରର ଏସଏଚ୍‌ଜି ଉତ୍ପାଦଗୁଡିକ (୯ ପୃଷ୍ଠାରେ)

## ୫ ବର୍ଷୀୟା ଏମ୍‌ଏସ୍‌ପି ପ୍ରସ୍ତାବକୁ କୃଷକଙ୍କ ପ୍ରତ୍ୟାଖ୍ୟାନ



ନୂଆଦିଲ୍ଲୀ, ୧୯।୨ : କେନ୍ଦ୍ର ସରକାରଙ୍କର ୫ ବର୍ଷୀୟା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସର୍ତ୍ତକୁ ଚାଷୀମାନେ ଖାରଜ କରିଦେଇଛନ୍ତି । ସରକାର ଓ ସମ୍ପୃକ୍ତ କିଷାନ ମୋର୍ଚ୍ଚାର ପ୍ରତିନିଧିଙ୍କ ସହ ହୋଇଥିବା ବୈଠକରେ ଏହି ପ୍ରସ୍ତାବକୁ ଖାରଜ କରାଯାଇଛି । ୫ ବର୍ଷୀୟା ଚୁକ୍ତିରେ ଡାଲି, ମକା ଓ କପାକୁ ପୁରୁଣା ଏମ୍‌ଏସ୍‌ପିରେ କିଣିବା ପାଇଁ ଉଲ୍ଲେଖ କରାଯାଇଛି । ଯାହାକୁ କିଷାନ ମୋର୍ଚ୍ଚା ଖାରଜ କରିଛି ।

ସୋମବାର ସମ୍ପୃକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସରକାରଙ୍କ ପ୍ରସ୍ତାବକୁ ସମାଲୋଚନା କରାଯାଇଛି । ସେମାନେ ଉଲ୍ଲେଖ କରିଛନ୍ତି ଯେ କୃଷକଙ୍କ ଦାବିକୁ ଭାଗଭାଗ କରିବାକୁ ଚେଷ୍ଟା କରାଯାଉଛି । ସମୁଦାୟ ୨୩ ଉତ୍ପାଦିତ ଶସ୍ୟକୁ କିଣିବା ପାଇଁ ଗ୍ୟାରେଣ୍ଟି ଦେବା ଆବଶ୍ୟକ । ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସି-୨ପ୍ଲସ୍ ୫୦% ହାରରେ ଏମ୍‌ଏଫ୍‌ସି ଦେବାପାଇଁ କୁହାଯାଉଛି । ଏହା ସ୍ୱାମୀନାଥନ କମିଶନଙ୍କ (୯ ପୃଷ୍ଠାରେ)

## ଭବିଷ୍ୟତ ଲାଗି ଯୁବପିଢ଼ିକୁ ପ୍ରସ୍ତୁତ କରିବାକୁ ହେବ : ମୁଖ୍ୟମନ୍ତ୍ରୀ



**ଦୁଇଦିନିଆ 'ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି' ସମ୍ମିଳନୀ ଆରମ୍ଭ**

ଭୁବନେଶ୍ୱର, ୧୯।୨ (ସବ୍ୟୁ) : ରାଜ୍ୟ ସରକାରଙ୍କ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଦୁଇଦିନିଆ 'ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ' ଆରମ୍ଭ ହୋଇଛି । ଏଭଳି ପଦକ୍ଷେପ ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ତଥା ଭବିଷ୍ୟତ ଲାଗି ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ଲାଗି ଏକ ମାର୍ଗଦର୍ଶନ ହେବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ସୋମବାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, ବର୍ତ୍ତମାନ ସମୟରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟୁଛି । ତେଣୁ ଏହା ସହିତ ତାଳ ଦେଇ ଆମକୁ ଆମର ସାମାଜିକ ଓ ଅର୍ଥନୈତିକ ଧାରାକୁ ସମୃଦ୍ଧ କରିବାକୁ ହେବ । ଭବିଷ୍ୟତ ଲାଗି ଆମ ଯୁବପିଢ଼ିକୁ ପ୍ରସ୍ତୁତ କରିବାକୁ ପଡ଼ିବ । ଏହି ସମ୍ମିଳନୀ ଆମକୁ ରାଜ୍ୟର ଦ୍ରୁତ ଅଭିବୃଦ୍ଧି, ଭବିଷ୍ୟତ ଲାଗି ଦକ୍ଷ ମାନବସମ୍ବଳ ପ୍ରସ୍ତୁତି ଏବଂ ଯୁବପିଢ଼ିଙ୍କ ଲାଗି ନୂତନ ଓ ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବା ଦିଗରେ (୯ ପୃଷ୍ଠାରେ)

### ୫ ଜିଲ୍ଲାରେ ଗଡ଼ିଲା 'ଲକ୍ଷ୍ମୀ' ବସ୍, ଫେବୃଆରୀ ୨୧ ସୁଦ୍ଧା ସବୁ ଜିଲ୍ଲା

## ଲୋକଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରାଯାଉଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୨ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସୁବର୍ଣ୍ଣପୁର, କଟକ, ଝାରସୁଗୁଡା, କନ୍ଧମାଳ ଏବଂ ସମ୍ବଲପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତିଛ ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ । ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ ।

ଲୋକଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦିଏ, ମୋ ସରକାରର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ, ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି । ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।



ଆଜିର ଶୁଭାରମ୍ଭ ପରେ ୫ଟି ଜିଲ୍ଲାର ୭୦୦ଟି ପଞ୍ଚାୟତରେ ୨୦୫ଟି ବସ୍ ଚାଲିଲାଛ ଏହା ଦ୍ୱାରା ୪୪ ଲକ୍ଷରୁ ଅଧିକ ଲୋକ ଉପକାର ପାଇଲେ । ସୁବର୍ଣ୍ଣପୁରର ୧୦୨ଟି ପଞ୍ଚାୟତରେ ୫୮ଟି ବସ୍ ଚାଲିଲା ଏବଂ ୫ ଲକ୍ଷ ୭୩ ହଜାର ଲୋକ ଉପକୃତ ହେଲେ । କଟକର ୨୬୧ଟି ପଞ୍ଚାୟତରେ ୪୮ଟି ବସ୍ ଚାଲିଲା ଏବଂ ୧୮ ଲକ୍ଷ ୩୭ ହଜାର ଲୋକ ଉପକୃତ ହେଲେ । ଝାରସୁଗୁଡାର ୭୬ଟି ପଞ୍ଚାୟତରେ ୧୬ଟି ବସ୍ ଚାଲିଲା ଏବଂ ୫ ଲକ୍ଷ ୬୨ ହଜାର ଲୋକ ଉପକୃତ ହେଲେ । କନ୍ଧମାଳର ୧୬୪ଟି ପଞ୍ଚାୟତରେ (୯ ପୃଷ୍ଠାରେ)

**୧୫ରୁ ସମ୍ବଲପୁରରୁ ପୁରୀକୁ ଦୈନିକ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ : ୫-ଟି ଅଧ୍ୟକ୍ଷ**

## ବିଧାୟକ ଅନନ୍ତ ଦାସ ଆଇସିୟୁରେ



ବାଲେଶ୍ୱର, ୧୯।୨ (ସବ୍ୟୁ) : ଭୋଗରାଇ ବିଧାୟକ ଅନନ୍ତ ଦାସ (୮୩)ଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି । ବୟସାଧିକ କାରଣରୁ ଗତ କିଛିଦିନ ହେଲା ସେ ସ୍ୱାସ୍ଥ୍ୟଗତ ସମସ୍ୟାର ସାମ୍ନା କରୁଥିଲେ। ସୋମବାର ସନ୍ଧ୍ୟାରେ ସେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ହାସପାତାଳ ଆଣିଥିଲେ। ଶ୍ରୀ ଦାସ ବର୍ତ୍ତମାନ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ୨ଜଣ ବରିଷ୍ଠ ଡାକ୍ତର ଚିକିତ୍ସା କରୁଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ୍ ଜଗଦେବ ସୂଚନା ଦେଇଛନ୍ତି ।

## କଂଗ୍ରେସରୁ ଇସ୍ତଫା ଦେଲେ ନବୀନ ଦାସ

ଭୁବନେଶ୍ୱର, ୧୯।୨ (ସବ୍ୟୁ) : ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ଆଜି କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫାପତ୍ର ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେଙ୍କ ନିକଟକୁ ପଠାଇ ଦେଇଛନ୍ତି । ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପରେ ବିଶୋଦ୍‌ଗାର କରିଛନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ ୧୯୬୯ରୁ କଂଗ୍ରେସରେ ଅଛି । କିନ୍ତୁ କିଛିମାସ ହେବ ଦେଖୁଛି ପିସିସି ସଭାପତି ରାଜା ଭଳି ବ୍ୟବହାର କରୁଛନ୍ତି । ଦଳର ବରିଷ୍ଠ ଓ ଅଭିଜ୍ଞ ସଦସ୍ୟଙ୍କୁ ଗୁରୁତ୍ୱ ଦେଉନାହାନ୍ତି କି ସଂଗଠନ ଲାଗି ସେମାନଙ୍କ ମତାମତ ଲୋଡୁନାହାନ୍ତି । ଦଳୀୟ ନେତା ଓ କର୍ମୀଙ୍କ ସହ ମିଶିବା ପାଇଁ ଜିଲ୍ଲା ଗସ୍ତ କରୁନାହାନ୍ତି । ଅନେକ ପିସିସି ସଭାପତିଙ୍କୁ ଦେଖିଛି । ସେମାନଙ୍କ ବ୍ୟବହାର ସ୍ୱହାର୍ଦ୍ଦପୂର୍ଣ୍ଣ ଥିଲା । ସେମାନେ ସ୍ନେହୀ ଓ ପ୍ରଭାବଶାଳୀ ଥିଲେ । ଏଭଳି କୌଣସି ଗୁଣ ତାଙ୍କ ନିକଟରେ ଦେଖିବାକୁ ପାଉନାହିଁ । ତେଣୁ କଂଗ୍ରେସ ଛାଡିବା ପାଇଁ ନିଷ୍ପତ୍ତି ନେଇଛି । ଶ୍ରୀ ଦାସଙ୍କ ସହ ଢେଙ୍କାନାଳ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ, ଓଡପଡା ବ୍ଲକ୍ ସଭାପତି ପ୍ରମୋଦ ନାୟକ, ଢେଙ୍କାନାଳ ଟାଉନ ସଭାପତି ହାଇଦର ଅହମ୍ମଦ, ସଦର ବ୍ଲକ୍ ସଭାପତି ଅଖିଳ ମୋହନ ଖୁଣ୍ଟିଆ ଇସ୍ତଫା ଦେଇଛନ୍ତି ।

### ରାହୁଲଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରାରେ ସାମିଲ ହେବାକୁ ଅଖିଳେଶଙ୍କ ସର୍ତ୍ତ

## ପ୍ରଥମେ ଆସନ ବୁଝାମଣା ସରୁ, ପରେ ନିଷ୍ପତ୍ତି

ନୂଆଦିଲ୍ଲୀ, ୧୯।୨ : ଉତ୍ତରପ୍ରଦେଶରେ ରାହୁଲ ଗାନ୍ଧିଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରା ଚାଲିଛି । ତେବେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ରେ ଦେଖାଯାଇଥିବା ଫାଟକୁ ନେଇ ଉତ୍ତରପ୍ରଦେଶରେ କ'ଣ ହେବ ପୁଣି କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ମେଣ୍ଟରେ ସବାଜବାଦୀପାର୍ଟି ସାମିଲ ରହିଛି । ତେବେ ଏହାର ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ ଯେ ପର୍ଯ୍ୟନ୍ତ କଂଗ୍ରେସ ସହ ଆସନ ବୁଝାମଣା ଚୂଡାନ୍ତ ହୋଇନାହିଁ ସେମାନେ ରାହୁଲ ଗାନ୍ଧିଙ୍କ ଯାତ୍ରାରେ ସାମିଲ ହେବେନାହିଁ ।

ପ୍ରୟାଗରାଜ ପରେ ଆଜି ଆମେଥିରେ ରାହୁଲ ଭାରତ ଯୋଡ ନ୍ୟାୟ ଯାତ୍ରା କରିଛନ୍ତି । ଉଭୟ ସ୍ଥାନରେ ବିପୁଳ ସମର୍ଥନ ତାଙ୍କ ପ୍ରତି ଥିବା ଦେଖିବାକୁ ମିଳିଛି । ଆମେଥିକୁ ସେ ଦୁଇବର୍ଷ ପରେ ଯାଇଛନ୍ତି । ଆମେଥି ଥିଲା ତାଙ୍କର ପୂର୍ବ ନିର୍ବାଚନମଣ୍ଡଳି । ଗତଥର ସେଠାରୁ ସେ ହାରି ଯାଇଥିଲେ । ଏବେ ଦୁଇବର୍ଷ ପରେ ସେଠାକୁ ଯାଇ ନ୍ୟାୟ ଯାତ୍ରା କରିଛନ୍ତି । ତେବେ ଯାତ୍ରାରେ ଅଖିଳେଶଙ୍କ ସାମିଲ ହେବାନେଇ ଏବେ ପ୍ରଶ୍ନ ଉଠିଛି । (୯ ପୃଷ୍ଠାରେ)



## ଆଇଆଇସିଙ୍କୁ ନିର୍ଘୁମ ପିଟି ବନ୍ଦୀ କଲେ ଜୁଆଡ଼ି : ୧୫ ଗିରଫ

ଭୋଗରାଇ, ୧୯।୨ (ସବ୍ୟୁ) : ଜୁଆ ଖେଳ ବନ୍ଦ କରିବା ମହିଳା ଆଇଆଇସିଙ୍କୁ ପଡ଼ିଲା ମହଙ୍ଗା। ଜୁଆଡ଼ିମାନେ ଆଇଆଇସିଙ୍କୁ ନିର୍ଘୁମ ମାଡ଼ ମାରିବା ସହ ଦୋକାନ ଭିତରେ ଏକ ଘଣ୍ଟା ଧରି କରିଦେଲେ ବନ୍ଦୀ। ପରେ ପୁଲିସ ଟିମ୍ ପହଞ୍ଚି ଆଇଆଇସିଙ୍କୁ ସେଠାରୁ ଉଦ୍ଧାର କରିଥିଲା । ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ସାହାବାଜିପୁର ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ଗାଁରେ । ଏହି ଘଟଣାରେ ପୁଲିସ ୨୦ ଜଣଙ୍କୁ ଅଟକ ରଖିଛି।

ଅଭିଯୋଗ ଅନୁସାରେ, ରବିବାର ରାତିରେ ଉଦୟପୁର ଗାଁରେ ଥିବା ଏକ ଦୋକାନରେ ଜୁଆ ଖେଳ ଚାଲିଥିବା ତାଳସାରୀ ସାମୁଦ୍ରିକ ଥାନା ଆଇଆଇସି ଚମ୍ପାବତୀ ସୋରେନ କୌଣସି ସୂତ୍ରରୁ ଖବର ପାଇଥିଲେ। ପରେ ଡ୍ରାଇଭରକୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏତେ ରାତିରେ ଏଠି କ'ଣ ହେଉଛି, ଶୀଘ୍ର ଦୋକାନ ବନ୍ଦ କର ବୋଲି ଜୁଆଡ଼ି ମାନଙ୍କୁ କହିଥିଲେ। ଏହି କଥାକୁ ନେଇ ଆଇଆଇସି ଓ ଜୁଆଡିଙ୍କ ମଧ୍ୟରେ ବଚସା ହେବା ସହ ଠେଲାପେଲା ହୋଇଥିଲା। ପରେ ଜୁଆଡ଼ିମାନେ ଆଇଆଇସିଙ୍କୁ ଦୋକାନ ଭିତରେ ପୂରାଇ ବନ୍ଦ କରିଦେଇଥିଲେ । ଆଇଆଇସିଙ୍କ ସାଙ୍ଗରେ ଯାଇଥିବା ଗାଡ଼ି ଚାଳକ ସୁଧାଂଶୁ ମହାନ୍ତି ଏହାକୁ ବିରୋଧ କରିବାରୁ ଜୁଆଡିମାନେ ତାଙ୍କୁ ମାଡ଼ ମାରି ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି ।

ଆଇଆଇସି ଘଟଣା ସଂପର୍କରେ ଫୋନ ଯୋଗେ ଥାନାକୁ ଜଣାଇଥିଲେ। ଖବର ପାଇ ଭୋଗରାଇ ଥାନାର ଆଇଆଇସି ସୁଦୀପ୍ତ କୁମାର ସାହୁ, କମର୍ଦ୍ଦା ଥାନାଧିକାରୀ ପ୍ରମଦା ନାୟକ ଓ ଚନ୍ଦନେଶ୍ୱର ଫାଣ୍ଡି ଏ ଏସ ଆଇଙ୍କ ନେତୃତ୍ୱରେ ପୋଲିସ ବାହିନୀ ସେଠାରେ ପହଞ୍ଚି ମେରାଇନ ଥାନାଧିକାରୀଙ୍କୁ ଉଦ୍ଧାର କଲାପରେ ରାତି ଅଧରିଆ ଗଣ୍ଡଗୋଳକାରୀଙ୍କୁ ଧରିବା ପାଇଁ ପୋଲିସ ର ଛାନଭିନ ଆରମ୍ଭ ହୋଇଥିଲା।ପ୍ରାୟ ଏକ ଘଣ୍ଟା ଧରି ଆଇଆଇସି ଦୋକାନ ଭିତରେ ବନ୍ଦ ହୋଇ ରହିଥିବା ସୂଚନା ରହିଛି।ପୁଲିସ ଏହି ଘଟଣାରେ ୨୦ ଜଣଙ୍କୁ ଅଟକ ରଖିପଚରାଉଚରା କରିଥିଲା। ପରେ (୯ ପୃଷ୍ଠାରେ)

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୭
ତିଥି : ଏକାଦଶୀ
୨୦ ଫେବୃଆରୀ ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 137
20 Feb 2024, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-674

ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା



# ପଟ୍ଟା ପ୍ରଦାନ ସମାରୋହ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ
ଦ୍ୱାରା
**ଶୁଭାରମ୍ଭ**
୨୦ ଫେବୃଆରୀ ୨୦୨୪

**"ରାଜ୍ୟରେ ସିକିମ୍ ସ୍ୱତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସ୍ୱତ୍ୱର ପଟ୍ଟା ପ୍ରଦାନ ଏକ ଲୋକାଭିମୁଖୀ ପଦକ୍ଷେପ ।"**

- ସିକିମ୍ ସ୍ୱତ୍ୱଧାରୀ ଚାଷୀମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ ପାଇଁ ଓଡ଼ିଶା ଭୂସଂସ୍କାର ଆଇନ୍, ୧୯୬୦ର ଆବଶ୍ୟକୀୟ ସଂଶୋଧନ କରାଯାଇଛି ।
- ଏହା ଦ୍ୱାରା ରାଜ୍ୟରେ ୨.୫୪ ଲକ୍ଷ ସିକିମ୍ ସ୍ୱତ୍ୱାଧିକାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯିବ ।
- ସିକିମ୍ ଚାଷୀମାନେ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇବେ ।

**ଆଇନ୍‌ର ହେଲା ସଂଶୋଧନ**
**ସିକିମ୍ ସ୍ୱତ୍ୱଧାରୀଙ୍କୁ ପଟ୍ଟା ବଣ୍ଟନ**

OIPR: 24001/13/0115/2324

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଭିପ୍ସ, ଦିଲ୍ଲୀର ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ବିଶ୍ୱର କଲ୍ୟାଣ ଓ ସମୃଦ୍ଧି ପାଇଁ ଯୁବପିଢ଼ି ସଭ୍ୟତାର ମୂଲ୍ୟବୋଧକୁ ଆଗକୁ ନେବେ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ କଲ୍ୟାଣ ଓ ସମୃଦ୍ଧି ପାଇଁ ଆମର ଗଭୀର ସଭ୍ୟତାର ମୂଲ୍ୟବୋଧକୁ ଆମ ଯୁବପିଢ଼ି ଆଗକୁ ନେବେ ବୋଲି ସୋମବାର ଦିଲ୍ଲୀ ସ୍ଥିତ ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ଷ୍ଟଡିଜ(ଭିପ୍ସ)ର ୨୪ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜିର ଅବସରରେ ଡିଗ୍ରୀ ଓ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଯେ ସମାବର୍ତ୍ତନ ଛାତ୍ରଛାତ୍ରୀଙ୍କ ଜୀବନରେ ଏକ ନୂଆ ଯାତ୍ରାର ଆରମ୍ଭ । ଭିପ୍ସ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରଛାତ୍ରୀ ବିଶେଷତଃ ଭାରତର ଯୁବବର୍ଗଙ୍କ ଠାରୁ ବିଶ୍ୱ ଅନେକ ଅପେକ୍ଷା ରଖିଛି । ମୋର ବିଶ୍ୱାସ ଯେ ଆମର ଛାତ୍ରଛାତ୍ରୀମାନେ ବଡ ସ୍ୱପ୍ନ ଦେଖିବେ, ବଡ ଇଚ୍ଛା ରଖିବେ ଏବଂ ବଡ଼ ସଫଳତା ହାସଲ କରିବା ସହ ବିଶ୍ୱର ଆଶା ଓ ଆକାଂକ୍ଷାକୁ ମଧ୍ୟ ପୂରଣ କରିବେ ।



କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମର ଅମୃତପିଢି ଅଧିକ ପ୍ରତିଭାବାନ । ସେମାନେ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ନେଇ ବେଶ୍ ସଚେତନ । ଆଗାମୀ ଦିନରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ । ଏହି ସମୟରେ ଭାରତ ଶିଳ୍ପ ବିପ୍ଳବ ୪.୦ର ନେତୃତ୍ୱ ନେବ । ଏହି ସମୟରେ ଆମର ଯୁବପିଢ଼ିଙ୍କ ଦାୟିତ୍ୱ ଅଧିକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସର୍ବଦା ଯୁବ ଆକାଂକ୍ଷାକୁ ସାକାର କରିବା, ଯୁବ ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ଉର୍ଜାକୁ ବିକଶିତ ଭାରତର ଲକ୍ଷ୍ୟ ହାସଲରେ ନିୟୋଜିତ କରିବାରେ ଏକ ସହାୟକ ଭାବରେ କାର୍ଯ୍ୟ କରୁଛନ୍ତି । ଯୁବପିଢିଙ୍କ କାନ୍ଧରେ ଭାରତ ସମୃଦ୍ଧ ଓ ସମ୍ପନ୍ନ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ସମାବର୍ତ୍ତନ ସମାରୋହରେ ଯୋଗଦେବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦିଲ୍ଲୀର ଉଦ୍ୟୋଗ ଭବନରୁ ପିତମପୁରା ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବା ସହ କିଛି ଛାତ୍ରୀଛାତ୍ରୀ ଓ ନାଗରିକଙ୍କ ସହ କଥା ହୋଇଥିଲେ । ମେଟ୍ରୋ ଯାତ୍ରାର ଅନୁଭୂତିକୁ ପ୍ରଶଂସା କରିବା ସହ ସେ କହିଥିଲେ ଯେ ସ୍ୱଚ୍ଛ ଓ ଆରାମଦାୟକ ଥିବା ଦିଲ୍ଲୀ ମେଟ୍ରୋ ଦିଲ୍ଲୀବାସୀଙ୍କ ଲାଇଫଲାଇନ୍ ଅଟେ । ଦ୍ରୁତ ଓ ସ୍ଥାୟୀ ସହରୀ ପରିବହନ ସୁବିଧା ପ୍ରତି ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତିବଦ୍ଧତା ସହରରେ ନାଗରିକଙ୍କ ଜୀବନ ଯାପନକୁ ସୁଗମ କରିଛି ।

### ଭାରତରେ ସେନ୍ସୋଡାଇନର ପ୍ରଥମ ମାଉଥ୍‌ୱାଶର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ହାଲିଅନ (ପୂର୍ବରୁ ଗ୍ଲାକ୍ସୋସ୍ମିଥ୍‌କ୍ଲାଇନ୍ କ୍ୟୁମର ହେଲ୍‌ଥକେୟାର ଭାବେ ପରିଚିତ) କମ୍ପାନୀର ଏକ ଅଗ୍ରଣୀ ଓରାଲ କେୟାର ବ୍ରାଣ୍ଡ ସେନ୍ସୋଡାଇନ ଏହାର ନୂତନ ଉଦ୍ଭାବନ- ସେନ୍ସୋଡାଇନ କମ୍ପ୍ଲିଟ ପ୍ରୋଟେକ୍ସନମାଉଥ୍‌ୱାଶର ଶୁଭାରମ୍ଭ କରିଛି। ଭାରତୀୟମାନେ ଅଧିକ ସ୍ୱାସ୍ଥ୍ୟ ସଚେତନ ହେଉଥିବାରୁ ସେନ୍ସୋଡାଇନ ଲୋକମାନଙ୍କୁ ସେମାନଙ୍କର ପାଟି ଯତ୍ନ ରୁଟିନରେ ମାଉଥ୍‌ୱାଶକୁ ସାମିଲ କରିବାର ଉପକାରିତା ସମ୍ପର୍କରେ ସଚେତନ କରିବାକୁ ଚାହୁଁଛି। ସେନ୍ସୋଡାଇନ କମ୍ପ୍ଲିଟ ପ୍ରୋଟେକ୍ସନ ମାଉଥ୍‌ୱାଶକୁ ପ୍ରତିଦିନର ବ୍ରଶ୍ କରିବା ରୁଟିନ୍‌କୁ ପରିପୂର୍ଣ୍ଣ କରିବା ଲାଗି ଡିଜାଇନ କରାଯାଇଛି ଯାହା ପାଟି ଯତ୍ନରେ ସୁରକ୍ଷାର ଏକ ଅତିରିକ୍ତ ସ୍ତର ଯୋଗ କରିଥାଏ। ଆଲ୍‌କୋହଲ ମୁକ୍ତ ଏକ ଫର୍ମୁଲେଶନ ସହିତ ଏହା ମଜଭୁତ ଦାନ୍ତ ବଜାୟ ରଖିବା ପାଇଁ ଦାନ୍ତ ସମ୍ବେଦନଶୀଳତା ଓ ଏନାମେଲ ୱେୟାର ବିରୋଧରେ ସୁରକ୍ଷା ପ୍ରଦାନ କରିଥାଏ। ଫ୍ଲୁରାଇଡର ଉପସ୍ଥିତି କ୍ୟାଭିଟି ବିରୋଧରେ ଲଢ଼ିବାରେ ସାହାଯ୍ୟ କରିଥାଏ ଏବଂ ରିଫ୍ରେସିଂ କୁଲ୍ ମିଂଟ୍ ଫ୍ଲେଭର୍ ଜଳିବା ଅନୁଭୂତି ବିନା ସତେଜତାର ଅନୁଭବ ପ୍ରଦାନ କରିଥାଏ।

# ମୂର୍ତ୍ତି ଚୋରି ଅଭିଯୋଗ : ୩ ଗିରଫ



ପୁରୀ (ସବ୍ୟୁ): ଗତ ୧୩ ତାରିଖରେ ପୁରୀ ତାଳବଣିଆ ଥାନାରେ ଅଭିଯୋଗ ହୋଇ ଥିବା ଏକ ମନ୍ଦିରରୁ ମୂର୍ତ୍ତି ଚୋରି ଘଟଣାରେ ପୋଲିସ ଏକ ମୂର୍ତ୍ତି ଚୋର ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସହ ଚୋରି ସାମଗ୍ରୀ କିଣିଥିବା ତିନିଜଣ ବ୍ୟକ୍ତିଙ୍କୁ ଗିରଫ କରିଛି ପୋଲିସ । ସେହିପରି ଏହି ମୂର୍ତ୍ତି ଚୋରି ଗ୍ୟାଙ୍ଗ ଠାରୁ ଚୋରି ହୋଇଥିବା ମୂଲ୍ୟବାନ ମୂର୍ତ୍ତି ସହ ସୁନା ଅଳଙ୍କାର ମଧ୍ୟ ଜବତ କରିଛି ପୋଲିସଛ ଏନେଇ ପୁରୀ ଏସପି ପିନାକ ମିଶ୍ର ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଜି ସୂଚନା ଦେଇଛନ୍ତି । ଗତ ୧୨ ତାରିଖ ରାତିରେ ମୁଖ୍ୟ ଅଭିଯୁକ୍ତ ରଞ୍ଜନ କୁମାର ଦାସ ତା'ର ଦୁଇ ସହଯୋଗୀ ବିକାଶ ବେହେରା ଏବଂ ଶୁଶୀଲ ପ୍ରଧାନ ତାଳବଣିଆ ଥାନା ଅନ୍ତର୍ଗତ ସର୍ବୋଦୟ ନଗରର ମୁକ୍ତେଶ୍ୱର ମନ୍ଦିରରୁ ମୂଲ୍ୟବାନ ଶିବ ପାର୍ବତୀ ମୂର୍ତ୍ତି ସହ ଠାକୁରଙ୍କ ମୂଲ୍ୟବାନ ଅଳଙ୍କାର ଲୁଟି ନେଇଥିଲେ । ପରେ ଏହାକୁ ପୁରୀ ସଦର ବାଲିପୁଟ ଅଞ୍ଚଳର ଗୁଣମଣି ପ୍ରଧାନ ଏବଂ ଜିତେନ୍ଦ୍ର କାହାଲଙ୍କୁ ବିକ୍ରି କରିଦେଇଥିଲେ । ତେବେ ଚୋରି ଘଟଣାର ଅନୁସନ୍ଧାନ ପୋଲିସ କରୁଥିବାବେଳେ ଏକ ବିଶେଷ ସୂତ୍ରରୁ ଖବର ପାଇ ସିଟି ଡିଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି ଅଭିଯୁକ୍ତ ମାନଙ୍କୁ ଧରିଥିଲେ । ଅଭିଯୁକ୍ତଙ୍କ ଠାରୁ ଶିବ ପାର୍ବତୀ ମୂର୍ତ୍ତି ସହ ସୁନା ରୂପା ଅଳଙ୍କାର ଜବତ ହୋଇଥିଲା । ତେବେ ଏହି ଗ୍ୟାଙ୍ଗକୁ ପୋଲିସ ରିମାଣ୍ଡରେ ଅଧିକ ପଚରାଉଚରା କରିବ ବୋଲି କହିଛନ୍ତି ଏସପି । ସେହିପରି ମନ୍ଦିରରୁ ଚୋରି ରୋକିବା ପାଇଁ ସମସ୍ତ ଧର୍ମାନୁଷ୍ଠାନର କମିଟି ମାନଙ୍କୁ ପୋଲିସ ପକ୍ଷରୁ ସଚେତନ କରାଯିବ । ଧର୍ମାନୁଷ୍ଠାନ ଗୁଡ଼ିକରେ ଏକାଧିକ ସିସିଟିଭି କ୍ୟାମେରା ଲଗାଯିବା ସହ ଘରୋଇ ସୁରକ୍ଷା କର୍ମୀ ନିୟୋଜିତ କରିବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯିବଛ ଏହାଦ୍ୱାରା ଧର୍ମାନୁଷ୍ଠାନ ଗୁଡ଼ିକରୁ ଚୋରି ରୋକି ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଏସ୍ପି ସୂଚନା ଦେଇଛନ୍ତି ।

## ରିଲିଜ୍ ହେଲା ଭୋଟ ର ଟ୍ରେଲର, ଫେବୃଆରୀ ୨୩ରେ ଶୁଭମୁକ୍ତି

ଭୁବନେଶ୍ୱର (ସବ୍ୟୁ): ଭୋଟ ବେଳ ପାଖେଇ ଆସୁଥିବାରୁ ଦର୍ଶକଙ୍କ ମନରେ ଆଗ୍ରହ ବଢ଼ିବାରେ ଲାଗିଛି । ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ରିତୁପ୍ରିୟା ପ୍ରଡ଼କସନ୍ସ ବ୍ୟାନର ରେ ଅତୀଶ କୁମାର ରାଉତ ଙ୍କ ପ୍ରଯୋଜନା ରେ ଭୋଟ ନିର୍ମିତ ହୋଇଛି । ଆସନ୍ତା ୨୩ ଫେବୃଆରୀ ରେ ମୁକ୍ତିଲାଭ କରିବା ପାଇଁ ପ୍ରଯୋଜନା ସଂସ୍ଥା ତରଫରୁ ଘୋଷଣା କରାଯାଇଥିବା ବେଳେ ଆଜି ଭୁବନେଶ୍ୱର ସ୍ଥିତ ଶୀତଲ ହୋଟେଲ ରେ ଏହାର ଟ୍ରେଲର ରିଲିଜ୍ ହୋଇଛି । ଏହି ଟ୍ରେଲର ରିଲିଜ୍ ଅବସରରେ ପ୍ରଯୋଜକ ଅତୀଶ କୁମାର ରାଉତ, ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, କାହାଣୀକାର ଅଜୟ ମହାପାତ୍ର, ସଂଗୀତ ନିର୍ଦ୍ଦେଶକ ବିକାଶ ଦାସ, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରଣୟ ଜେଠୀ ଙ୍କ ସମେତ ସମସ୍ତ କଳାକାର ଯୋଗଦେଇଥିଲେ । ରୁପାଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଆଗରୁ ଦର୍ଶକଙ୍କ ଅଭିଯୋଗ ଥିଲା ପାରିବାରିକ ସିନେମା ହେଉନଥିବାରୁ ଦର୍ଶକ ହଲ୍ ରୁ ମୁହଁ ଫେରେଇନେଉଛନ୍ତି । ହେଲେ ଏବେ ପ୍ରତିଟି ପରିବାରର ନିଛକ ମୌଳିକ କାହାଣୀକୁ ନେଇ ସିନେମା ତିଆରି ହେଉଛି ଯାହା ଫଳରେ ସପରିବାର ହଲ୍ ମୁହାଁ ହେଉଛନ୍ତି । ଅଜୟ ମହାପାତ୍ର ଙ୍କ ସୁ-ପ୍ରସିଦ୍ଧ ମଞ୍ଚ ନାଟକର କାହାଣୀକୁ ନିର୍ଦ୍ଦେଶନା ଦେଇଛନ୍ତି ନବାଗତ ଯୁବ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର । ଚିତ୍ରତ୍ତୋଳନ ଦାୟିତ୍ୱ ତୁଲାଇଛନ୍ତି କେରଲା ଷ୍ଟୋରୀ ର କ୍ୟାମେରାମାନ ପ୍ରଶାନ୍ତନୁ ମହାପାତ୍ର । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ୫ ସମ୍ପାଦନା କରିଥିଲେ ସ୍ୱର୍ଗତ ରବି ପଟ୍ଟନାୟକ । ମୋହିତ ଚକ୍ରବର୍ତ୍ତୀ ଏବଂ ବାପୁ ଗୋସ୍ୱାମୀ ଗୀତ ଗୁଡିକୁ ରଚନା କରିଛନ୍ତି ୫ ଓଲିଉଡ଼ ର ଆଗଧାଡିର କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଦିପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଲିପ୍ସା ମହାପାତ୍ର, ବିଷ୍ଣୁ ମୋହନ କବି ଏବଂ ସତ୍ୟଜିତ ପ୍ରଧାନ କଣ୍ଠଦାନ କରିଛନ୍ତି ।

## ଖୋର୍ଦ୍ଧା ପୌରାଞ୍ଚଳରେ ବିଜେଡି ନେତ୍ରୀ ବାସନ୍ତୀଙ୍କ ବାଇକ ଶୋଭାଯାତ୍ରା

ଖୋର୍ଦ୍ଧା (ସବ୍ୟୁ): ୨୦୨୪ ସାଧାରଣ ନିର୍ବାଚନ ଆଉ ଦିନ କେତଟା ବାକି ଥିବାବେଳେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ରେ ରାଜନୈତିକ ତାତି ଏବେଠୁ ସ୍ପଷ୍ଟ ବାରି ହୋଇ ପଡ଼ିଲାଣି । ଆଶାୟୀମାନଙ୍କ ମଧ୍ୟରେ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି



ବାସନ୍ତୀ ମହାପାତ୍ର ବିଜୁ ଜନତା ଦଳର ସଂଗଠନ କୁ ତୃଣମୂଳ ସ୍ତରରୁ ସୁଦୃଢ କରିବାକୁ ଦୀର୍ଘ ଦୁଇ ବର୍ଷ ଧରି ଅଣ୍ଟା ଭିଡି ବାହାରିଛନ୍ତି । ଏହି ଆଧାରରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ର ବିଭିନ୍ନ ଜୋନ ରେ ବରିଷ୍ଠ, ଯୁବଛାତ୍ର ଏବଂ ମହିଳାମାନଙ୍କୁ ସାଥିରେ ନେଇ ବାଇକ ଶୋଭାଯାତ୍ରା ରେ ପ୍ରତିଟି ୱାର୍ଡ ପରିକ୍ରମା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲୋକ କଲ୍ୟାଣକାରି ଯୋଜନା ଏବଂ ଓଡିଶା କୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ତାଙ୍କର ନିରବଚ୍ଛିନ୍ନ ପ୍ରତିବଦ୍ଧତା ସମ୍ପର୍କ ରେ ସାଧାରଣ ରେ ଅବଗତ କରାଇବାସହ ପୁନଃଶ୍ଚ ଷଷ୍ଠ ଥର ପାଇ ମୁଖ୍ୟମନ୍ତ୍ରୀ ପଦରେ ବସାଇବାକୁ ସମସ୍ତେ ଭେଦଭାବ ଭୂଲି ଏକଜୁଟ ହୋଇ କାର୍ଯ୍ୟ କରିବାକୁ ନିବେଦନ ବାଡୁଛନ୍ତି। ତେବେ ଗ୍ରାମାଞ୍ଚଳ ପରେ ଆଜି ଖୋର୍ଦ୍ଧା ପୌରପରିଷଦ ର ୨୨ଟି ୱାର୍ଡ ରେ ପରିକ୍ରମା କରି ଘରେ ଘରେ ଶଙ୍ଖ ଓ ହୃଦୟଯୋଡ ଯାତ୍ରା କୁ ଆଗେଇ ନେଇଥିଲେ। ପ୍ରତିଟି ୱାର୍ଡ ରେ ମହିଳାମାନଙ୍କ ଦ୍ୱାରା ଶ୍ରୀମତୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ନବୀନ ସରକାରଙ୍କ ଦ୍ୱାରା ପୌରାଞ୍ଚଳକୁ ଦିଆଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସେ ଲୋକଙ୍କୁ ସଚେତନ କରାଇଥିଲେ । ମହିଳା, ଯୁବକମାନଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ଆଦର୍ଶ କଲୋନୀ, ବିଶୁଦ୍ଧପାନୀୟ ଜଳ ଯୋଗାଣ, ପୌରାଞ୍ଚଳର ପରିମଳ ପରିଚାଳନା ରେ ଏମସିସ ଓ ଏମଆରଏଫ ନିର୍ମାଣ, ଜାଗା ମିଶନ ରେ ଲୋକଙ୍କ ପଟ୍ଟା ପ୍ରଦାନ, ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପ ଯୋଗାଇବା ପ୍ରଭୃତି ସଂପର୍କରେ ଲୋକଙ୍କ ସଚେତନ କରାଇଥିଲେ । ତେବେ ଖୋର୍ଦ୍ଧା ପୌର ପରିଷଦ ୨୨ ଗୋଟି ୱାର୍ଡରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଯୁବକ ଛାତ୍ର ଏହି ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

### ସିଏମସି ଅଭିଯୋଗ ସମାଧାନ ସଭା

# ୨୯ଟି ସମସ୍ୟା ସମାଧାନ

କଟକ (ସବ୍ୟୁ): କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ବିକାଶ ଭବନ କାର୍ଯ୍ୟାଳୟରେ ଏକ ଅଭିଯୋଗ ସମାଧାନ ସଭା କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । କମିଶନର ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଅଭିଯୋଗର ପ୍ରତିକାର ନେଇ ଶୁଣାଣି କରାଯାଇଥିଲା । ଏଥିରେ ସମୁଦାୟ ୨୯ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରେ ସିଟି ଇଂଜିନିୟରିଂ ବିଭାଗୀର ୧୦ଟି, ଏନଫୋର୍ସମେଣ୍ଟ ୩ଟି, ସ୍ୱାସ୍ଥ୍ୟ ସଂପର୍କିତ ଗୋଟିଏ, ପରିମଳ ଉପରେ ଗୋଟିଏ, ବସ୍ତି ଉନ୍ନୟନ ସଂପର୍କିତ ୩ଟି, ଲାଇସେନ୍ସ ଉପରେ ୩ଟି, ଜମିଜମା ସଂକ୍ରାନ୍ତୀୟ ଗୋଟିଏ, ଏଷ୍ଟାବ୍ଲିଶମେ ୫ଟି ଯୁଗ୍ମ କମିଶନର ଗୋଟିଏ ଓ ସିଡିଏ ସେକ୍ରେଟାରୀ ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି । ଅନୁଷ୍ଠିତ ସଭାରେ କମିଶନର ଶ୍ରୀ ସ୍ୱାଇଁଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଟୁଡୁ, ସିଟି ଇଂଜିନିୟର ଅତନୁ ସାମନ୍ତ, ଯୁଗ୍ମ କମିଶନର ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଡେପୁଟି କମିଶନର ଶ୍ୱେତସ୍ନିଗ୍ଧା, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା ଓ ଡେପୁଟି କମିଶନର (ପରିମଳ) ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଦି ବଡ଼ି ସପ ସହିତ ଡ଼ାଏନା ପେଂଟି ସହଭାଗିତାରେ ବ୍ରିଟିଶ ରୋଜ ରେ ଏକ ନୂତନ ଡ଼ିଜିଟାଲ ଫିଲ୍ମ ଉତ୍ସବ ପାଳନ କରିବ

ଭୁବନେଶ୍ୱର (ସବ୍ୟୁ): ଦି ବଡ଼ି ସପ୍ର ବ୍ରିଟିଶ ରୋଜବଡ଼ି ଯତ୍ନର ସମ୍ଭାର ଭାରତୀୟ ଗ୍ରାହକଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି। ଏହାର ବିଭିନ୍ନ ପ୍ରକାରର ସ୍ୱଭାବ - ପୁଷ୍ପସଜ୍ଜିତ ସୁବାସ, ପରିତୁଷ୍ଟକାରୀ ଗଠନ, ଶତ ପ୍ରତିଶତ ସନ୍ତୁଷ୍ଟକାରୀ ପରିପ୍ରକାଶ ଏକ ସ୍ୱ-ଯତ୍ନକାରୀ ଅଭିଜ୍ଞତା ପ୍ରଦାନ କରିବା ସହିତ ଆପଣଙ୍କ ତ୍ୱଚାକୁ କୋମଳ ତଥା ଫୁଲ ପାଖୁଡ଼ାର ସୁବାସର ଆବୃତ କରିପାରିବ। ଏଭଳି ଏକ ପରିସ୍ଫୁଟ ସହଭାଗିତାରେ ଡ଼ାଏନା ପେଂଟିଙ୍କ ବିଚ୍ଛକ୍ଷଣ ବ୍ୟକ୍ତିତ୍ୱ ଆହୁରି ଅଧିକ ମୁଖରିତ ହେବ ଏକ ନୂତନ ଯୋଗାଯୋଗ ଅଭିଯାନ ଜରିଆରେ ସଦ୍ୟ ଶକ୍ତିକୁ ଆହୁରି ଅନୁପ୍ରାଣିତ କରିବ । ଦି ବ୍ରିଟିଶ ରୋଜ ଅଭିଜାନର ଏହି ଉନ୍ମୋଚନ ଅବସରରେ ନିଜର ମତବ୍ୟକ୍ତ କରି ମିସ୍ ହରମିତ ସିଂହ, ଉପାଧ୍ୟକ୍ଷ, ଦି ବଡ଼ି ସପ୍ ଇଣ୍ଡିଆ ଉତ୍ପାଦ, ମୋର୍କେଟିଂ ଏବଂ ଡ଼ିଜିଟାଲ କହିଛନ୍ତି

### ଓଷ୍ଟାର ଅହୋରାତ୍ର ଗଣଧାରଣା ତ୍ରୟୋଦଶ ଦିବସରେ

# ଦାବୀ ପୂରଣ କର ନହେଲେ ଦୁର୍ବାର ଆନ୍ଦୋଳନ

ଭୁବନେଶ୍ୱର (ସବ୍ୟୁ) : ବିଭିନ୍ନ ଦାବି ନେଇ ବିଧାନସଭା ସମ୍ମୁଖରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଚାଲିଥିବା ଧାରଣା ଓ ଆନ୍ଦୋଳନ ୧୩ ଦିନରେ ପହଞ୍ଚିଛି । ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଶୀତ କାକରକୁ ନମାନି




ରାଜରାସ୍ତାରେ ବସିଛନ୍ତି । ଏପଟେ ୬ଲକ୍ଷ ପିଲାଙ୍କର ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି । ପରୀକ୍ଷାରେ ଏହି ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲାବେଳେ ଏମାନଙ୍କ ଦାବି ପୁରଣ ଦିଗରେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି । ସମସ୍ୟା ସମାଧାନର ନାଁ ଧରୁନାହାଁନ୍ତି । ୨୫/୩୦ବର୍ଷ ଧରି ବିନା ଦରମାରେ ଖଟିବା ପରେ ଆଉ କଣ ଅଛି ଯେ, ସ୍କୁଲକୁ ଫେରିବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । କେବଳ ଏତିକି ନୁହେଁ ସରକାର ଯଦି ଆମ ଦୁଃଖ ନଶୁଣିବେ ଏଇଠି ବସିବୁ ଜଳ ସ୍ପର୍ଶ କରିବୁନାହିଁ । ତା ପରେ ଯାହା ହେବ ସରକାର ଦାୟୀ ରହିବେ । ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଆମେ ଦରମା ବୃଦ୍ଧି ପାଇଁ ଅଡି ବସୁନାହୁ । ଯାହା ଆଇନରେ ଅଛି ସରକାର ତାହା କରୁନାହାଁନ୍ତି । ସରକାରୀ ନିୟମ ଅନୁଯାୟୀ ବିଦ୍ୟାଳୟଟି ଅନୁଦାନ ଯୋଗ୍ୟ ହେଲେ ମଧ୍ୟ ଅନୁଦାନ ଦେଉନାହାଁନ୍ତି । ସମସ୍ତ ରାଜ୍ୟ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ପ୍ରଦାନ କରାଯାଉଥିଲାବେଳେ କେବଳ ୨୨୬ ଓ ୩୯୯ ବିଦ୍ୟାଳୟରେ ପାଠ ପଢ଼ାଉଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଏଥିରୁ ବଞ୍ଚିତ କରି ରଖାଯାଇଛି । ପେନ୍ ପାଇବା ଏକ ସାମ୍ବିଧାନିକ ଅଧିକାର । ମାତ୍ର ୩୦ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷାଦାନ କରି ଅବସର ନେବାବେଳେ ରିକ୍ତ ହସ୍ତରେ ଆମେ କାହିଁକି ବିଦାୟ ନେବୁ ବୋଲି ସେ ପ୍ରଶ୍ନ କରିଛନ୍ତି । ତେବେ ମାଟ୍ରିକ୍ ପରୀକ୍ଷାରେ ଆମେ ସହଯୋଗ କରିବୁ କିନ୍ତୁ ଦାବି ପୁରଣ ପାଇଁ ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ କହିଛନ୍ତି ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଲେ ଡାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ



ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଡ଼ାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ ସୋମବାର ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। କିଛି ଦିନ ତଳେ ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ଆର୍ତବନ୍ଧୁ ନାୟକଙ୍କ ରାଜ୍ୟ ନର୍ସିଂ ବିଭାଗ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିବାରୁ ଏହି ପଦବୀ ଖାଲି ପଡ଼ିଥିଲା। ଆଜି ଶ୍ରୀମତୀ ପଟ୍ଟନାୟକ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ରଘୁନାଥ ନାୟକଙ୍କ ଠାରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନା ଯୋଗ୍ୟ ଶ୍ରୀମତୀ ପଟ୍ଟନାୟକ ଏହା ପୂର୍ବରୁ କ୍ୟାପିଟାଲ ହସ୍ପିଟାଲରେ ନିଦାନ ବିଭାଗ ନିର୍ଦ୍ଦେଶକଭାବେ କାର୍ଯ୍ୟରତ ଥିଲେ। ଜିଲ୍ଲାରେ ଉନ୍ନତ ରୋଗୀ ସେବା ଏବଂ ବିଭିନ୍ନ ଡ଼ାକ୍ତରଖାନାରେ ଖାଲି ପଡ଼ିଥିବା ପଦ ପଦବୀଗୁଡ଼ିକୁ ପୂରଣ କରିବାରେ ଚେଷ୍ଟା କରାଯିବା ସହିତ ରୋଗୀ ଏବଂ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ସମସ୍ତ ଡ଼ାକ୍ତର ଏବଂ କର୍ମଚାରୀଙ୍କୁ ସେ ଅନୁରୋଧ କରିଥିଲେ।

# ବିଦ୍ୟାଧରପୁର ଲକ୍ଷ୍ମୀ ବସ୍ ଷ୍ଟପେଜ ଉଦ୍‌ଘାଟିତ

କଟକ, (ସ୍ୱପ୍ର): କଟକସଦର ବ୍ଲକ ନିକଟରୁ ୪ ଟି ଲକ୍ଷ୍ମୀ ବସ୍ ଗ୍ରାମାଞ୍ଚଳକୁ ଯିବା ଆସିବା କରିବ । ଏହି ଲକ୍ଷ୍ମୀ ବସ୍ ସେବା କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟନ କରିଛନ୍ତି । କଟକସଦର ବ୍ଲକ ନିକଟରୁ ଅଥଙ୍ଗା, ଆୟଉପୁର, ଚାହୁଲି ଓ ବମ୍ପକୁଦ (ଆମଣପଡା) ପ୍ରଭୃତି ୪ଟି ସ୍ଥାନକୁ ଲକ୍ଷ୍ମୀବସ୍ ସୋମବାର ଠାରୁ ଗମନାଗମନ କରିବ। ସ୍ଥାନୀୟ ୫୫ନଂ ୱାର୍ଡ ଅନ୍ତର୍ଗତ ବିଦ୍ୟାଧରପୁର ମୁଖ୍ୟ ରାସ୍ତାପାର୍ଶ୍ୱରେ ଆମ ଓଡ଼ିଶା ନବୀନ ଓଡିଶା ତରଫରୁ କଟକସଦର ବ୍ଲକ ଜରିଆରେ ଲକ୍ଷ୍ମୀ ବସ ଷ୍ଟପେଜ ନିର୍ମୀତ ହୋଇଥିଲା । ଏହି ଷ୍ଟପେଜକୁ ସୋମବାର ଗତିରାଉତପାଟଣା ଓମ୍ ସାଇରାମ ଏସଏଚଜି ଗ୍ରୁପର ସଦସ୍ୟା ସବିତା ଦଳାଇ ଉଦ୍‌ଘାଟନ କରିଥିଲେ। ଏହି ବସ୍‌ରେ ଏଣିକି ୫ଟଙ୍କାରେ ଲୋକମାନେ ଯିବା ଆସିବା କରିପାରିବେ। ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଙ୍କ ଉପରେ ନ୍ୟସ୍ତ କରାଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପିଡ଼ି ସୁବାସ ଚନ୍ଦ୍ର ରାୟ, ବିଡ଼ିଓ ରୁମାନା ଜାଫ୍ରି, ବ୍ଲକ ଯନ୍ତ୍ରୀ ସତ୍ୟରଞ୍ଜନ ମିଶ୍ର, ସୋନାଲି ପ୍ରିୟଦର୍ଶନୀ, ଆକାଉଣ୍ଟ ସରିଚିକା ବିଶ୍ୱାଳ, ବିଏଲସି ସମାପିକା ଦାସ, ଜିଲ୍ଲା ଟ୍ରାନ୍ସପୋର୍ଟ ମ୍ୟାନେଜର ହୃଷିକେଶ



ଦାସ ଓ ଆସିଷ୍ଟାଣ୍ଡ ମ୍ୟାନେଜର ଶାଶ୍ୱତ ପ୍ରଧାନଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀମାନେ ଓ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ରହି ସହାୟତା କରିଥିଲେ ।

### ଟିପିଡବ୍ଲ୍ୟୁଓଏଲର ସାମାଜିକ ଦାୟିତ୍ୱବୋଧ ବିଭାଗ ପକ୍ଷରୁ

# ପଶ୍ଚିମ ଓଡ଼ିଶାରେ ଜାରି ରହିଛି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର (ସବ୍ୟୁ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ପଶ୍ଚିମ ଓଡ଼ିଶାରେ ନିରନ୍ତର, ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇ ଦେବା ସହିତ ଏକ ପ୍ରତିଷ୍ଠିତ କର୍ପୋରେଟ୍ ସଂସ୍ଥା ଭାବେ ନିଜର ସାମାଜିକ ଦାୟିତ୍ୱବୋଧ ପ୍ରତି ମଧ୍ୟ ପ୍ରତିବଦ୍ଧ । ଯାହାର ଏକ ଜ୍ୱଳନ୍ତ ପ୍ରତିଫଳନ ହେଉଛି କମ୍ପାନୀ ପକ୍ଷରୁ ପଶ୍ଚିମ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ବୁଲୁଥିବା ମୋବାଇଲ୍ ହେଲ୍ଥ ଡିସପେନସାରି ଭ୍ୟାନ୍ । ଟିପିଡବ୍ଲ୍ୟୁଓଡିଏଲର ସାମାଜିକ ଦାୟିତ୍ୱବୋଧ ବିଭାଗ ତରଫରୁ ଏହି ଅଭିନବ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡି, ସୁବର୍ଣ୍ଣପୁର ଏବଂ ଦେଓଗଡ଼ ଜିଲ୍ଲାର ଜାରି ରହିଛି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ।

ଯାହାର ମୂଳଲକ୍ଷ୍ୟ ହେଉଛି ପଶ୍ଚିମ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ତଥା ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଲୋକମାନଙ୍କୁ ଅତ୍ୟାବଶ୍ୟକ ଚିକିତ୍ସା ଯୋଗାଇବା । ଦୁର୍ଗମ ଅଞ୍ଚଳରେ ବ୍ୟାପୁଥିବା ବିଭିନ୍ନ ସଂକ୍ରାମକ ରୋଗର ଚିକିତ୍ସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ମୋବାଇଲ୍ ହେଲ୍ଥ ଡିସପେନସାରି ଭ୍ୟାନର ଗତିପଥ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯାଏ । ଏହି ମୋବାଇଲ୍ ହେଲଥ୍ ଡିସପେନସାରି ଭ୍ୟାନଟି ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କୁ ନେଇ ସୁସଜ୍ଜିତ ହୋଇଛି । ଯାହା ବିଭିନ୍ନ ପ୍ରକାରର ପ୍ରାଥମିକ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ ତଥା ବିଭିନ୍ନ ରୋଗ ପାଇଁ ମୌଳିକ ଔଷଦ ପ୍ରଦାନ କରିଥାଏ । ଚଳିତ ବର୍ଷ ଜାନୁଆରୀ ମାସରେ କେବଳ ଏହି ଭ୍ରାମ୍ୟମାଣ ଭ୍ୟାନଟି କେବଳ ୫୪୮୬ ରୋଗୀଙ୍କ ନିକଟରେ ପହଞ୍ଚି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ଓ ମୌଳିକ ଔଷଧ ପ୍ରଦାନ କରିଛି ।

### ଉଦ୍‌ଘାଟିତ ହେଲା କିସ୍‌ର ବୌଦ୍ଧ ଶାଖା, ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ଭୂମି ପୂଜନ

# ବିପିଏଲ୍ ବର୍ଗର ଛାତ୍ରଛାତ୍ରୀଙ୍କୁ ବିନାଦେୟରେ ଇଂରାଜୀ ମାଧ୍ୟମ ଶିକ୍ଷା

ଭୁବନେଶ୍ୱର (ସବ୍ୟୁ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ବୌଦ୍ଧ ଜିଲ୍ଲା ଲୁଣିବାହାଲଠାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍ (କିସ୍)- ବୌଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଉଦ୍‌ଘାଟନ ଓ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲ୍‌ର ଭୂମି ପୂଜନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ କଂଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣା, ଜିଲ୍ଲା ପରିଷଦ ସଭାପତି ପ୍ରଭାସିନୀ ଦାସ, ବୌଦ୍ଧ ଜିଲ୍ଲାପାଳ ଜେ ସୋନାଲ୍ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଶ୍ରୀ ଅମାତ କହିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ଆହୁରି ଆଗକୁ ନେଇଛନ୍ତି ଅଚ୍ୟୁତ ସାମନ୍ତ । ଲୁଣିବାହାଲରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ କିସ୍-ବୌଦ୍ଧ ଓ ହସ୍ପିଟାଲ୍ ପ୍ରତିଷ୍ଠା ହେବା ଦ୍ୱାରା ବୌଦ୍ଧ ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ




କ୍ଷେତ୍ରରେ ଅଗ୍ରଗତି କରିବ । ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ କହିଲେ, ବୌଦ୍ଧ ଜିଲ୍ଲାର ଗରିବ (ବିପିଏଲ୍) ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ କିସ୍-ବୌଦ୍ଧ ପ୍ରତିଷ୍ଠା କରାଯାଇଛି । ଏହି ବିଦ୍ୟାଳୟରେ ବିପିଏଲ୍ ବର୍ଗର ପିଲାମାନେ ବିନା ଦେୟରେ ଇଂରାଜୀ ମାଧ୍ୟମ (ସିବିଏସ୍‌ଇ)ରେ ଶିକ୍ଷାଲାଭ କରିବେ । ଏହି ବିଦ୍ୟାଳୟ କିସ୍- ଭୁବନେଶ୍ୱର ଦ୍ୱାରା ପରିଚାଳିତ ହେବ । ଚଳିତ ଶିକ୍ଷାବର୍ଷଠାରୁ ଏହି ବିଦ୍ୟାଳୟରେ ନାମଲେଖା ଆରମ୍ଭ ହୋଇ ଶିକ୍ଷାଦାନ କରାଯାଇପାରିବ । ଏଠାରୁ ଉତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀ କିଟ୍ରେ ପିବାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସାମନ୍ତ କହିଥିଲେ । ସେହିପରି ବୌଦ୍ଧ ଜିଲ୍ଲାର ଲୋକମାନଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ସାଂସଦଙ୍କ ପ୍ରୟାସ କ୍ରମେ ଲୁଣିବାହାଲଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ସଂପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ହସ୍ପିଟାଲ୍ ନିର୍ମାଣ ହେବାକୁ ଯାଉଛି । ସାଂସଦଙ୍କ ପ୍ରତିଷ୍ଠିତ କିମ୍ସ ଭୁବନେଶ୍ୱର ଦ୍ୱାରା ଏହି ହସ୍ପିଟାଲ୍ ପରିଚାଳନା ହେବ । ପରେ ଏହି ହସ୍ପିଟାଲକୁ ୨୦୦ ଶଯ୍ୟା ବିଶିଷ୍ଟ କରାଯିବ । ଏହି ହସ୍ପିଟାଲ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଓ ନିଦାନ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଥିଲେ । କିସ୍-ବୌଦ୍ଧରେ ବୌଦ୍ଧ ଜିଲ୍ଲାର ୧୦୦ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବାକୁ ଥିବା ବେଳେ ଉକ୍ତ ହସ୍ପିଟାଲ୍ରେ ଜିଲ୍ଲାର ୧୫୦ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ । କଣ୍ଟାମାଳ ବିଧାୟକ ଶ୍ରୀ ରଣା କହିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଚ୍ୟୁତ ସାମନ୍ତ ଭଳି ଜଣେ ବ୍ୟକ୍ତିଙ୍କୁ ଆମକୁ ସାଂସଦ ଭାବେ ଦେଇଥିବାରୁ ଆମେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୩୬ ସୁଦ୍ଧା ଶ୍ରେଷ୍ଠ ଓଡିଶା ଗଠନର ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ସାଂସଦ ଶ୍ରୀ ସାମନ୍ତ ଦୁଇ ପାଦ ଆଗେଇ ନେଇଛନ୍ତି ବୋଲି ସେ କହିଥିଲେ ।

ଶିକ୍ଷା ମନ୍ତ୍ରଣାଳୟ
ଭାରତ ସରକାର

# ବିକଶିତ ଭାରତ ଦିଗରେ ଦ୍ରୁତ ଅଗ୍ରସର



## ରାଷ୍ଟ୍ର ଉଦ୍ଦେଶ୍ୟରେ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଟ. ୧୩,୩୦୦ କୋଟି ରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପଗୁଡିକର ଏକ ଉପହାର

ମାନ୍ୟବର ପ୍ରଧାନମନ୍ତ୍ରୀ

**ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ**

ଉଦ୍‌ଘାଟନ କରିବେ

ସମଗ୍ର ଦେଶରେ **୧୩, ୩୦୦କୋଟି** ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ
(୨୫ଟି କେନ୍ଦ୍ରୀୟ ବିଦ୍ୟାଳୟ, ୧୯ଟି ଜବାହର ନବୋଦୟ ବିଦ୍ୟାଳୟ, ୧୨ ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୧୦ଟି ଆଇଆଇଟି, ୫ଟି ଆଇଆଇଆଇଟି, ୩ଟି ଆଇଆଇଏମ, ୨ଟି ଆଇଆଇସିଇଆର, ୪ଟି ଏନଆଇଟି, ୧ଟି ଏଆଇସିଟିଇ ଏବଂ ୨ଟି ଦକ୍ଷତା ବିକାଶ ପ୍ରତିଷ୍ଠାନ)

ଏବଂ

୭୮ଟି ବିଶ୍ୱବିଦ୍ୟାଳୟ ପାଇଁ **୩,୬୦୦** କୋଟି ଟଙ୍କା ମୂଲ୍ୟର ମଞ୍ଜୁରିପ୍ରାପ୍ତ ପ୍ରକଳ୍ପ
**ପିଏମ ଉଷା** ଅନୁଯାୟୀ

| ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ | ଉଦ୍‌ଘାଟନ | ଶିଳାନ୍ୟାସ |
|---|---|---|
| ଟ. ୬,୯୦୦ କୋଟି | ଟ. ୩,୦୦୦ କୋଟି | ଟ. ୩,୪୦୦ କୋଟି |

ସମଗ୍ର ଦେଶରେ ଛାତ୍ର-ଛାତ୍ରୀମାନଙ୍କ ଶିକ୍ଷା ଆବଶ୍ୟକତା ପୂରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ
ରାଷ୍ଟ୍ରବ୍ୟାପୀ ଶିକ୍ଷାନୁଷ୍ଠାନ ଗୁଡିକର ସଂପ୍ରସାରଣ
ସମଗ୍ର ଦେଶରେ ପ୍ରତ୍ୟେକ ଅଞ୍ଚଳକୁ ମିଳିବ ଉନ୍ନତମାନର ଶିକ୍ଷା

### ଗରିମାମୟ ଉପସ୍ଥିତି

**ଶ୍ରୀ ମନୋଜ କୁମାର ସିହ୍ନା**
ମାନ୍ୟବର ଲେଫ୍‌ନାଣ୍ଟ ଗଭର୍ଣ୍ଣର
କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ ଓ କାଶ୍ମୀର

**ଶ୍ରୀ ଯୁଗଳ କିଶୋର ଶର୍ମା**
ମାନ୍ୟବର ସଂସଦ ସଦସ୍ୟ (ଲୋକସଭା)
କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ ଓ କାଶ୍ମୀର

**ଡକ୍ଟର ଜୀତେନ୍ଦ୍ର ସିଂହ**
ମାନ୍ୟବର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
ବିଜ୍ଞାନ ଏବଂ ପ୍ରଯୁକ୍ତି

**ଶ୍ରୀ ଗୁଲାମ ଅଲ୍ଲୀ ଖତାନା**
ମାନ୍ୟବର ସଂସଦ ସଦସ୍ୟ (ରାଜ୍ୟସଭା)
କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ ଓ କାଶ୍ମୀର

cbc 21201/13/0008/2324

ସ୍ଥାନ - ଜାମ୍ମୁ | ଫେବୃଆରୀ ୨୦, ୨୦୨୪, ମଙ୍ଗଳବାର | ସମୟ : ପୂର୍ବାହ୍ନ ୧୧.୦୦











ସିଧା ପ୍ରସାରଣ ଡିଡି ନ୍ୟୁଜ୍‌ରେ

# ମୋଟେର ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



କୋକସରା, (ସବ୍ୟୁ) : କୋକସରା ବ୍ଲକ ମୋଟେର ନୋଡାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୦୪ ମସିହାରେ ସ୍ଥାପିତ ହୋଇ ୧୯ ଦଶକରୁ ତାର ଗୌରବ ରହି ଆସିଅଛି । ଆଜି ମଧ ଏହି ବିଦ୍ୟାଳୟ ଆଗେଇ ଚାଲିଛି । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ରେ ପୁରସ୍କୃତ ହୋଇ ମୋଟେର ଅଂଚଳର ଶୋଭବର୍ଦ୍ଧନ କରିପାରିଛି । ରବିବାର ଭବାନୀପାଟଣା ସ୍ଥିତ ଡାଇଟ ଠାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଠାରୁ ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ପୁଝାରୀ, ମୋଟେର ସିଆରସିସି ଦିଲ୍ଲୀପ ସାହୁ, ଏବିଇଓ ତଥା ବିଆରସିସି ତୋଫାନ ମାଝୀ ମୁଖ୍ୟମନ୍ତ୍ରୀ ଶିକ୍ଷା ୨୦୨୪ ପୁରସ୍କାର ଗ୍ରହଣ କରିଛନ୍ତି । ଏହି ଖବର ପ୍ରସାରିତ ହେବା ପରେ କୋକସରା ଅଞ୍ଚଳ ସ୍କୁଲ କମିଟି, ଅଭିଭାବକ ମହଲରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟୁଛି । ଏହି ନୋଡାଲ ସ୍କୁଲ କୋକସରା ବ୍ଲକ ଦ୍ୱାର ଦେଶରେ ଜାତୀୟ ରାଜପଥ ୨୬ କଡ଼ରେ ମୋଟେର ଗ୍ରାମରେ ଅବସ୍ଥିତ । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ପାଇବାରେ ପ୍ରଥମ ସ୍ଥାନରେ ଥିବା ଜଣାପଡିଛି ।

**ଲକ୍ଷ୍ମୀ ମାଝି ମୃତ୍ୟୁ ଘଟଣା**

# ସିବିଆଇ ତଦନ୍ତ ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଲା ଆଦିବାସୀ ମହାସଂଘ

ରାୟଗଡା, (ସବ୍ୟୁ) : ରାୟଗଡା ଜିଲ୍ଲାର ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମା' ଗୃହର କାର୍ଯ୍ୟରତ ମହିଳା ଲକ୍ଷ୍ମୀ ମାଝିଙ୍କର ମୃତ୍ୟୁକୁ ଇତି ମଧ୍ୟରେ ୫୦ ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ହତ୍ୟାକରୀଙ୍କୁ ଖୋଜି ନପାଇବା ଆଦିବାସୀ ସମ୍ପ୍ରଦାୟ ପାଇଁ କୁଠାରଘାତ ବୋଲି ରାଜ୍ୟ ଆଦିବାସୀ ମହାସଂଘ ଦାବୀ କରିଛି । ଏହି ଘଟଣା ହତ୍ୟାର କାରଣ ଆଜି ପର୍ଯ୍ୟନ୍ତ ଅସ୍ପଷ୍ଟ ହୋଇ ରହିଛି । ଲକ୍ଷ୍ମୀ ମାଝିଙ୍କ ମୃତ୍ୟୁକୁ ନେଇ ବିଜେପି ଓ କଂଗ୍ରେସ ତରଫରୁ ଜିଲ୍ଲା ବନ୍ଦ ଡାକରା ଦେବା ପରେ ଆଦିବାସୀ ମହାସଂଘ ପକ୍ଷରୁ ମଧ ଲକ୍ଷ୍ମୀଙ୍କୁ ନ୍ୟାୟ ମିଳୁ ଦାବି ନେଇ ଆନ୍ଦୋଳନ କରୁଛି । ଆଜି ଏହି ପରିପ୍ରେକ୍ଷୀରେ ଆଦିବାସୀ ମହାସଂଘର ଶତଧିକ ମହିଳା ପୁରୁଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲା। ଆଦିବାସୀ ମହାସଂଘର ସଭାପତି କରମା ଲାକ୍ରା, ସାଧାରଣ ସଂପାଦକ ଶରତ ଚନ୍ଦ୍ର ନାୟକ,ରାଜ୍ୟ ସଂଯୋଜକ ରବୀନ୍ଦ୍ର ମାଡ଼ି,ଘାସିରାମ ମାଝି, ଆପାଲସ୍ୱାମୀ କାଡ୍ରାକା, ମଞ୍ଜୁଳା ମିନିଆକା ପ୍ରମୁଖ ପୁଲିସ ବିଭାଗ ଉପରେ ଗର୍ଜିଥିଲେ । ଆଜି ସକାଳୁ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତେ ଏକତ୍ରୀତ ହୋଇଏକ ବିରାଟ ରାଲିରେ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ସଂଘର କର୍ମକର୍ତ୍ତା ଜିଲ୍ଲାପାଳଙ୍କ କାର୍ଯ୍ୟାଳ ସମ୍ମୁଖରେ ପହଞ୍ଚି ନାରାବାଜି କରିଥିଲେ । କୌଣସି ରାଜନୈତିକ ଦଳ ଆଦିବାସୀ ଅସୁବିଧା ସମୟରେ ସହଯୋଗ କରୁନଥିବା କହିଥିଲେ । ଆଦିବାସୀ ନିଜେ ନିଜ ଲୋକଙ୍କ ପାଇଁ ଲଢ଼ିବ ବୋଲି କହିଥିଲେ । ଲକ୍ଷ୍ମୀ ମାଝିଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା । କ୍ରାଇମବ୍ରାଞ୍ଚ ଉପରେ ସଂଘର ଆସ୍ଥା ଉଠିଯାଇଛି,ସେମାନେ ସିବିଆ ତଦନ୍ତ ଦାବି କରିଥିଲେ । ଆଗକୁ ନିର୍ବାଚନ ରହିଥିବା ବେଳେ ଆଦିବାସୀମାନେ ସେମାନଙ୍କର ପରାକ୍ରମ ଦେଖାଇବେ ବୋଲି ଚେତାବନୀ ଦେଇଥିଲେ । ଗାଁ ଗାଁକୁ ନେତା ଆସିଲେ ସହଯୋଗ କରାଯିବ ନାହିଁ ବୋଲି ସଫା ସଫା ମନା କରିଥିଲେ । ଜିଲ୍ଲାରେ ଆଦିବାସୀଙ୍କୁ ନ୍ୟାୟ ମିଳୁନାହିଁ । ହତ୍ୟାକାରୀ ବୁଲୁଥିଲେ ମଧ ପୁଲିସ କାହିଁକି ଚୁପ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇଛି । ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଚାରୋଟି ଦାବି ରହିଛି । ସେଥିମଧ୍ୟରୁ ବାପା ବେଲଧର ମାଝି ଝିଅ କାମ କରୁଥିବା ଆଲିସା ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ନରିସଂହ ମହାପାତ୍ରଙ୍କୁ କାହିଁକି ଗିରଫ କରୁନାହିଁ, ଜଣେ ମହିଳାଙ୍କୁ ନିଆଁ ଲଗାଇ ପୋଡି ଦେବା ଆଦିବାସୀ ସମାଜକୁ ଧକ୍କା ଦେଇଛି, ଆଗାମୀ ଦିନରେ ଜିଲ୍ଲା ବନ୍ଦ ଡାକରା ଦେବ ଆଦିବାସୀ ମହାସଂଘ । କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ସରକାର ଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ଫଳ ମିଳିପାରିଲା ନାହିଁ । ତୁରନ୍ତ ଅଭିଯୁକ୍ତକୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଓଡ଼ିଶା ଆଦିବାସୀ ମହାସଂଘର ସାଧାରଣ ସଂପାଦକ ଶରତ ଚନ୍ଦ୍ର ନାୟକ, ରାୟଗଡା ଜିଲ୍ଲା ସଭାପତି ବସନ୍ତ କୁମାର ପେଣ୍ଡେନ୍ତି ଏବଂ କଳାହାଣ୍ଡି ଜିଲ୍ଲା ସଭାପତି ପ୍ରକାଶ ମାଝି ଦାବି କରିଛନ୍ତି ।

## ବୋରିଗୁମ୍ମା ଏନଏସି ପ୍ରସଙ୍ଗ

# ଖୁବଶୀଘ୍ର ପାଇବେ ଖୁସି ଖବର : ରବି ନନ୍ଦ



ବୋରିଗୁମ୍ମା, (ସବ୍ୟୁ) : ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ନିର୍ବାଚନୀ ଉଷ୍ମତା ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି । ତେବେ ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ବୋରିଗୁମ୍ମା ଏନଏସି ମାନ୍ୟତା ପ୍ରସଙ୍ଗ କୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ତିନି ଦଳର ନେତା ଙ୍କ ବୟାନ ବାଜୀ ବନ୍ଦ ହେଉନାହିଁ । ଗତ ରବିବାର ଦିନ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଆସନ୍ତା ୨୫ ତାରିଖ ସୁଦ୍ଧା ରାଜ୍ୟ ସରକାର ବୋରିଗୁମ୍ମା ପଞ୍ଚାୟତକୁ ଏନଏସି ଘୋଷଣା ନକଲେ ୨୬ ତାରିଖ ଦିନ ବୋରିଗୁମ୍ମା ବନ୍ଦ ଡାକରା ଦେଇଛନ୍ତି । ଏହାର ଦିନକ ପରେ ଆଜି ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ବୋରିଗୁମ୍ମା ଏନଏସି ମାନ୍ୟତା ପ୍ରସଙ୍ଗ ନେଇ ବିଜେଡି ପକ୍ଷରୁ ମତ ଦେଇଛନ୍ତି । ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବୋରିଗୁମ୍ମା ସହରରେ ୨୦ ହଜାର ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ଏଠାରେ ଭୋଟର ଙ୍କ ସଂଖ୍ୟା ୧୫ ହଜାର । ସବୁ ଦୃଷ୍ଟି କୋଣରୁ ବୋରିଗୁମ୍ମା ଏନଏସି ହେବା ପାଇଁ ଯୋଗ୍ୟ । ବୋରିଗୁମ୍ମା ବାସୀ ଏନଏସି ଘୋଷଣା ନେଇ ଦୀର୍ଘ ବର୍ଷ ହେବ ଦାବି କରି ଆସୁଛନ୍ତି । ଖୁବଶୀଘ୍ର ବୋରିଗୁମ୍ମାବାସୀ ଖୁସି ଖବର ପାଇବେ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି । ରାଜ୍ୟ ସରକାର ନିଶ୍ଚିତ ଭାବେ ବୋରିଗୁମ୍ମା ସହରକୁ ଏନଏସି ମାନ୍ୟତା ପ୍ରଦାନ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ମତ ରଖିଛନ୍ତି । ତେବେ ସ୍ଥାନୀୟ ବିଧାୟକଙ୍କ ନାଁ ନନେଇ କହିଥିଲେ ଯେ କିଛି ଲୋକ ଛଳନା ରାଜନୀତି କରୁଛନ୍ତି । ଲୋକଙ୍କ ହୃଦୟ ଜିତିବା ପାଇଁ ବିଭିନ୍ନ ପ୍ରକାର ଅଭିନୟ କରୁଛନ୍ତି ବୋଲି କହିଥିଲେ । ଯଦି ରାଜ୍ୟ ସରକାର ବୋରିଗୁମ୍ମା କୁ ଏନଏସି ଘୋଷଣା କରନ୍ତି ତେବେ ଏହା କେବଳ ବୋରିଗୁମ୍ମାବାସୀ ଙ୍କ ବିଜୟ ବୋଲି ଧରି ନିଆଯିବ । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦଙ୍କ ବ୍ୟତୀତ ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ପଟ୍ଟନାୟକ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ମୁନା ଦୋରା, ବରିଷ୍ଠ ବିଜେଡି ନେତା ତଥା ବାର ଆସୋସିଏସନ ସଭାପତି କେ.ନାଗରାଜ ଦୋରା, ଗୁପ୍ତ ପ୍ରସାଦ ଗନ୍ତାୟତ, ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଳା ଘାସୀ, ସ୍ଥାନୀୟ ସରପଞ୍ଚ ତୁଷାର କାନ୍ତ କୁମ୍ଭିକା, ସମିତି ସଭ୍ୟା ପ୍ରିୟଙ୍କା ରଥ, ସୁବାସ ନାୟକ, ପ୍ରସାଦ ସାହୁ, ବୁଡା ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏଥିପୂର୍ବରୁ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ବୋରିଗୁମ୍ମା କୁ ସରକାର ଏନଏସି ମାନ୍ୟତା ରେ ବିଳମ୍ବ କଲେ କୋର୍ଟ ର ଆଶ୍ରୟ ନିଆଯିବ ।

# ବ୍ଲକସ୍ତରୀୟ ସାଂସ୍କୃତିକ ମହୋତ୍ସବ



ଜମନକିରା, (ସବ୍ୟୁ) : ଜମନକିରା ବ୍ଲକ ସ୍ତରୀୟ ସାଂସ୍କୃତିକ ମହୋତ୍ସବ ଆଜି ରବିବାର ଦିନ ସ୍ଥାନୀୟ ଷଣ୍ଢପଥର ଖେଳ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବ୍ଲକ ଅଞ୍ଚଳରୁ ମୋଟ ୧୦ ଗୋଟି ନୃତ୍ୟଦଳ ଅଂଶ ଗ୍ରହଣ କରିଥିବା ବେଳେ ୩ଗୋଟି ଦଳ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ସେମାନେ ଆସନ୍ତା ଦିନରେ ଜିଲ୍ଲା ସ୍ତରୀୟ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଭାଗ ନେବେ ବୋଲି ବିଡ଼ିଓ ରୀନା ନାଏକ ପ୍ରକାଶ କରିଛନ୍ତି । ପ୍ରଥମ ସ୍ଥାନ ଶିରିଡ ପଞ୍ଚାୟତ ଗଦାଧରପୁର ର ଲୋକମୁଣ୍ଡାରି ନୃତ୍ୟ ହାସଲ କରିଥିବା ବେଳେ ଦ୍ୱିତୀୟ ସ୍ଥାନ ଟିକିଲିପଡ଼ା କିଷାନ ନୃତ୍ୟ କରିଥିଲା । ସେହିପରି ତୃତୀୟ ସ୍ଥାନ କସଡା ପଞ୍ଚାୟତ ର କରମା ଦଳ ହାସଲ କରିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ଉପଜିଲ୍ଲାପାଳ ହେମାସାଗର ଭୋଇ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ରେଖା ମୁଣ୍ଡା, ଏବିଡିଓ ରବୀନ୍ଦ୍ର ରଣା ଏବଂ ପଞ୍ଚାୟତ ସରପଞ୍ଚ ସମୂହ ମଞ୍ଚାସିନ ଥିଲେ । ବିଚାରକ ଭାବେ ବରିଷ୍ଠ ନାଟ୍ୟକାର ସୁରଥ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ ବହିଦାର, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଏବଂ କଳାକାର ସଂଘ ଉପ-ସଭାପତି ଉମାକାନ୍ତ ଅର୍କ ପ୍ରମୁଖ ଚୟନ କାର୍ଯ୍ୟ ତୁଲେଇ ଥିଲେ । କାର୍ଯ୍ୟକ୍ରମ କୁ ଓମପ୍ରକାଶ ଶର୍ମା ପରିଚାଳନା କରିଥିବା ବେଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶର୍ଯ୍ୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୮ ଶହ ରୁ ଅଧିକ କଳାକାର ଉପସ୍ଥିତ ଥିଲେ ।

# ଆମ ଓଡିଶା ନବୀନ ଓଡିଶାରେ ସମ୍ମାନିତ



ବରଗଡ଼, (ସବ୍ୟୁ) : ସ୍ଥାନୀୟ ୱାର୍ଡ ନଂ ୯ ଭିଏସ୍ ନଗର ଠାରେ କାଉନସିଲର ପ୍ରିୟା ତାଣ୍ଡି ଙ୍କ ସଂଯୋଜନାରେ ଅନୁଷ୍ଠିତ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ର ସଚେତନତା ପାଇଁ ବରଗଡ଼ ର ଗୌରବ ଅରୁଣା ଘିବିଲା ଓ ଅନୁପମା ଘିବିଲା ଭଉଣୀ ଦ୍ୱୟଙ୍କୁ କାଉନସିଲର ତାଣ୍ଡି ଆମନ୍ତ୍ରଣ କରି ସମ୍ମାନିତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ପୌର ପରିଷଦ ଅଧକ୍ଷା କଳ୍ପନା ମାଝି, ପୌରପରିଷଦ ନିର୍ବାହୀ ଅଧିକାରୀ ଓ ଆହୁରି ଅନେକ ଅଧିକାରୀ ବୃନ୍ଦ ଉପସ୍ଥିତ ରହି ଉତ୍ତରୋତ୍ତର ଉନ୍ନତି ପାଇଁ ଭଉଣୀ ଦ୍ୱୟଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

# ନକଟିକାନି ଠାରେ ଆମ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା, (ସବ୍ୟୁ) : ଗୋଲାମୁଣ୍ଡା ବ୍ଲକ ନକଟିକାନୀ ଗ୍ରାମପଞ୍ଚାୟତ ରେ ସୋମବାର ଦିନ ସରପଞ୍ଚ ସାବେତ୍ରୀ ମାଝୀ ଙ୍କ ଅଧ୍ୟକ୍ଷତାରେ ମୋ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି ସଚେତନତା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଥିବା ସମୟରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ହେମାଙ୍ଗୀନୀ ରାଉତ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅବଗତ କରାଇଥିଲେ। ମିଶନ ଶକ୍ତି ମହିଳାମାନେ ଓ ସ୍ୱଂୟ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ପ୍ରକାରର ଷ୍ଟଲ ଲଗାଯାଇଥିଲା ତାସହିତ ନକଟିକାନୀ ଗାଁ ର ସମସ୍ତ ସ୍କୁଲ ଛାତ୍ର ଛାତ୍ରୀ ଏବଂ ସମସ୍ତ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ସାଂସ୍କୃତିକ ଦଳ ମାନେ ନିଜ ନିଜ ନୃତ୍ୟ ପରିବେଷଣ କରି ଜନସାଧାରଣ ଙ୍କୁ ମନୋରଞ୍ଜନ କରିଥିଲେ ଏହି କାର୍ଯ୍ୟ କ୍ରମକୁ ପୂର୍ଣ୍ଣ ଚନ୍ଦ୍ର ପୂଜାରୀ ପରିଚାଳନା କରିଥିଲେ, ପିଇଓ ଜୟନ୍ତୀ ମହାନନ୍ଦ ସମିତି ସଭ୍ୟ ମହୀରାମ ମାଝୀ, ଯୋଗାଣ ସହାୟକ ନିବେଦିତା ସାଗର,ସମସ୍ତ ମେମ୍ବର ସହ କେଶବ ମାଝୀ, ଗ୍ରାମବାସୀମାନେ ଏବଂ ପଂଚାୟତ ର ସମସ୍ତ କର୍ମଚାରୀ ମାନେ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

# ରାଜ୍ୟ କାୟାକଳ୍ପ ଦଳର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କଳମପୁର, (ସବ୍ୟୁ) : କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପରିଦର୍ଶନ କରିଯାଇଛନ୍ତି ରାଜ୍ୟ କାୟାକଳ୍ପ ଟିମଛ କାୟାକଳ୍ପ ଟିମ ପହଞ୍ଚିବା ପରେ ପ୍ରଥମେ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲାଛ ଏହି ଟିମରେ ରାଜ୍ୟରୁ ଡାକ୍ତର ସତ୍ୟ ନାରାୟଣ ସାମଲ, ସୁନିତା ଜେନା, ତୃପ୍ତି ମିଶ୍ର ପ୍ରମୁଖ ରହିଥିଲେ, ତାଙ୍କ ସହ ଜିଲ୍ଲାରୁ କାୟାକଳ୍ପ ଜିଲ୍ଲା ସଂଯୋଜିକା ରୀତା ନାଏକ, ନିହାର ଠାକୁର ଓ ଅନନ୍ତ ପଣ୍ଡା ପ୍ରମୁଖ ପରିଦର୍ଶନରେ ଆସିଥିଲେଛ ଏହି ଟିମ୍ ସ୍ୱାସ୍ଥ୍ୟ କେନ୍ଦ୍ରର ଆନୁସଙ୍ଗିକ ସୁବ୍ୟବସ୍ଥା ସହ ସ୍ୱଚ୍ଛତା, ପରିବେଶ ପରିଚ୍ଛନ୍ନତା, ପିଇବା ପାଣି, ଔଷଧ ଭଣ୍ଡାର, ଚିକିତ୍ସିତ ରୋଗୀ ଙ୍କୁ ସାକ୍ଷାତ ଏବଂ ଡାକ୍ତରଖାନାର ବିଭିନ୍ନ ବିଭାଗକୁ ତଦାରଖ କରିଥିଲେ । ଏହା ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାଗଜପତ୍ର ଯାଞ୍ଚ କରି ଡାକ୍ତର ମାନଙ୍କ ସହ ଓ ସ୍ୱାସ୍ଥ୍ୟକେନ୍ଦ୍ର ର କର୍ମଚାରୀ ଙ୍କ ସହିତ ଆଲୋଚନା କରିଥିଲେ । ଉକ୍ତ ପରିଦର୍ଶନ ସମୟରେ କଳମପୁର ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ସ୍ୱାଇଁ, ଡ଼ା. ସୋନାଲି ପଣ୍ଡା,ଡ଼ା. ଜ୍ୟୋତିକ୍ରୀଷ୍ଣା ମାଝୀ, ଡ଼ା. ଅମୟ ରଞ୍ଜନ ଜଗଦଳା, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ହେମନ୍ତ କୁମାର ଶଗଡ଼ିଆ, ବି.ପି.ଏମ୍ ପ୍ରଶାନ୍ତ ପାଢ଼ୀ, ବି.ଡି.ଏମ୍ ରବି କୁମାର ଶର୍ମା, ଏଲ୍.ଏଚ୍.ବି କଳିତା ମିଞ୍ଜ, ସି.ଏଚ୍.ଓ ବିଜୟା ସେନାପତି ଏବଂ ଶୁଭଶ୍ରୀ ନାଏକ ଙ୍କ ସହିତ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ଲୁଣିବାହାଲ ଠାରେ କିସ ବିଦ୍ୟାଳୟ ଉଦ୍‌ଘାଟିତ

ହରଭଙ୍ଗା, (ସବ୍ୟୁ) : ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କିଟ କିମ୍ସ ର ଏକ ଶାଖା ବୌଦ୍ଧ ଜିଲ୍ଲା ବାସୀଙ୍କୁ ସେବା ଯୋଗାଇବା । ଜିଲ୍ଲାର ହରଭଙ୍ଗା ବ୍ଲକ ଲୁଣିବାହାଲ ଠାରେ ୨୦୧୯ମସିହା ଠାରୁ ତିଆରି ଆରମ୍ଭ କରାଯାଇଥିବା କିମ୍ସ ର ଏକ ଅତ୍ୟାଧୁନିକ ସ୍କୁଲ ଆଜି ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ କିଟ କିମ୍ସର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡ଼.ଅଚ୍ୟୁତ କୁମାର ସାମନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥିଭାବେ କନ୍ଧମାଳ ବିଧାୟକ ମହୀଧର ରଣା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଉପସ୍ଥିତ ରହିଥିଲେ । ନିମନ୍ତ୍ରିତ ଅତିଥିଙ୍କ କରକମଳରେ କିମ୍ସ ସ୍କୁଲ ଉଦ୍‌ଘାଟନ ସହିତ ଉକ୍ତ ପରିସରରେ ହେବାକୁ ଥିବା କିଟ୍‌ର ୧୦୦ଶଯ୍ୟା ବିଶିଷ୍ଟ ଶୀତ ତାପ ନିୟନ୍ତ୍ରକ ଡାକ୍ତରଖାନାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା । ସେହିଭଳି ୧୦୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଓଡିଶା ରାଜ୍ୟରେ ୧୬ଗୋଟି କିଟ୍‌ର ଡାକ୍ତରଖାନା କାର୍ଯ୍ୟ ଚାଲୁ ରହିଥିବା ଓ କିଟ୍ କିସ ସବୁ ବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହି ଜନସାଧାରଣ ଙ୍କ ସେବା ରେ ନିଜକୁ ନିୟୋଜିତ କରୁଥିବା ର ମତ ରଖିଥିଲେ କିଟ କିମ୍ସ ର ପ୍ରତିଷ୍ଠାତା ଶ୍ରୀ ସାମନ୍ତ । ଉକ୍ତ ଲୁଣିବାହାଲ ଠାରେ ଆଜି ଶୁଭ ଉଦଘାଟିତ ହୋଇଥିବା ସ୍କୁଲ ରେ ସବୁ ବର୍ଗର ଦରିଦ୍ର ସୀମାରେଖା ତଳେ ଥିବା ଛାତ୍ରଛାତ୍ରୀ ନିଃଶୁଳ୍କରେ ଶିକ୍ଷା ଲାଭ କରି ପାରିବେ ଓ ବର୍ତ୍ତମାନ ପ୍ରଥମ ରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢ଼ି ପାରିବେ ଓ ଆଗକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉକ୍ତ ବିଦ୍ୟାଳୟ ପାଠ ପଢ଼ାଯିବାର ବ୍ୟବସ୍ଥା ରହିଥିବା କହିଛନ୍ତି ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ ।

# ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଦର୍ଶନ କଲେ ଏନଏସଏସ ଛାତ୍ରଛାତ୍ରୀ



କୋରାପୁଟ, (ସବ୍ୟୁ) : ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ରାଜ୍ୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଓଡ଼ିଶା ଦର୍ଶନ ଓ ଯୁବ ବିନିମୟ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଣିଦେଇଛି ଆତ୍ମବିଶ୍ୱାସ ଓ ସଂପର୍କର ସେତୁ । ଓଡ଼ିଶା ଦର୍ଶନ ମାଧ୍ୟମରେ ବିଭିନ୍ନ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ଏବଂ ସର୍ବପୁରାତନ ସଂସ୍କୃତି ସମ୍ବନ୍ଧୀୟ କଥାବସ୍ତୁ ଉପରେ ଜାଣିବା ସହ ଓଡ଼ିଶାର ମାନଚିତ୍ରକୁ ସହଜରେ ଉପଲବ୍ଧ କରି ହେଉଛି । ଏଭଳି ସୁଯୋଗ ଦ୍ୱାରା ଆମ୍ଭମାନଙ୍କର ବୌଧିକ ଜ୍ଞାନର ବିକାଶ ହବା ସହିତ ପରସ୍ପର ମଧ୍ୟରେ ଶୈକ୍ଷୀକ ବାତାବରଣ ସ୍ୱାଭାବିକ ହେଉଅଛି । ଏହି କ୍ରମରେ ଶହେ ଜଣ ଛାତ୍ରଛାତ୍ରୀ ଓ କାର୍ଯ୍ୟକ୍ରମ ଅଧିକାରୀ ଏକ ଦଳ ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ଆଦିବାସୀ ପରମ୍ପରାରେ ଜଗନ୍ନାଥ ସଂସ୍କୃତି ସଂପର୍କରେ ଶିକ୍ଷା ଲାଭ କରିଥିଲେ । ଏଭଳି ସୁଯୋଗ ଦିଆଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉପ ଶାସନ ସଚିବ ଡ଼ଃ ରମେଶ ଚନ୍ଦ୍ର ବେହେରା, ଜାତୀୟ ସେବା ଯୋଜନା ନିର୍ଦ୍ଦେଶିକା ସରିତା ପଟେଲ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ମାନଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଥିଲେ । ଡଃ ପଦ୍ମଜା କବି ଶତପଥି ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କେନ୍ଦ୍ରାପଡ଼ା, କାର୍ଯ୍ୟକ୍ରମ ଅଧିକାରୀ ସୁଦିପ୍ତ ବିଶ୍ୱାଳ, ମନୋରଞ୍ଜନ ଦାଶ, ଫାରଯାନ ଅଞ୍ଜୁମ, ଗୀତାଞ୍ଜଳୀ ଶତପଥି, ଶୁବାଶିଷ ତ୍ରିପାଠୀ, କିଶୋର ସାହୁ , କୋରାପୁଟ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା ଓ ନନ୍ଦପୁର ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ପରିଦର୍ଶନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ ।

# ଆଖଣ୍ଡଳମଣି ମନ୍ଦିର ପରିଦର୍ଶନ କଲେ ବିଧାୟକ

କୋରାପୁଟ, (ସବ୍ୟୁ) : ଆଜି ସକାଳେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ଆଖଣ୍ଡଳମଣି ମନ୍ଦିର ପରିଦର୍ଶନ କରି ମନ୍ଦିର ମରାମତି ପାଇଁ ପ୍ରଦାନ କରିଥିବା ଆର୍ଥିକ ଅନୁଦାନ ଉପରେ କମିଟି ସଦସ୍ୟ ମାନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ,ୱାର୍ଡ ୦୧ ର କାଉନସିଲର ମଧୁସୂଦନ ମାଝୀ , ବିଜେଡି ଯୁବ ନେତା ରକି ପଣ୍ଡା ଓ ମନ୍ଦିର ପରିଚାଳନା କମିଟିର ବସନ୍ତ କୁମାର ସାମଲ , ସୁନାକର ରାଉତ ,ରାଧାମୋହନ ଲେଙ୍କା , ରଘୁନାଥ ଖଟେଇ ( ଟୁକୁ) ,ରଘୁନାଥ ନାୟକ , ଜିଲ୍ଲା ବିଜେଡି ସଧାରଣ ସମ୍ପାଦକ ଜୟନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାରେ ଉଦ୍‌ଘାଟିତ ହେଲା ଲକ୍ଷ୍ମୀ ବସ



ଝାରସୁଗୁଡା, (ସବ୍ୟୁ) : ଝାରସୁଗୁଡା ସମେତ ସମ୍ବଲପୁର, ସୁବର୍ଣ୍ଣପୁର,କନ୍ଧମାଳ ଓ କଟକ ଏହି ପାଞ୍ଚଟି ଜିଲ୍ଲାରେ ଶୁଭାରମ୍ଭ ହୋଇଛି ଲକ୍ଷ୍ମୀ ବସ ସେବା। ବସ ସେବା ଲୋକାର୍ପିତ ହୋଇଛି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା । ଆଜି ପୂର୍ବାହ୍ଣ ସାଢ଼େ ଏଗାରଟାରେ ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି ବସ ସେବା ଛ ଏହି ସେବା ଦ୍ୱାରା ବିଶେଷତଃ ମହିଳା , ଯୁବବର୍ଗ ଓ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ପଞ୍ଚାୟତରୁ ବ୍ଲକ ଓ ବ୍ଲକରୁ ଜିଲ୍ଲା ସଦର ମହାକୁମାକୁ ଗଡ଼ିବ ଲକ୍ଷ୍ମୀ ବସ । ୫ଟି ଯୋଜନାରେ ଏହି ବସ ସେବା ଖାଲି ଜିଲ୍ଲା ମଧ୍ୟରେ ସୀମିତ ରହିବ ନାହିଁ । ପୂର୍ବରୁ ପୁରୀ ଶ୍ରୀମନ୍ଦିର ପ୍ରକଳ୍ପ ଅନ୍ତର୍ଭୁକ୍ତ ଯୋଜନା ଅନୁସାରେ ଜଗନ୍ନାଥ ଏକ୍ସପ୍ରେସ ଯୋଗେ ଜିଲ୍ଲାରୁ ପୁରୀକୁ ଗଡ଼ିବ ଜଗନ୍ନାଥ ଏକ୍ସପ୍ରେସ । ରିହାତି ଦରରେ ମହିଳାମାନେ ଏହି ବସରେ ଜଗନ୍ନାଥ ଦର୍ଶନର ଲାଭ ଉଠାଇ ପାରିବେ । କୃଷି ଓ ଅନ୍ୟାନ୍ୟ ଉତ୍ପାଦନ ବଜାରକୁ ଆଣିବା , ସାମାଜିକ ଓ ଆର୍ଥିକ ପ୍ରଗତି ଓ ସମୃଦ୍ଧିର ସାଥୀ ସାଜିବ ଏହି ବସ ସେବାଛ ଲକ୍ଷ୍ମୀ ବସ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ଏ ସବୁ ଉଲ୍ଲେଖ କରିଛନ୍ତି । ୫ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ସ୍ଥାନୀୟ ଅମଲିପାଲି ପଡ଼ିଆ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅବସରରେ ଝାରସୁଗୁଡା ବିଧାୟିକା ସୁଶ୍ରୀ ଦୀପାଳି ଦାସ , ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ ଓ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ଉପସ୍ଥିତ ଥିଲେ । ଲକ୍ଷ୍ମୀ ବସ ସେବା ଯୋଗୁ ମହିଳା ସଶକ୍ତିକରଣ ସୁଦୃଢ଼ ରୂପ ନେବାରେ ଆଉ ଏକ ପାଦ ଆଗକୁ ଯିବା ସମ୍ଭବ ହୋଇଛି । ମହିଳାମାନଙ୍କୁ ରୋଜଗାର ଯୋଗାଇବା, ଚାଷୀମାନଙ୍କ ମୁହଁରେ ହସ ଫୁଟାଇବାରେ ଏହା ସହାୟ ହେବ ବୋଲି ବିଧାୟିକା ଦିପାଳୀ ଦାସ କହିଛନ୍ତି । ସମୃଦ୍ଧ ଓ ଶସକ୍ତ ଓଡିଶା ଗଠନ ଦିଗରେ ଏହି ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ । ଲଖନପୁର ବ୍ଲକର ସୀମାନ୍ତ ଅଞ୍ଚଳରୁ ପଞ୍ଚାୟତ ଓ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ସୁଗମ ଯାତାୟାତ ପାଇଁ ବସ ସେବା ସହାୟକ ହେବ ବୋଲି ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି କହିଛନ୍ତି । ଏହି ଯୋଜନାରେ ଜିଲ୍ଲାରେ ୧୮ଟି ରୁଟ୍ ରେ ବସ ଚାଲିବ । ଲଖନପୁରର ବିଭିନ୍ନ ପଞ୍ଚାୟତରୁ ବ୍ଲକକୁ ୫ଟି ବସ, ଝାରସୁଗୁଡ଼ାର ବିଭିନ୍ନ ପଞ୍ଚାୟତରୁ ୪ଟି, କୋଲାବିରା,ଲଇକେରା ଓ କିର୍ମିରାରୁ ୨ଟି ଲେଖାଏଁ ବସ ଚାଲିବ । ସେହିପରି ଲଖନପୁର, କୋଲାବିରା ଓ କିର୍ମିରାରୁ ଜିଲ୍ଲା ସଦର ମହାକୁମାକୁ ଗୋଟିଏ ଲେଖାଏଁ ଏସି ବସ୍ ଚାଲିବ । ଆଜିର କାର୍ଯ୍ୟକ୍ରମ ରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଓ ଜନସାଧାରଣ ଉପସ୍ଥିତ ଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ପୁଲିସ ବିଭାଗ ତରଫରୁ କାର୍ଯ୍ୟକ୍ରମ ର ସଫଳ ରୂପାୟନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ମ୍ୟୁନିସପାଲିଟିସ୍ତରୀୟ ଚତୁର୍ଥ ସଚେତନତା ଶିବିର



କୋରପୁଟ, (ସବ୍ୟୁ) : ଆମ ଓଡିଶା ନବୀନ ଓଡିଶା (ସହରୀ) ଅଧିନରେ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସଂପର୍କରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ କୋରାପୁଟ ମ୍ୟୁନସିପାଲିଟି ସ୍ତରୀୟ ୪ର୍ଥ ସଚେତନତା ଶିବିର ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ମ୍ୟୁନସିପାଲିଟି ଅନ୍ତର୍ଗତ ୱାର୍ଡ ନମ୍ବର ୫,୬,୧୧ଓ ୧୨ର ବସ୍ତି ବାସିନ୍ଦା ସଂଘ ଏବଂ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର କର୍ମକର୍ତ୍ତା ମାନେ ଶିବିରରେ ଯୋଗ ଦେଇଥିଲେ । କୋରାପୁଟ ମ୍ୟୁନସିପାଲଟି ଦ୍ୱାରା ଆୟୋଜିତ ଶିବିରରେ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ଟାଲି, ଉପାଧକ୍ଷା ସବିତା ପଣ୍ଡା, କାଉନସିଲର ବି ମାଲେଶ୍ୱର ରାଓ, ରବି ପରଜା, ପ୍ରଫୁଲ୍ଲ କୁମାର ମହାପାତ୍ର, ମଧୁସୂଦନ ମାଝୀ, କେ. ଗୁପ୍ତେଶ୍ୱର, ଚନ୍ଦ୍ରପ୍ରଭା ହିଆଲ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ପରିପ୍ରେକ୍ଷୀରେ ଲୋକମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଏବଂ ସେଥିରୁ ସେମାନଙ୍କୁ ମିଳୁଥିବା ସେବା ବିଷୟରେ ଅବଗତ କରାଯାଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଶିଶୁ ବିକାଶ, ମିଶନ ଶକ୍ତି ପ୍ରଭୃତି ବିଭାଗ ଷ୍ଟଲ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ମିଶନ ଶକ୍ତି ମହିଳା ଗୋଷ୍ଠୀ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ପୁରସ୍କୃତ କରାଯାଇଥିଲା । ସିଏମଏମୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ସିମାଞ୍ଚଳ ପଢ଼ିହାରୀ ଓ ମୂର୍ତ୍ତି ପଟ୍ଟନାୟକ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

### ବସ୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ
# କ୍ଷତିପୂରଣ ଦାବିରେ ରାସ୍ତାରୋକ



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ଅନ୍ତର୍ଗତ ରେମେଡ-ହୀରାକୁଦ ରାସ୍ତାରେ ଏକ ବସ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଛି । ଏହାକୁ ନେଇ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଓ ଟ୍ରାଫିକ ସମସ୍ୟା ପ୍ରତିକାର ଦାବି ନେଇ ସ୍ଥାନୀୟ ଲୋକେ ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ । ସଦର ଏସଡିପିଓ ତୋଫାନ ବାଗ ଏବଂ ଥାନା ଅଧିକାରୀ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୁ ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ମୃତକ ରାମୁ ଖଡିଆ(୩୨) ଜିଲ୍ଲାର ଶାସନ ଥାନା ମଧୁପୁର ଗ୍ରାମର ମୂଳ ବାସିନ୍ଦା ଏବଂ ହୀରାକୁଦର ଲିମପାଲି ରହୁଥିଲେ । ସେ ଟ୍ରାକ୍ଟରରେ ଶ୍ରମିକ ଭାବେ କାମ କରି ପରିବାର ପୋଷଣ କରୁଥିଲେ । ତାଙ୍କର ପତ୍ନୀ, ୬ ଓ ୨ ବର୍ଷ ବୟସର ସନ୍ତାନ ଅଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରିବା ସହ ବୁର୍ଲା ବଡ଼ ମେଡିକାଲରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିସହ ଏକମାମଲା ରୁଜୁକରିଘଟଣାର ତଦନ୍ତ କରୁଛି ।

# ବରିଷ୍ଠ ନାଗରିକଙ୍କ ପୁଷ୍କର ଓ ଆଜମେର ତୀର୍ଥଯାତ୍ରା

ସମ୍ବଲପୁର, (ସବ୍ୟୁ) : ଭାରତୀୟ ସଂସ୍କୃତି ତଥା ବିଶ୍ୱର ଅନ୍ୟ ସଂସ୍କୃତିରେ ତୀର୍ଥଯାତ୍ରାର ବିଶେଷ ମହତ୍ତ୍ୱ ରହିଛିଛ ତୀର୍ଥଯାତ୍ରାକୁ ଏକ ଆଧାତ୍ମିକ ଏବଂ ଦିବ୍ୟ ଅନୁଭୂତି ଭାବରେ ବିବେଚନା କରାଯାଏ । ଓଡ଼ିଶା ସରକାରଙ୍କ 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା' ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ରାଜ୍ୟର ସହଯୋଗରେ ଗୋଟିଏ ତୀର୍ଥ ଦର୍ଶନ (ତୀର୍ଥଯାତ୍ରା) କରିବାର ଜୀବନବ୍ୟାପୀ ସ୍ୱପ୍ନ ପୂରଣ କରିବା ଏବଂ ସେମାନଙ୍କ ଆଧାତ୍ମିକ ଆକାଂକ୍ଷା ପୂରଣ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିଛି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜଙ୍କସନ ରେଳ ଷ୍ଟେସନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ୨୦୧୬-୧୭ରୁ ଏହି ଯୋଜନାରେ ପ୍ରାୟ ୨୦ ହଜାର ବରିଷ୍ଠ ନାଗରିକ ତୀର୍ଥ କରିଛନ୍ତି। ତୀର୍ଥଯାତ୍ରା ଶାନ୍ତ ଓ ଆନନ୍ଦ ଦେବା ସହିତ ଜାତୀୟ ଏକତା ସୁଦୃଢ କରେ ଓ ବିଭିନ୍ନ ଅଞ୍ଚଳର ପରମ୍ପରା ସହିତ ଯୋଡିଥାଏ ବୋଲି କହିଥିଲେ ଛ ପରିହନ ମନ୍ତ୍ରୀ ଟୁକୁନି ସାହୁ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ପୂର୍ବାହ୍ନ ସାଢ଼େ ୧୧ଟାରେ ୮ଟି ଜିଲ୍ଲାରୁ ୯୭୦ ଜଣ ତୀର୍ଥଯାତ୍ରୀ ୩୦ ଜଣ ଏସ୍କର୍ଟ ଅଫିସରଙ୍କ ସହ ଆଜମେର-ପୁଷ୍କର ଅଭିମୁଖେ ଯାତ୍ରା କରିଥିଲେ। ଏହି ୮ଟି ଜିଲ୍ଲା ହେଲା ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ଦେବଗଡ଼ ଓ ଅନୁଗୁଳଛ ସମ୍ବଲପୁରରୁ ୧୧୨, ବରଗଡ଼ରୁ ୧୫୯, ଦେବଗଡ଼ରୁ ୩୩, ଝାରସୁଗୁଡ଼ାରୁ ୬୨, ସୁନ୍ଦରଗଡ଼ରୁ ୨୨୫, ବଲାଙ୍ଗୀରରୁ ୧୬୭, ସୁବର୍ଣ୍ଣପୁରରୁ ୬୫ ଓ ଅନୁଗୁଳରୁ ୧୩୭ ଜଣ ତୀର୍ଥଯାତ୍ରୀ ଏହି ତୀର୍ଥଯାତ୍ରା ପାଇଁ ଯାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆରଡିସି ଶ୍ରୀକାନ୍ତ ପୃଷ୍ଟି, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, କାଳିଆ ଯୋଜନା ଉପଦେଷ୍ଟା ସଂଜୟ ବାବୁ, ପର୍ଯ୍ୟଟନ ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତୀର୍ଥଯାତ୍ରୀ ମାନେ ଆସନ୍ତା ୨୪ରେ ଆଜମିର -ପୁଷ୍କର ଦର୍ଶନ କରି ଫେରିବାର କାର୍ଯ୍ୟକ୍ରମ ରହିଛି ।



# ଭିନ୍ନକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ, ୨ କୋର୍ଟଚାଲାଣ

ମୁରିବାହାଲ, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଚଣାବାହାଲ ପଞ୍ଚାୟତ କୁର୍ଲୁବାହାଲ ଗ୍ରାମର ଜଣେ ମାନସିକ ଭିନ୍ନକ୍ଷମ ନାବାଳିକା(୧୬)ବର୍ଷଙ୍କୁ ଦୁଷ୍କର୍ମ କରି ୬ମାସର ଗର୍ଭବତୀ କରିବା ଅଭିଯୋଗରେ ପୁଲିସ ଗ୍ରାମର ଦୁଇଜଣ ଅଭିଯୁକ୍ତ ବେଣୁଧର ଧରୁଆ(୪୮) ଓ ମଦନ ମାଝୀ(୩୦)ଙ୍କୁ ଗିରଫ କରି ବଲାଙ୍ଗିର ପୋକସୋ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସଂପୃକ୍ତ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ସମ୍ପର୍କରେ ଗ୍ରାମରେ ଚର୍ଚ୍ଚା ହେବା ପରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଦିଗରୁ ତଦନ୍ତ କରି ଶେଷରେ ଥାନାରେ ଅଭିଯୋଗ କରାଯାଇଥିଲା। ଏ ସମ୍ପର୍କରେ ପୁଲିସ ନାବାଳିକାଙ୍କ ଡ଼ାକ୍ତରୀମାଇନା କରି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରିଥିଲା। ଶେଷରେ ସଂପୃକ୍ତ ମାନସିକ ଭିନ୍ନକ୍ଷମ ନାବାଳିକା ତାଙ୍କୁ ଗ୍ରାମର ଦୁଇଜଣ ଅଭିଯୁକ୍ତ ଦୁଷ୍କର୍ମ କରିବାରୁ ସେ ଗର୍ଭବତୀ ଥିବା ସ୍ୱୀକାର କରିଥିଲେ। ତଦନ୍ତ ପରେ ନାବାଳିକାଙ୍କୁ ବଲାଙ୍ଗିର ସ୍ୱାଧାର ଗୃହକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ପୁଲିସ ଥାନା କେଶ ନ ୦୩/୨୪ ଦଫା ୩୭୬, ୨ଏଏମ, ୩୪ଆଇପିସି, ୬ ପୋକଶୋ ଆଇନରେ ଦୁଇଜଣ ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରି ବଲାଙ୍ଗିର ପୋକସୋ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଜିଲ୍ଲାସ୍ତରୀୟ ମାତୃଶକ୍ତି ସମ୍ମିଳନୀ ତପସ୍ୱିନୀ

ବୌଦ୍ଧ, (ସବ୍ୟୁ) : ଆମ ଦେଶ ସନାତନ ସଂସ୍କୃତିର ଦେଶ । ଏଠାରେ ମା କୁ ସର୍ବ ପ୍ରଥମେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ଯେଉଁ ରାଷ୍ଟ୍ରରେ ମାତୃଶକ୍ତି ଉଦଜୀବିତ ସେହି ରାଷ୍ଟ୍ର ବିକାଶ ପଥରେ ଆଗେଇ ଚାଲିଥାଏ ବୋଲି ସ୍ଥାନିୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲ୍ଲା ସ୍ତରୀୟ ମାତୃଶକ୍ତି ସମ୍ମିଳନୀ ତପସ୍ୱିନୀରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ସଂଘମିତ୍ରା ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ଉପ ସଭାପତି ଡା. ହେମାଙ୍ଗିନୀ ମେହେର ଯୋଗଦେଇ ,ଭାରତୀୟ ଚିନ୍ତନରେ ମହିଳା ଶୀର୍ଷକ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ଅଧ୍ୟାପିକା ସୁବର୍ଣ୍ଣା ମିଶ୍ର ଯୋଗଦେଇ ନାରୀ ଜାଗରଣ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଚର୍ଚ୍ଚାତ୍ମକ କାଳଂଶରେ ସୁବର୍ଣ୍ଣ ନାରୀ ଜାରରଣ ସଂଗଠନର ସଦସ୍ୟା ଶବ୍ଦାଞ୍ଜଳୀ ମିଶ୍ର ଓ ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ସୁନନ୍ଦା ସାହୁ, ଆଲୋଚକ ଭାବେ ଓ ମୁଖ୍ୟ ବକ୍ତାଭାବେ ଧର୍ମ ଜାଗରଣ ସମନ୍ୱୟ ବିଭାଗ ଜିଲ୍ଲା ସଂଯୋଜିକା ସବିତା ଦାଶ ପ୍ରମୁଖ ଉପସ୍ଥିତ ରହି ଭବିଷ୍ୟତ ଭାରତ ନିର୍ମାଣରେ ମହିଳାଙ୍କ ଭୂମିକା ସଂପର୍କରେ ମତ ପୋଷଣ କରିଥିଲେ । ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଶିକ୍ଷୟିତ୍ରୀ ଝରଣା ମିଶ୍ର,ଲୀଳାବତୀ ବେହେରା, ଲେଖିକାପଦ୍ମାବତୀ ମିଶ୍ର, ସୂର୍ଯ୍ୟପ୍ରିୟା ପାଣିଗ୍ରାହୀ, ସମାଜସେବୀ ରଶ୍ମିତା ହୋତା, କୁମୁଦିନୀ ପଣ୍ଡା, ସୁକାନ୍ତି ପୁହାଣଙ୍କୁ ଅନୁଷ୍ଠାନପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସମାଜ ସଂସ୍କାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବା ସଗଠନ ଗାୟତ୍ରୀ ପରିବାର,ସତ୍ୟସାଇ ସେବା ସମିତି, ଠାକୁର ଅନୁକୁଳ ଚନ୍ଦ୍ର ପରିବାର, ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଦ୍ୟାଳୟ, ସହରର ଖଦାଳସାହିକୃଷ୍ଣଗୁରୁ ଦଳ, ଦୁର୍ଗା ବାହିନୀ, ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଜିଲ୍ଲା ସଂଯୋଜିକା ରଶ୍ମିତା ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହକୁ ସଦସ୍ୟା ସରିତା ମେହେର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଭଉଣୀ ସୂର୍ଯ୍ୟସ୍ନାତା ସାହୁ ଓଡିଶି ନୃତ୍ୟ, ଶୁଭ୍ରା ସୁରଜିତା ଷଡଙ୍ଗୀ ଭକ୍ତି ସମ୍ବଲପୁରୀନୃତ୍ୟ, ଓ ରନ୍ପ୍ରିୟା ଅଗ୍ରୱାଲ ଗୀତା ଆବୃତି କରିଥିଲେ । ଅନୁଷ୍ଠାନର ସହ ବ୍ୟବସ୍ଥାପକ ଗୀତାରାଣୀ ରାୟ ଚୌଧୁରୀଧନ୍ୟବାଦ ଅର୍ପଣ କରିଥିବାବେଳେ, ବ୍ୟବସ୍ଥାପକ ଦିପ୍ତିରାଣୀ ଷଡଙ୍ଗୀ, ସହ ସଂଯୋଜିକା ବବିତା ପ୍ରଧାନ, ନିମିତା ଦଳବେହେରା, ଝୁଲିସାହୁ, ଶକୁନ୍ତଳା ମେହେରଙ୍କ ସମେତ ସ୍ଥାନିୟ ଶିଶୁ ବିଦ୍ୟା ମନ୍ଦିରର ଗୁରୁମା ଓ ଛାତ୍ରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ସମାରୋହରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ବିଭିନ୍ନ ସଙ୍ଗଠନର ଶତାଧିକ ମହିଳା ଯୋଗ ଦେଇଥିଲେ ।

# ମୁରିବାହାଲ ବିଭିନ୍ନ ପଞ୍ଚାୟତରେ ଶଙ୍ଖ ଜନସମ୍ପର୍କ ପଦଯାତ୍ରା

ମୁରିବାହାଲ, (ସବ୍ୟୁ) : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଶଙ୍ଖ ଜନସଂପର୍କ ପଦଯାତ୍ରା ର ୧୯ତମ ଦିନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ଶ୍ରୀମତୀ ନିରୁପମା ମାଝୀଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମୁରିବାହାଲ ବ୍ଲକର ସଦର ପଞ୍ଚାୟତ ଗମ୍ଭାରୀଖୋଲା, ପଙ୍ଗନିଆ, ସାଲେପଡା, ବରାଜୁରା, ଡୁମେରପଡା, ଘଣ୍ଟବାହାଲ, ବନବାହାଲ, ମୁରିବାହାଲ ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ହଂସରାଜ ଜୈନ,ପୂର୍ବତନ ବ୍ଲାକ କମାଣ୍ଡୋ ତଥା ବିଜେଡି ଯୁବନେତା ଗିରିରାଜ ସିଂ ମାଝୀ, ମୁରିବାହାଲ ବ୍ଲକର ପୂର୍ବତନ ବ୍ଲକ ଉପାଧକ୍ଷା ସୁନ୍ଦରମତି ବାଗ, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା,ବରିଷ୍ଠ ବିଜେଡି ନେତା ଦିଲୀପ ପୃଷ୍ଟି, ଯୁବନେତା ଅଭିଳାଷ ବଘାର, ଫାଲଗୁନି ହାତୀ, ଜୟକିଷାନ ବାଗ, ଦୁର୍ଯୋଧନ ବେହେରା, କଶ୍ୟପ ସରାଫ, ଯୁଧିଷ୍ଠିର ଭରାସଗରିଆ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରସୂଦନ ମାଝୀ,ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ୍ଲା ଖାନ, ତୁରେକେଲା ବ୍ଲକ ବିଜେଡି ଉପସଭାପତି ବିଶ୍ୱନାଥ ସାହୁ, କଣ୍ଟାବାଞ୍ଜି ଏନଏସି ବିଜେଡି ସଭାପତି ଦେବାର ବାରିକ, କଣ୍ଟାବାଞ୍ଜି ଏନଏସି ବିଜେଡି ଯୁବ ସଭାପତି ବିଷ୍ଣୁ ପ୍ରସାଦ କୁଏଡ଼, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ, ଦୈତାରୀ ଭୋଇ, ବିଟୁ ସାଗା ଓ ଜଳନ୍ଧର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଶଙ୍ଖ ଜନସଂପର୍କ ପଦଯାତ୍ରାର ୨୦ ତମ ଦିନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ଶ୍ରୀମତୀ ନିରୁପମା ମାଝୀଙ୍କ ନେତୃତ୍ୱରେଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମୁରିବାହାଲ ବ୍ଲକ ଚଣାବାହାଲ ଓ ବଡ଼ସାଇମରା ପଞ୍ଚାୟତର କୁର୍ଲୁବାହାଲ, ଚଣାବାହାଲ, ପୁଡାପାଲି, ଧାତୁକଜୁରୀ, ଅଣ୍ଡାଳଦର, ଆମଝରଣ ଓ ଚାନ୍ଦୁଟମାଲ ଗ୍ରାମରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ବଲାଙ୍ଗୀର ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ଶ୍ରୀମତୀ ପିଙ୍କି ଖର୍ସେଲ,ବରିଷ୍ଠ ବିଜେଡି ନେତା ଦିଲୀପ ପୃଷ୍ଟି, ରାଜେନ୍ଦ୍ର ପରାଭୋଇ, ଅଶ୍ୱିନୀ ମାଝୀ, ମହେଶ ପୁଟେଲ, ଉମାକାନ୍ତ ମାଝୀ,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରସୂଦନ ମାଝୀ, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ, ଦୈତାରୀ ଭୋଇ ଓ ଜଳନ୍ଧର ମହାନନ୍ଦ ପ୍ରମୁଖଙ୍କ ସହ ଶତାଧିକ ମହିଳା, ବିଜେଡ଼ି କର୍ମୀ ଓ ସଂପୃକ୍ତ ଗ୍ରାମଗୁଡିକର ସମସ୍ତ ଗ୍ରାମବାସୀବୃନ୍ଦ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି

ରେଢାଖୋଲ, (ସବ୍ୟୁ): ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ନାକଟିଦେଉଳ ବ୍ଲକ ପରିସର ସମ୍ମିଳନୀ କକ୍ଷରେ ସୋମବାର ଦିନ ଏକ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ପ୍ରଚାର ପ୍ରସାର ଅଭାବରୁ ଏହି ଶିବିରରେ ସମୁଦାୟ ୩୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସମସ୍ତ ଅଭିଯୋଗ ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ଏହି ଶିବିରରେ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ପ୍ରଦୀପ କୁମାର ସାହୁ ଯୋଗ ଦେଇ ଅଭିଯୋଗ ଗୁଡିକର ଶୁଣାଣି କରିବା ସହ ଲୋକଙ୍କ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜନ ଅଭିଯୋଗ ଶୁଣାଣିରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ ଆଦିର ଅଭିଯୋଗ ଦାଖଲ ହୋଇଥିଲା। ଏହି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ପିଡ଼ି ଡିଆର ଡ଼ିଏ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଏସପି ଏଲବିନସ କେରକେଟା, ବ୍ଲକ ଅଧକ୍ଷା ସ୍ୱରୂପା ରାଣୀ ସାହୁ, ବିଡ଼ିଓ ଧନେଇ ଚରଣ ଟୁଡୁ, ଏବିଡ଼ିଓ ବିଦ୍ୟାଧର ରାଉତରାୟ ଓ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ହେଲେ ଆଜିର ଏହି ଯୁଗ୍ମ ଅଭିଯୋଗ ଶିବିରକୁ ଜିଲ୍ଲାପାଳ ଆସିବେ ବୋଲି ଲୋକେ ଅଭିଯୋଗ କରିବାକୁ ଆସିଥିଲେ ମଧ ଜିଲ୍ଲାପାଳ ଆସି ନଥିବାରୁ ନିରାଶ ହୋଇ ଘରକୁ ଫେରି ଯାଇଥିଲେ। ହେଲେ ଅଭିଯୋଗକାରୀମାନେ ଏହି ଜନ ଅଭିଯୋଗ ଶୁଣାଣି କେବଳ ନାମକୁ ମାତ୍ର କାମକୁ ନୁହେଁ ଏହା କେବଳ ପ୍ରହସନ ବୋଲି ଶିବିର ସ୍ଥଳରେ ଚର୍ଚ୍ଚା ହେଉଥିଲା ।

## କନ୍ୟା ଭ୍ରୁଣ ହତ୍ୟା ନିଷେଧ
## ଉପଦେଷ୍ଟା ମଣ୍ଡଳୀ ବୈଠକ

ଝାରସୁଗୁଡ଼ା, (ସବ୍ୟୁ) : ଜିଲ୍ଲାରେ କନ୍ୟା ଭୃଣ ହତ୍ୟା ନିଷେଧ କରାଯିବା ସହ ଲିଙ୍ଗ ନିରୂପଣ ଆଇନକୁ କଡାକଡି ଭାବରେ ପାଳନ କରିବା ସକାଶେ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲାର କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ କରାଯାଉଥିଲେ ସମ୍ପୃକ୍ତ କ୍ଲିନିକ ପରିଚାଳନା କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଓ ଲିଙ୍ଗ ନିରୂପଣ କରାଯାଉଥିବା କ୍ଲିନିକ ସମ୍ପର୍କରେ ସୂଚନା ପ୍ରଦାନକାରୀଙ୍କୁ ପଚିଶ ହଜାର ଟଙ୍କା ଦିଆଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ବୈଠକରେ ଆସନ୍ତା ମାର୍ଚ୍ଚ ମାସ ୩ ତାରିଖରେ ଜିଲ୍ଲାରେ ଜନ୍ମରୁ ପାଞ୍ଚ ବର୍ଷ ବୟସର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

### ଅରୁନ୍ଧତୀ ଜ୍ୱେଲର୍ସର ଫେଷ୍ଟିଭ୍ ଧମାଲ ଲକ୍ଷପତି ଲକି ଡ୍ର ବିଜେତା ଘୋଷିତ
# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନ ମୋହିଲେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା




ଭବାନୀପାଟଣା, (ସବ୍ୟୁ) : ରାଜ୍ୟର ସର୍ବ ବୃହତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜ୍ୱେଲର୍ସ ତରଫରୁ ବିଗତ ୨୪ ବର୍ଷ ଧରି ପାଳନ ହୋଇ ଆସୁଥିବା ଫେଷ୍ଟିଭ୍ ଧମାଲ୍ ମହୋତ୍ସବରେ ବିଗତ ବର୍ଷର ସମସ୍ତ ଲକ୍ଷପତି ବିଜେତା ଘୋଷିତ ହୋଇଯାଇଛନ୍ତି । ଏହି ଲକ୍ଷପତି ବିଜେତାରେ ମାରୁତି ଡିଜାୟାର ଭି.ଏକ୍ସ.ଆଇ, ହିରୋ ଗ୍ଲାମର ମୋଟର ସାଇକେଲ, ହିରୋ ଜୁମ୍ ସ୍କୁଟି ଜିତିବା ସହିତ ଓ ୩ ଜଣ ଲକ୍ଷପତି ହୋଇଥିଲେ । ଭବାନୀପାଟଣା ଲାଲ ବାହାଦୂର୍ ଷ୍ଟାଡିୟମ୍ ଠାରେ ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମରେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜ୍ୱେଲର୍ସର ବ୍ରାଣ୍ଡ ଆମ୍ବାସେଡର ଅର୍ଚ୍ଚିତାଙ୍କ ମଂଚରେ ଉପସ୍ଥିତି, କୋଲକତାର ପ୍ରସିଦ୍ଧ ମୁନଷ୍ଟାର ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଅଭିନୟ, ଗୀତୀକାର ନାଭ୍ୟାଙ୍କ ସୁମଧୁର ସ୍ୱର ଉପସ୍ଥିତ ୫୦୦୦ ରୁ ଉର୍ଦ୍ଧ୍ୱ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଙ୍କର ଶୋଭନା ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ, ଏହି ଅଫରରେ ପାଖାପାଖି ଲକ୍ଷାଧିକ ଗ୍ରାହକ ଯୋଡି ହୋଇଥିଲେ, ଏତେ ସଂଖ୍ୟକ ଗ୍ରାହକ ବନ୍ଧୁଙ୍କ ଆମ ଉପରେ ଥିବା ପ୍ରଗାଢ ବିଶ୍ୱାସ ଓ ଭଲପାଇବା ଆମକୁ ଆଗାମୀ ଦିନରେ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବା ସହ ଆମେ ଗ୍ରାହକବନ୍ଧୁଙ୍କ ପାଇଁ ସେହି ଶୁଦ୍ଧତା ଓ କାରୁକାର୍ଯ୍ୟ ଭରା ସୁନାଗହଣା, ସ୍ୱଚ୍ଛତା ଓ ପାରଦର୍ଶିତା ଭରା ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପ, ନମ୍ରତା ଓ ଆମତ୍ୟତା ଭରା ଗ୍ରାହକ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଭବାନୀପାଟଣା ବାସୀଙ୍କ ଅରୁନ୍ଧତୀ ବ୍ରାଣ୍ଡ ପ୍ରତି ଭଲପାଇବା ଓ ପ୍ରଗାଢ ବିଶ୍ୱାସ ରଖି ନିଜର ପ୍ରଥମ ପସନ୍ଦ ବ୍ରାଣ୍ଡ ଭାବରେ ପ୍ରତିଷ୍ଠିତ କରିଥିବାରୁ ସମସ୍ତ ଭବାନୀପାଟଣା ବାସୀଙ୍କୁ ହୃଦୟ ଅନ୍ତରରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଉତ୍ସବରେ ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ, ନିର୍ଦ୍ଦେଶକ ଅରୁନ୍ଧତୀ ଗ୍ରୁପର ସମସ୍ତ ମୁଖ୍ୟ ଏବଂ ୧୫୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ପରିଚାଳନାର ଦାୟିତ୍ୱ ନେଇଥିଲେ। ଚଳିତ ବର୍ଷ ଅରୁନ୍ଧତୀ ଜ୍ୱେଲର୍ସର ଲକି ଡ୍ରରେ କଣ୍ଟାବାଞ୍ଜିର ପ୍ରିୟଙ୍କା ମେହେର ବିଜେତା ହୋଇ ପ୍ରଥମ ବିଜେତା ଭାବେ କାର୍ ପାଇବା ସକାସେ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଆମ ହସ୍ପିଟାଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ରାଜଗାଙ୍ଗପୁର, (ସବ୍ୟୁ) : ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆମ ହସ୍ପିଟାଲ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟର୧୫ ଜିଲ୍ଲା ମଧ୍ୟରେ ୭୩ ଟି ଆମ ହସ୍ପିଟାଲ ମଧ୍ୟରୁ ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ୟତମ ଏହି ଲୋକାର୍ପିତ ଉତ୍ସବରେ ଭର୍ଚୁଆଲ୍ ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ଅବସରରେ ଆମ ସରକାର ଜନ ମତ ସଂଗ୍ରହ ଭିତ୍ତି ରେ ଆମ ଡାକ୍ତରଖାନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆମ ହସ୍ପିଟାଲ କାର୍ଯ୍ୟ ଦ୍ୱାରା ସ୍ୱାସ୍ଥ୍ୟ ସେବା କ୍ଷେତ୍ର ର ରୂପାନ୍ତର ଚିତ୍ର କୁ ଆହୁରି ଉଜ୍ଜଳ ମାୟା କରି ପାରିବ ଆମ ରାଜ୍ୟରେ ନୂତନ ଯୁଗର ସୃଷ୍ଟି କରି ସରକାର ସ୍ତର ରେ ଆମର ସ୍ୱାସ୍ଥ୍ୟ ସେବା କ୍ଷେତ୍ର ରେ ଏକ ବିରାଟ ପରିବର୍ତ୍ତନ ହୋଇ ରୋଗୀ ମାନଙ୍କର ମୌଳିକ ସୁବିଧା ସୁଯୋଗ ପାଇଁ ରୋଗୀ ସେବା ଯୋଗାଇବା ପ୍ରଦ୍ଧିତିରେ ଉନ୍ନତି ଅଣାଯାଇଛି । ଆମ ହସ୍ପିଟାଲ ରେ ରୋଗୀ ସେବାର ଗୁଣବାର୍ତ୍ତା କୁ ଏଠାରେ ସୁନିଶ୍ଚିତ କରାଯାଇଛି ବୋଲି ମାନ୍ୟବର ମୁଖ୍ୟ ମନ୍ତ୍ରୀ ତାଙ୍କ ଭାଷଣରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇ ଥିଲେ । ଏହି ଲୋକାର୍ପଣ ଉତ୍ସବରେ ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀ ଗୋଷ୍ଠି ୟୁନିୟନ ଅଧିକାରୀ ଅକ୍ଷୟ କୁମାର ବାଗ ପୌର ପାଳିକା ଅଧକ୍ଷା ମାଧୁରୀ ଲୁଗୁନ ଉପାଧ୍ୟାକ୍ଷ ଏମ ଡି ଇଫାନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ର ଅଧକ୍ଷ ଡାକ୍ତର ଜଗଦୀଶ ଟପ୍ପୋ ଡାକ୍ତର ତନ୍ତୀ ଡାକ୍ତର ଗୋଛାୟତ ମେଡିକାଲ ଫାର୍ମାଷ୍ଟି ଉମାକାନ୍ତ ମହାପାତ୍ର, ରଞ୍ଜିତ କୁମାର ବାରିକ, ରାଜେନ୍ଦ୍ର କୁମାର ଜେନା ମୁଖ୍ୟ ସେବିକା ସାବିତ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।


**ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
**ଅଶୋକ ନଗର ଶାଖା, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯**

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ, ଅଶୋକ ନଗର (ବିଂ୩୫୮)** ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ଭବିଷ୍ୟତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ରୁଲ ୮ ଏବଂ ୯ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତି ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ରଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟ ନଂ./ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ/ ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ଦଖଲ ନୋଟିସ୍ ଅନୁଯାୟୀ ମୋଟ୍ ବକେୟା |
|---|---|---|
| ଆକାଉଣ୍ଟ ନଂ.: ୦୩୫୮୧୬୦୦୦୦୦୨୫୬ **ଋଣଗ୍ରହୀତା: ଶ୍ରୀ ରବୀନ୍ଦ୍ର କୁମାର ପଣ୍ଡା,** ପିତା: ଶ୍ରୀ ସର୍ବେଶ୍ୱର ପଣ୍ଡା, **ଠିକଣା-୧:** କୁଁଆପାଳ, ଅଡ୍ମ ମହେଶପୁର, କଟକ-୭୫୪୨୦୪, **ଠିକଣା-୨:** ସା: ମନସ୍ୱନ ଗ୍ରିନ୍ କମ୍ପ୍ଲେକ୍ସ, ପୋ: ରଘୁନାଥପୁର, ନନ୍ଦନକାନନ ରୋଡ୍, ଭୁବନେଶ୍ୱର-୭୫୧୦୨୪, **ଠିକଣା-୩:** ସା: ରାଧାକୃଷ୍ଣ ଧାମ ଭେରାଇଟି ଷ୍ଟୋର, ଲାଲଚାନ୍ଦ ଜୁଏଲାରୀ ସମ୍ମୁଖ, ରଘୁନାଥପୁର, ପୋ: ରଘୁନାଥପୁର, ନନ୍ଦନକାନନ ରୋଡ୍, ଭୁବନେଶ୍ୱର-୭୫୧୦୨୪ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁଜାତା ଦାସ,** ସ୍ୱାମୀ: ଶ୍ରୀ ରବୀନ୍ଦ୍ର କୁମାର ପଣ୍ଡା, ଗାଡକଣ, ରସୁଲଗଡ, ମଞ୍ଚେଶ୍ୱର, ଭୁବନେଶ୍ୱର-୭୫୧୦୧୦ | **ଶ୍ରୀ ରବୀନ୍ଦ୍ର କୁମାର ପଣ୍ଡା,** ପିତା: ଶ୍ରୀ ସର୍ବେଶ୍ୱର ପଣ୍ଡାଙ୍କ ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯/୨୦୨୭, ଖାତା ନଂ.: ୫୨୯/୧୨୮୦, କ୍ଷେତ୍ର: ଏକର୦.୦୫୫ ଡ଼ିସିମିଲି, ମୌଜା: ମାଟିଆପଡା-୨, ତହସିଲ: ପିପିଲି, ସବ୍-ଡିଷ୍ଟ୍ରିକ୍ଟ: ପିପିଲି, ଜିଲ୍ଲା: ପୁରୀ / ୦୭.୧୧.୨୦୨୩ / ୧୫.୦୨.୨୦୨୪ | ତା.୩୧.୧୦.୨୦୨୩ ସୁଦ୍ଧା ଟ.୧୧,୧୮,୩୮୬.୮୭ + ସୁଧ ଏବଂ ସେବାବଦ ଖର୍ଚ୍ଚ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୯.୦୨.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
FORM NO. ITCP-16
**NOTICE FOR ATTACHMENT OF IMMOVABLE PROPERTY**
(See Rule 48 of the Second Schedule as referred to in section 29 of Recovery of Debts due to Banks & Financial Institutions Act, 1993)
**R. P. No. 118/2020/CTC**
(Arising out of OA No. 584 of 2015)
**Next Date: 17.04.2024**

Punjab National Bank, Balasore Branch ...Certificate Holder Bank
Vs.
M/S Shakti Foods ...Certificate Debtors

To,
1. **M/S SHAKTI FOODS,** AT/PO: MOTIGANJ BAZAR BALASORE, Odisha, Represented through its Proprietor Sri Nitya Nanda Das.
2. **SRI NITYA NANDA DAS,** PROPRIETOR OF M/S SHAKTI FOODS, S/O: LATE BALARAM DAS, AT: MADHIPUR, PO: REMUNA, BALASORE.
3. **SRI RABINARAYAN DAS,** S/O: LATE BALARAM DAS, AT: MADHIPUR, PO: REMUNA, BALASORE.
4. **SRI KAMALAKANTA DAS,** S/O: LATE BALARAM DAS, AT: MADHIPUR, PO: REMUNA, BALASORE.
5. **SRI ABIRKETAN DAS,** S/O: BIRANCHI NARAYAN DAS, AT: MADHIPUR, PO: REMUNA, BALASORE.

WHEREAS you, **M/S SHAKTI FOODS,** AT/PO: MOTIGANJ BAZAR, BALASORE, Odisha, Represented through its Proprietor Sri Nitya Nanda Das & others have failed to pay the sum of **Rs.1,18,41,389.00** (Rupees One Crore Eighteen Lac Forty One Thousand Three Hundred Eighty Nine Only) together with interest till realisation of the dues, cost, charges as per the certificate payable by you in respect of the demand notice issued by the undersigned as per certificate **dated. 20.03.2020,** arising out of OA No. 584 of 2015 issued by the Hon'ble Presiding Officer, Debts Recovery Tribunal, Cuttack under sub section (22) of the Section 19 of the Recovery of Debts due to Banks and Financial Institutions Act, 1993.

It is ordered that the under mentioned mortgaged properties are attached and you the said, **M/S SHAKTI FOODS, AT/PO: MOTIGANJ BAZAR, BALASORE, Odisha, Represented through its Proprietor Sri Nitya Nanda Das** & others be, and you are hereby prohibited and restrained until the further order of the undersigned from transferring or charging the under mentioned property in any way and that all persons be and that they are, hereby, prohibited from taking any benefit under such transfer of charge.

**Schedule of Properties:**

**Schedule-A**
Mouza: Ganipur, PS/SRO: Remuna, Dist.: Balasore, Khata No.: 27, Plot No.: 1329 (part), Area: Ac.0.29dec., surrounded by Plot No. 1329/3403 in North, Plot No. 1331/3502 at West: Plot No. 1323/15 and 1323/3558 at East and Plot No. 1330 at South: Khata No. 27, Plot No. 1324, Area: Ac.0.02dec (part), surrounded by Plot No. 1313 at North, Plot No. 1322/1981 at West, Plot No. 1323/3402 at East and Plot No. 1329/3401, recorded in the name of Sri Rabinarayan Das.

**Schedule-B**
Mouza: Ganipur, PS/SRO: Remuna, Dist.: Balasore, Khata No.: 463, Plot No.: 875, Area: Ac.0.10dec., surrounded by Plot No. 875/3490, 875/1903/3258, 875/1903/3256, 875/1906/3251, 875/1885/3252 at North, Plot No. 875/2, 875/1992/3261 at East, Plot No. 1330 at South: Khata No. 27, Plot No. 1324, Area: Ac.0.02dec (part), surrounded by Plot No. 1526 at South and road by west, recorded in the name of Sri Kamalakanta Das.

**Schedule-C**
Mouza: Ganipur, PS/SRO: Remuna, Dist.: Balasore, Khata No.: 583, Plot No.: 1296, Area: Ac.0.19dec., surrounded by Plot No. 1292, 1297 and 1300 at North, Plot No. 1294 at East, Plot No. 1439 and 1313 at South and Plot No. 1301/1436 by West, recorded in the name of Sri Abirketan Das.

Given under my hand & seal at Cuttack on this **29th day of January, 2024.**

**Sd/- (Prabhupada Dash)**
**Recovery Officer**



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
FORM NO. ITCP-16
**NOTICE FOR ATTACHMENT OF IMMOVABLE PROPERTY**
(See Rule 48 of the Second Schedule as referred to in section 29 of Recovery of Debts due to Banks & Financial Institutions Act, 1993)
**R. P. No. 58/2019/CTC**
(Arising out of OA No. 617 of 2015)
**Next Date: 04.04.2024**

Punjab National Bank, Balasore Branch ...Certificate Holder Bank
Vs.
M/S Radheshyam Agency ...Certificate Debtors

To,
1. **M/S Radheshyam Agency,** At: Bampada, Chhanpur, Balasore-756020.
2. **Sri Mukti Kanta Mohapatra,** S/o: Saroj Chandra Mohapatra, At/PO: Kans, Via: Mitrapur, PS: Nilagiri, Balasore-756020.
3. **Smt. Binata Das,** W/o: Late Karunakar Das, At: Sahajipatna, PO/PS: Remuna, Balasore-756020.
4. **Sri Malaya Ketan Das,** S/o: Late Biranchi Narayan Das, At: Madhipur, Remuna Bazar, Remuna, Balasore-756019.

WHEREAS you, **M/S Radheshyam Agency,** At: Bampada, Chhanpur, Balasore-756020 & others have failed to pay the sum of **Rs.52,44,714.00** (Rupees Fifty Two Lac Forty Four Thousand Seven Hundred Fourteen Only) together with interest till realisation of the dues, cost, charges as per the certificate payable by you in respect of the demand notice issued by the undersigned as per certificate **dated. 18.11.2019,** arising out of OA No. 617 of 2015 issued by the Hon'ble Presiding Officer, Debts Recovery Tribunal, Cuttack under sub section (22) of the Section 19 of the Recovery of Debts due to Banks and Financial Institutions Act, 1993.

It is ordered that the under mentioned mortgaged properties are attached and you the said, **M/S Radheshyam Agency, At: Bampada, Chhanpur, Balasore-756020** & others be, and you are hereby prohibited and restrained until the further order of the undersigned from transferring or charging the under mentioned property in any way and that all persons be and that they are, hereby, prohibited from taking any benefit under such transfer of charge.

**Schedule of Properties:**
Mouza: Bhauriabad, SRO: Nilagiri, PS: Nilagiri, Dist.: Balasore, Khata No.: 201, Plot No.: 645, 647, Total Area: Ac.1.53, recorded in the name of Mrs. Binata Das. Boundary details for the Plot No. 645 is East: Plot No. 680 (Vacant Plot), West: Plot No. 602 (Vacant Plot), North: Plot No. 675, 674, 679 & 646/4395, South: Plot No. 630, 631, 644 & 648 (Vacant Plot), Boundary details for the Plot No. 647 is East: Plot No. 648 (Vacant Plot), West: Plot No. 4009 (Vacant Plot), North: Plot No. 648 (Vacant Plot), South: Plot No. 646 (Vacant Plot).

Given under my hand & seal at Cuttack on this **24th day of January, 2024.**

**Sd/- (Prabhupada Dash)**
**Recovery Officer**

(ଶ୍ରୀମଭଗବଦ୍ ଗୀତା ୪/୫)
–ଜ୍ଞାନଯୋଗଃ–
(ଶ୍ରୀଭଗବାନୁବାଚ)

ବହୁନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜ୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥୫ ॥

ଶ୍ରୀ ଭଗବାନ କହିଲେ– ହେ ପରନ୍ତପ ଅର୍ଜୁନ ! ମେ ତୁମ୍ଭର ଓ ମୋର ବହୁତ ଜନ୍ମ ଅତୀତ ହୋଇଛି (ମୋର ଜ୍ଞାନଶକ୍ତି ଲୋପ ପାଏ ନାହିଁ ବୋଲି) ମୁଁ ସେସବୁ ଜାଣେ । କିନ୍ତୁ (ଅବିଦ୍ୟାରେ ଆବୃତ ବୋଲି) ତୁମେ ତାହା ସବୁ ଜାଣ ନାହିଁ ॥୫

# ରାଜନୈତିକ ହସ୍ତକ୍ଷେପ !

ସମ୍ପାଦକୀୟ

ବିରୋଧୀ –ଶାସିତ ରାଜ୍ୟଗୁଡ଼ିକରେ ରାଜ୍ୟପାଳ ଏବଂ ସରକାରଙ୍କ ମଧ୍ୟରେ ତିକ୍ତତା ଆହୁରି ତୀବ୍ର ହୋଇଛି । ତାମିଲନାଡୁ, ତେଲେଙ୍ଗାନା ଏବଂ କେରଳ ପରି କେତେକ ରାଜ୍ୟରେ ରାଜ୍ୟପାଳଙ୍କ ଭୂମିକା ନେଇ ଚର୍ଚ୍ଚା ଜୋର ଧରିଛି । ରାଜ୍ୟପାଳ ଏବଂ ସରକାରଙ୍କ ମଧ୍ୟରେ ବିବାଦ କେବଳ ରାଜ୍ୟପାଳଙ୍କ ଦ୍ୱାରା ବିଲ୍ ଫେରସ୍ତ, ମୌଖିକ ଅଭିଯୋଗ ସ୍ତରରେ ନାହିଁ, ବେଶ୍ ଆଗକୁ ବଢ଼ିଯାଇଛି । ତାମିଲନାଡୁରେ ନିକଟରେ ଘଟିଯାଇଥିବା ଘଟଣା ଅନେକଙ୍କୁ ଚକିତ କରିଛି । ରାଜ୍ୟପାଳ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ତାଙ୍କ ଭାଷଣରେ ଅସନ୍ତୁଷ୍ଟ ହୋଇ ଏହାକୁ ବିଧାନସଭାରେ ପଢ଼ିବାକୁ ମନା କରିଦେଇଥିଲେ । ୨୦୨୨ ମସିହାରେ ଶାସକ ଦ୍ରାବିଡ଼ା ମୁନ୍ନେତ୍ରା କାଜଗାମ (ଡିଏମକେ) ରାଜ୍ୟପାଳଙ୍କ ହଟାଇବାକୁ ରାଷ୍ଟ୍ରପତିଙ୍କ ନିକଟରେ ଏକ ସ୍ମାରକପତ୍ର ଦାଖଲ କରିବା ପର୍ଯ୍ୟନ୍ତ ଯାଇଥିଲେ । ସେହିଭଳି କେରଳରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ–ମାର୍କ୍ସବାଦୀ (ସିପିଆଇ–ଏମ) ସରକାର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ରାଜ୍ୟପାଳଙ୍କୁ ହଟାଇବା ପାଇଁ ଏକ ଆଦେଶ କିମ୍ବା ଏକ ସ୍ୱତନ୍ତ୍ର ଆଦେଶ ଆଣିବାକୁ ପ୍ରୟାସ କରିଥିଲେ । ରାଜ୍ୟ ସରକାର ଦାବି କରିଛନ୍ତି ଯେ ନିଜ ନିଜ ରାଜ୍ୟରେ ରାଜ୍ୟପାଳମାନେ ଭାରତୀୟ ଜନତା ପାର୍ଟି (ବିଜେପି)ର ରାଜନୈତିକ ଏଜେଣ୍ଡାକୁ ଆଗକୁ ବଢ଼ାଉଛନ୍ତି । ମାର୍ଚ୍ଚ ୨୦୨୩ରେ ବିରୋଧୀ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖି ରାଜ୍ୟପାଳଙ୍କ କାର୍ଯ୍ୟାଳୟର ଅପବ୍ୟବହାର କରାଯିବା ନେଇ ଅଭିଯୋଗ କରିଥିଲେ । ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ଘଟିଥିବା କେତେକ ଘଟଣା ଭାରତୀୟ ସମ୍ବିଧାନର ନିୟମାବଳୀ ସହ ଖାପ ଖାଉ ନ ଥିବାରୁ ରାଜ୍ୟପାଳଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସମ୍ବିଧାନର ଧାରା ୧୫୩ ଅନୁଯାୟୀ, ପ୍ରତ୍ୟେକ ରାଜ୍ୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଜଣେ ରାଜ୍ୟପାଳ ରହିବା ଆବଶ୍ୟକ । ଯଦିଓ ରାଜ୍ୟପାଳ ରାଜ୍ୟର ସାମ୍ବିଧାନିକ ମୁଖ୍ୟ, ତଥାପି ସେ ରାଜ୍ୟ ମନ୍ତ୍ରୀ ପରିଷଦର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି । ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ସମ୍ପର୍କ ୧୯୫୦ ଏବଂ ୬୦ ଦଶକରେ ଭଲ କାମ କରିଥିଲା, ଯେତେବେଳେ ସମାନ ଦଳ କେନ୍ଦ୍ର ତଥା ରାଜ୍ୟରେ କ୍ଷମତାରେ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ–ସରକାର ଓ ରାଜ୍ୟପାଳମାନଙ୍କ ମଧ୍ୟରେ କେତେକ ରାଜ୍ୟରେ ଖରାପ ହେବାକୁ ଲାଗିଲା ଏବଂ କ୍ଷମତାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଲା । ରାଜ୍ୟମାନଙ୍କ ମଧ୍ୟରେ ଏକ ସାଧାରଣ ଧାରଣା ସୃଷ୍ଟିହେଲା ଯେ' ରାଜ୍ୟପାଳମାନଙ୍କର ରାଜ୍ୟ ସରକାରଙ୍କ ଅପେକ୍ଷା କେନ୍ଦ୍ର ସରକାରଙ୍କ ସହ ସମ୍ପର୍କ ଅଧିକ । କେନ୍ଦ୍ରରେ କଂଗ୍ରେସ ଶାସନ କାଳରେ ରାଜ୍ୟଗୁଡ଼ିକରେ ରାଷ୍ଟ୍ରପତିଙ୍କ ଶାସନ ଲାଗୁ ହେବାର ବିଭିନ୍ନ ଘଟଣା ମଧ୍ୟ ୧୯୯୦ ଦଶକରେ ଏହି ସମ୍ପର୍କକୁ ପ୍ରଭାବିତ କରିଥିଲା । ୧୯୯୪ରେ, ବମ୍ମାଇ ରାୟ ରାଜ୍ୟ ସରକାରଙ୍କୁ ମନଇଚ୍ଛା ବରଖାସ୍ତ କରିବା ପାଇଁ କେନ୍ଦ୍ରର କ୍ଷମତାକୁ ହ୍ରାସ କରିଥିଲା । ତେବେ ତାମିଲନାଡୁର ରାଜ୍ୟପାଳ ଆର ଏନ୍ ରବି ବିଧାନସଭା ପ୍ରାରମ୍ଭରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ ନ ପଢ଼ିବା ଦ୍ୱାରା ସମ୍ପର୍କ ଆହୁରି ନିମ୍ନଗାମୀ ହେଇଛି । ଏହି ଭାଷଣରେ ରାଜ୍ୟ ସରକାରଙ୍କ ସଫଳତାକୁ ବର୍ଣ୍ଣନା କରାଯିବା ସହ ଜିଏସଟିକୁ ନେଇ କିଛି ଟିପ୍ପଣୀ ଥିଲା । ଏହି ବକ୍ତବ୍ୟରେ ରାଜ୍ୟ ପାଇଁ ବିଭିନ୍ନ ପାଣ୍ଠି ଦେବା ନେଇ କେନ୍ଦ୍ରକୁ ଅନୁରୋଧ କରାଯାଇଥିଲା । ଗତ ବର୍ଷ ରବି ରାଜ୍ୟ ସରକାରଙ୍କ ଦ୍ୱାରା ପଠାଯାଇଥିବା ୧୨ ଟି ବିଲ୍‌କୁ ଅଟକାଇବା ନେଇ ଡିଏମକେ ସରକାରଙ୍କ ସମାଲୋଚନାର ଶିକାର ହୋଇଥିଲେ । ଖାଲି ତାମିଲନାଡୁ କାହିଁକି ଅନ୍ୟ କେତେକ ରାଜ୍ୟରେ ମଧ୍ୟ ସରକାର ଏବଂ ରାଜ୍ୟପାଳ ବିଭିନ୍ନ ଇସ୍ୟୁକୁ ନେଇ ମୁହାଁମୁହିଁ ହେବାର ନଜିର ରହିଛି । ୨୦୧୯ରେ ତାଙ୍କ ନିଯୁକ୍ତି ପରଠାରୁ ତେଲେଙ୍ଗାନା ରାଜ୍ୟପାଳ ତାମିଲାଇସାଇ ସୌନ୍ଦରରାଜନଙ୍କ କେ ଚନ୍ଦ୍ରଶେଖର ରାଓ ସରକାର ସହ ମତାନ୍ତର ଦେଖାଯାଇଥିଲା । ଗତ ବର୍ଷ ସେପ୍ଟେମ୍ବରରେ ସୌନ୍ଦରରାଜନ ବିଧାନ ପରିଷଦରେ ଜଣେ ରାଜନେତା ମନୋନୀତ କରିବା ନେଇ ସୁପାରିଶକୁ ପ୍ରତ୍ୟାଖ୍ୟାନ କରିବା ପରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମ୍ପର୍କ ଖରାପ ହୋଇଯାଇଥିଲା । ତେଲେଙ୍ଗାନା ହାଇକୋର୍ଟ, ସରକାର ସୁପାରିଶ କରିଥିବା ନାମକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ସମ୍ବିଧାନର ଧାରା ୧୭୧ (୫) ଅନୁଯାୟୀ ଜଣେ ରାଜ୍ୟପାଳଙ୍କର ଅଧିକାର ଅଛି କି ନାହିଁ ବିଚାର କରିଥିଲେ । ବେଞ୍ଚ କହିଥିଲେ ଯେ ଏହି ବ୍ୟବସ୍ଥା ତାଙ୍କୁ ଏପରି ସ୍ୱାଧୀନ କ୍ଷମତା ପ୍ରଦାନ କରେ ନାହିଁ । ତାଙ୍କୁ ମନ୍ତ୍ରୀ ପରିଷଦର ସହାୟତା ଏବଂ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ପଡ଼ିବ । ଗତ ବର୍ଷ ନଭେମ୍ବରରେ ପଞ୍ଜାବ ରାଜ୍ୟପାଳଙ୍କ ବିଲ ଉପରେ ନିଷ୍କ୍ରିୟତା ସମ୍ପର୍କିତ ମାମଲାରେ ସୁପ୍ରିମକୋର୍ଟ କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ଏହାର ରାୟ ପଢ଼ିବାକୁ ପରାମର୍ଶ ଦେଇଥିଲେ । ପଞ୍ଜାବ ମାମଲାରେ ଦିଆଯାଇଥିବା ରାୟରେ ହାଇକୋର୍ଟ ବିଧାନସଭା ଦ୍ୱାରା ପାରିତ ହୋଇଥିବା ବିଲ୍ ଉପରେ ନିଷ୍ପତ୍ତି ନେବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ । ବିଧାନସଭା ଦ୍ୱାରା ପାରିତ ହୋଇଥିବା ଗୋଟିଏ ବିଲ୍ ରାଜ୍ୟପାଳଙ୍କ ସମ୍ମତି ପାଇଁ ପଠାଯିବା ପରେ ରାଜ୍ୟପାଳଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଯୁଜ୍ୟ ସମୟ ସୀମା ନେଇ ଆପେକ୍ସ କୋର୍ଟ ଆଲୋଚନା କରିଥିଲେ । ସୁପ୍ରିମକୋର୍ଟ ଦର୍ଶାଇଥିଲେ ଯେ ରାଜ୍ୟପାଳ ରାଜ୍ୟର ନାମମାତ୍ର ମୁଖ୍ୟ ଅଟନ୍ତି ଏବଂ ନିର୍ବାଚିତ ସରକାରଙ୍କ ବିଧାନସଭା କାର୍ଯ୍ୟକୁ ଭିଟୋ କରିବାକୁ କିମ୍ବା ବିଧାନସଭା ଦ୍ୱାରା ପାରିତ ହୋଇଥିବା ବିଲକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅଟକାଇ ରଖିବା ନେଇ ସେମାନଙ୍କର କ୍ଷମତା ନାହିଁ । ୧୯୮୮ରେ ସରକାରିଆ କମିଶନ ଏବଂ ସମ୍ବିଧାନର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ପାଇଁ ଜାତୀୟ ଆୟୋଗ ରାଜ୍ୟପାଳ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏପରି ବିବାଦକୁ ରୋକିବା ପାଇଁ ପରାମର୍ଶ ଦେଇଛନ୍ତି । କେତେକ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ନିଜର ରାଜନୀତିକ ଉଦ୍ଦେଶ୍ୟ ପାଇଁ ଅପବ୍ୟବହାର କରାଯାଉଥିବା ସରକାରିଆ ଆୟୋଗ ଏକ ଦୃଷ୍ଟାନ୍ତମୂଳକ ମନ୍ତବ୍ୟ ଦେଇଛନ୍ତି । ଗୋଟିଏ ପଟେ କେତେକ ରାଜ୍ୟର ରାଜ୍ୟପାଳ ଏବଂ ସରକାରଙ୍କ ମଧ୍ୟରେ ବିବାଦ ଥିବାବେଳେ ଅନ୍ୟପଟେ କର୍ଣ୍ଣାଟକ ରାଜ୍ୟପାଳ ଥାୱାର ଚାନ୍ଦ ଗେହଲୋଟଙ୍କ ନାତିଙ୍କ ବିବାହ ସମୟରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ବହୁ ମନ୍ତ୍ରୀ ନବ ବିବାହିତ ଦମ୍ପତିଙ୍କୁ ଆଶୀର୍ବାଦ ଦେବା ପାଇଁ ଇନ୍ଦୋରକୁ ଯାଇଥିଲେ ଏବଂ ରାଜ୍ୟପାଳ ଓ ସରକାରଙ୍କ ସମ୍ପର୍କକୁ ନେଇ ଭିନ୍ନ ଏକ ସମ୍ବାଦ ଦେଇଥିଲା । ତେବେ ସେ ଯାହା ହେଉନା କାହିଁକି, ସମ୍ବିଧାନର ବ୍ୟାଖ୍ୟା ଅନୁସାରେ ସମସ୍ତେ ନିଜ ନିଜର କର୍ତ୍ତବ୍ୟ କରିବା ଜରୁରୀ ଏବଂ ନିଜର ନ ହେଲେ ମଧ୍ୟ ପଦର ଯେପରି ମର୍ଯ୍ୟାଦା ହାନି ନ ହୁଏ, ସେ ଦିଗରେ ଚେଷ୍ଟା କରିବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ, ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

# ମଣିଷର ଉତ୍ତମ ବନ୍ଧୁ ପୁସ୍ତକ

## ବୈଷ୍ଣବ ଚରଣ ଦାଶ

**ବାସ୍ତବରେ ବହି ପଢ଼ିବା ବିଶେଷକରି ଭଲ ବହି ସଂଗ୍ରହ କରି ପଢ଼ିବାର ଇଚ୍ଛା ଓ ନିଶା ବ୍ୟକ୍ତିକୁ ଜୀବନରେ ଜଣେ ସଫଳ ମଣିଷ ଭାବରେ ପ୍ରତିଷ୍ଠିତ କରାଇଥାଏ । ଏପରିକି ଜୀବନରେ ଆସୁଥିବା ବାଧାବିଘ୍ନର ସମାଧାନ ସୂତ୍ର ଭଲ ବହି ଦ୍ୱାରା ହୋଇପାରିଥାଏ । ଯେମିତି ଶ୍ରୀମଦ୍ ଭଗବତ ଗୀତା ଭଳି ଅନନ୍ୟ ମହାଗ୍ରନ୍ଥ ଯେକୌଣସି ସମସ୍ୟା, ଦ୍ୱନ୍ଦ ଓ ଚାପଗ୍ରସ୍ତ ମଣିଷକୁ ସମାଧାନର ସୂତ୍ର ବତାଇଥାଏ ।**

ପୁସ୍ତକ ହେଉଛି ମଣିଷର ଅନ୍ତରଙ୍ଗ ବନ୍ଧୁ । ଯାହା ମନୁଷ୍ୟକୁ ପ୍ରେରଣା ଯୋଗାଏ, କ୍ରିୟାଶୀଳ କରେ, ଚାରିତ୍ରିକ ସଂଶୋଧନ କରିଥାଏ । ପୁସ୍ତକ ହେଉଛି ଜ୍ଞାନର ଗବାକ୍ଷ । ଏହା ଅସୀମ ଦୁନିଆକୁ ପ୍ରବେଶ ପଥ । ପୁସ୍ତକ ମାଧ୍ୟମରେ ଚିନ୍ତାଚେତନା ଓ ଭାବଭାବନାର ଅଭିବୃଦ୍ଧି ଘଟିଥାଏ । ଏହା ବୌଦ୍ଧିକ ପରିସରକୁ ପରିପୁଷ୍ଟ କରିଥାଏ । ପୁସ୍ତକର ଶକ୍ତି ବନ୍ଧୁକର ଗୁଳିଠୁ ବି ଅଧିକ । ତେଣୁ ଆମେ ପଠନାଭ୍ୟାସକୁ ଗୁରୁତ୍ୱ ଦେବା ଦରକାର । ବ୍ୟକ୍ତିଗତ ତଥା ସାମାଜିକସ୍ତରରେ ଅଧିକ ପାଠାଗାର ସ୍ଥାପନ ହେବା ଆବଶ୍ୟକ । ଆମ ଦେଶର ସାହିତ୍ୟର ଏକ ଦୀର୍ଘ ଓ ସମୃଦ୍ଧ ପରମ୍ପରା ରହିଛି । ଓଡ଼ିଆ ସାହିତ୍ୟ ସହ ଅନ୍ୟ ଭାଷାର ସାହିତ୍ୟ ମଧ୍ୟରେ ସଂପର୍କକୁ ଗଠନମୂଳକ ଓ କ୍ରିୟାଶୀଳ କରିବା ପାଇଁ ପଡିବ ।

ବାସ୍ତବରେ ବହି ପଢ଼ିବା ବିଶେଷକରି ଭଲ ବହି ସଂଗ୍ରହ କରି ପଢ଼ିବାର ଇଚ୍ଛା ଓ ନିଶା ବ୍ୟକ୍ତିକୁ ଜୀବନରେ ଜଣେ ସଫଳ ମଣିଷ ଭାବରେ ପ୍ରତିଷ୍ଠିତ କରାଇଥାଏ । ଏପରିକି ଜୀବନରେ ଆସୁଥିବା ବାଧାବିଘ୍ନର ସମାଧାନ ସୂତ୍ର ଭଲ ବହି ଦ୍ୱାରା ହୋଇପାରିଥାଏ । ଯେମିତି ଶ୍ରୀମଦ୍ ଭଗବତ ଗୀତା ଭଳି ଅନନ୍ୟ ମହାଗ୍ରନ୍ଥ ଯେକୌଣସି ସମସ୍ୟା, ଦ୍ୱନ୍ଦ ଓ ଚାପଗ୍ରସ୍ତ ମଣିଷକୁ ସମାଧାନର ସୂତ୍ର ବତାଇଥାଏ । ସେହିପରି ବଡ଼ ଲୋକଙ୍କ ଜୀବନୀ ବା ଆତ୍ମଜୀବନୀ ପଢ଼ିଲେ କେବଳ ଜୀବନ ଯୁଦ୍ଧରେ ବିଜୟୀ ହେବାରେ ସହାୟତା କରେ ତାହା ନୁହଁ, ବରଂ ଜୀବନର ସମସ୍ତ ସଂଘର୍ଷ ଓ ସଂଘାତକୁ ପ୍ରତିରୋଧ କରି ନୂତନ ଆଶା ସଂଚାର କରେ । ପୁସ୍ତକ ପଠନ କେବଳ ଜ୍ଞାନ ବୃଦ୍ଧିରେ ସହାୟକ ହୁଏ ତାହା ନୁହେଁ,ଏହା ବହୁ ସମୟରେ ଥେରାପି ଭଳି ଅନେକ ଶାରୀରିକ ଓ ମାନସିକ କ୍ଲେଶକୁ ଦୂର କରିଦିଏ । ଅନେକ ସାଧାରଣ ମଣିଷ ପୁସ୍ତକ ପଠନରୁ ନୂଆ ଉତ୍ସାହ ପାଇ ମହାପୁରୁଷ ଭାବରେ ଇତିହାସରେ ବିଖ୍ୟାତ । କିନ୍ତୁ ଆଜି ସମୟ ଓ ପରିସ୍ଥିତି ବଦଳି ଯାଇଛି ।

ଇଣ୍ଟରନେଟର ବହୁଳ ବ୍ୟବହାର ଫଳରେ ଇ–ପୁସ୍ତକ ପ୍ରକାଶିତ ହେଉଛି, ସତ କିନ୍ତୁ ଲେଖାଗୁଡ଼ିକର ପାଠକୀୟ ସ୍ୱୀକୃତି କମି କମି ଯାଉଛି । ଲେଖକ ସଂଖ୍ୟା ଅପ୍ରତ୍ୟାଶିତ ଭାବରେ ବୃଦ୍ଧି ଘଟିଛି ।

ପୁସ୍ତକ ପ୍ରକାଶନ ମଧ୍ୟ କ୍ରମବର୍ଦ୍ଧିଷ୍ଣୁ ହାରରେ ବଢ଼ିଛି କିନ୍ତୁ ପାଠକ ଓ ସମୀକ୍ଷକଙ୍କ ସଂଖ୍ୟା କ୍ରମବର୍ଦ୍ଧିଷ୍ଣୁ ହାରରେ କମି ଚାଲିଛି । ଛାତ୍ରୀଛାତ୍ରମାନଙ୍କ ଭିତରେ ପୁସ୍ତକ ପଠନର ଉତ୍ସୁକତା ଦେଖିବାକୁ ମିଳୁନାହିଁ । କୌଣସି ଲେଖା ଉପରେ ବୟସ୍କ ଗୋଷ୍ଠୀ ଅପେକ୍ଷା ଯୁବ ବର୍ଗଙ୍କ ମତାମତ ଏକ ପ୍ରକାର ଠପ୍ ହୋଇଯାଇଛି । ଗ୍ରନ୍ଥାଗାରରେ ଆଉ ଭିଡ଼ ନାହିଁ । ଏହି ଇ–ପୁସ୍ତକ ମାଧ୍ୟମରେ ବହିର କଳେବର କ୍ଷୁଦ୍ରାତି କ୍ଷୁଦ୍ର ହୋଇପାରିଛି । ଭ୍ରାମ୍ୟମାଣ ସମସ୍ୟା ସମାଧାନ କରିଛି । ଇଣ୍ଟରନେଟ ବା ଅନ୍ୟ ସୂତ୍ରରୁ ଅଣାଯାଇଥିବା ପାଠ ଅପେକ୍ଷା ପୁସ୍ତକରୁ ପଢିଥିବା ପାଠ ଚିରସ୍ଥାୟୀ ହୋଇଥାଏ । ଶିକ୍ଷକଙ୍କ ପ୍ରସ୍ତାବିତ ଭଲ ପାଠ୍ୟପୁସ୍ତକ ପଢ଼ିବା ପାଇଁ ଆଉ ପ୍ରତିଯୋଗିତା ନାହିଁ । ମାର୍କ ଟୱେନଙ୍କ ମତରେ ସବୁ ଭଲ ବନ୍ଧୁ, ଭଲ ପୁସ୍ତକ ଏବଂ ଏକ ସୁଶାନ୍ତ ବିବେକ, ଏହା ହେଉଛି ଆଦର୍ଶ ଜୀବନ । ପୁସ୍ତକ ଦ୍ୱାରା ଯେ କେବଳ ଜ୍ଞାନ ବୃଦ୍ଧି ନ ହୋଇ ବ୍ୟାକରଣ ଶୁଦ୍ଧି, ଅକ୍ଷର ଜ୍ଞାନ ଆଦି ବିଷୟରେ ମଧ୍ୟ ତଥ୍ୟ ମିଳେ । ଯେଉଁ ଦେଶର ଲୋକ ଯେତେ ଅଧ୍ୟୟନପ୍ରିୟ ସେ ଦେଶ ସେତେ ବିକଶିତ । କାରଣ ପଠନ ଏକ ସଂସ୍କାର ଓ ସଂସ୍କୃତି କର୍ତ୍ତବ୍ୟ । ଏହା ପ୍ରବୀଣ ଓ ପ୍ରାଜ୍ଞ ହେବାର ଏକ ବଳିଷ୍ଠ ମାଧ୍ୟମ ।

ସ୍ୱାଧ୍ୟାୟ ମଣିଷକୁ ସ୍ୱାବଲମ୍ବୀ ସହ ସ୍ୱାଭିମାନୀ କରେଇ ଥାଏ । ଆଜିକାଲି ବିଭିନ୍ନ ଉତ୍ସବରେ ଉପହାର ସ୍ୱରୂପ ଯେ କୌଣସି ପୁସ୍ତକଟିଏ ପ୍ରଦାନ କଲେ, ଉଭୟ ଦାତା ଓ ଗ୍ରହୀତାଙ୍କ ଅଶେଷ ଉପକାର ସାଧିତ ହୋଇଥାଏ । କୁହାଯାଇଛି – 'ପଠତୋ ନାସ୍ତି ମୂର୍ଖତ୍ୱମ' । ତେଣୁ ଆଜୀବନ ପୁସ୍ତକ ପଠନକୁ ଜୀବନର ବ୍ରତ ରୂପେ ଗ୍ରହଣ କରିବା ଏକ ଭଲ ଅଭ୍ୟାସ ହେବା ଉଚିତ ।

**ବୀର ଧନଞ୍ଜୟ ପୁର**
**ବୁଗୁଡ଼ା ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ଫେସ୍‌ବୁକ୍ ହ୍ୟାକ : ଚଳନ୍ତି ସମୟର ସମସ୍ୟା

## ଦଶରଥ ହେମ୍ବ୍ରମ୍

ଆଜିକାଲି ଦୁନିଆରେ ଅନେକ ପ୍ରକାର ସମସ୍ୟା ଦେଖିବାକୁ ମିଳିଥାଏ । ବ୍ୟକ୍ତିଗତ ସମସ୍ୟାଠାରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହେଉଛି । କିଛି ସମସ୍ୟାକୁ ଉଚିତ ସମୟରେ ଜନସାଧାରଣଙ୍କର ସଚେତନ ଓ ସତର୍କତାରୁ ସହଜରେ ସମାଧାନ ହେଇପାରୁଥିବାବେଳେ ଅନ୍ୟ କିଛି ସମସ୍ୟାର ସମାଧାନ କୌଣସି ସୂତ୍ର ବାହାର କରାଯାଇ ପାରୁନାହିଁ, ବର୍ତ୍ତମାନ ସମୟରେ ତାହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟି ଯାଇଛି । ତେବେ ସେଇ କିଛି ସମସ୍ୟା ମଧ୍ୟରୁ ଫେସ୍‌ବୁକ୍ ହ୍ୟାକ ହେଉଛି ଏକ ବିରାଟ ସମସ୍ୟା, ଯାହା ସମାଧାନ କରିବା ପନ୍ଥା କେବଳ ଜନସାଧାରଣଙ୍କ ହାତରେ ହିଁ ଅଛି, ତାହା କହିଲେ ହୁଏତ ଭୁଲ ହେବ ନାହିଁ ।

ଡିଜିଟାଲ ଦୁନିଆରେ ମୋବାଇଲ ଧରିବା ପ୍ରାୟ ସମସ୍ତଙ୍କର ଅଭ୍ୟାସ ହୋଇଯାଇଛି । ୨୪ ଘଣ୍ଟାରୁ ୬ ଘଣ୍ଟାଛାଡିଦେଲା ପରେ ୧୮ ଘଣ୍ଟାମୋବାଇଲ ଅନଲାଇନରେ ଜଣେ ବ୍ୟସ୍ତ ରହୁଛି । ସୋସିଆଲ ମିଡିଆରେ କିଏ ରିଲ୍ସ ତିଆରି କରି ଫେମସ୍ ହେବା ପାଇଁ ଚାହୁଁଥିବାବେଳେ ଅନ୍ୟ କିଏ ଫଟୋ ଅପଲୋଡ୍ କରି ଲାଇକ ଓ କମେଣ୍ଟକୁ ଭଲ ପାଆନ୍ତି । ଏମିତି ଆହୁରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେକି ଫେସ୍‌ବୁକ୍ ଲାଇଭ୍‌ରେ ଆସି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଓ ସମାଲୋଚନା କରିଥାନ୍ତି, ବେଳେ ବେଳେ ଅନ୍ୟମାନେ ଏହା ଦେଖି ଫାଇଦା ନିଅନ୍ତି ଓ ପରିଶେଷରେ ଏହା ବାଦ–ବିବାଦର ରୂପ ନେଉଛି । ଯେଉଁଥିପାଇଁ ମୋବାଇଲ ବ୍ୟବହାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

ଏସବୁ ତର୍ଜମା କରି ଦେଖିଲେ, ରାଜ୍ୟରେ ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ୭୫ ଜଣଙ୍କ ପାଖରେ ମୋବାଇଲ ଅଛି। ଆଉବାକି ୨୫ ଜଣଙ୍କ ପାଖରେ ମୋବାଇଲ ନଥିବାରୁ ସେମାନେ ମୋବାଇଲ ଆମୋଦପ୍ରମୋଦରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସେବା ପାଇପାରୁ ନାହାନ୍ତି ବୋଲି ନିକଟରେ ଟ୍ରାଇ (ଭାରତୀୟ ଦୂରସଞ୍ଚାର ନିଗମ କର୍ତ୍ତୃପକ୍ଷ) ଜାରି କରିଥିବା ରିପୋର୍ଟରୁ ଜଣାପଡ଼ିଛି । ତେବେ ୨୦୨୩ ବର୍ଷର ଶେଷସୁଦ୍ଧା ଟେଲି ସାନ୍ଦ୍ରତାରେ ଓଡିଶା ୭୫.୭୫ ପ୍ରତିଶତ ମୋବାଇଲ ବ୍ୟବହାରୀଙ୍କ ସଂଖ୍ୟା । କିନ୍ତୁ ପୂର୍ବବର୍ଷ ଅର୍ଥାତ ୨୦୨୨ର ଶେଷସୁଦ୍ଧା ୨ ଲକ୍ଷରୁ ଅଧିକ ମୋବାଇଲ ଗ୍ରାହକ ନେଟୱର୍କରୁ ବାହାରି ମୋବାଇଲ ବ୍ୟବହାରୀକାରୀଙ୍କ ସଂଖ୍ୟା ଓଡିଶାର ମୋଟ ଜନସଂଖ୍ୟାରୁ ୩.୩୧ କୋଟି ଅଛନ୍ତି । ଏଇଠୁ ଅନୁମାନ କରିହୁଏ, ଆଜିକାସମୟରେ ମୋବାଇଲ ବିନା ଜୀବନ ଜୀଇଁବା ସହଜ ନୁହଁ ବୋଲି ଲୋକମାନେ ଭାବନ୍ତି ।

ମୋବାଇଲ ବ୍ୟବହାର କରିବା ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନଥାଏ । କେବଳ ଅପରେଟିଂ ବିଷୟରେ ସମ୍ୟକ ଧାରଣାହିଁ ଯଥେଷ୍ଟ । ତାହାରି ମାଧ୍ୟମରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ୟୁଟୁବଭଳି ଅନେକ ଆପ୍ଲିକେଶନ ସୋସିଆଲ ମେଡିଆ ପ୍ଲାଟଫର୍ମରେ ଆକାଉଣ୍ଟ ଖୋଲି ଦକ୍ଷତା ପ୍ରଦର୍ଶନ କରିବାର ଏକ ରଙ୍ଗମଞ୍ଚ ଓ ଅଳ୍ପ ସମୟ ମଧ୍ୟରେ ଦେଶ–ବିଦେଶର କଥା ଜାଣିବାର ଏକ ବୈଦ୍ୟୁତିକ ଗଣମାଧ୍ୟମ । ପ୍ରାୟ ସମୟ ଅନେକେ ଅନଲାଇନରେ ସକ୍ରିୟ ରୁହନ୍ତି । ଇତିମଧ୍ୟରେ ସାଇବରଠକ ଠାରୁ କେତେବେଳେ କିଏ ଠକାମିର ଶିକାର ହେଇଥାନ୍ତି, ସେମାନେ ବି ଜାଣି ପାରନ୍ତି ନାହିଁ । ଏ ବାବଦରେ ପୋଲିସ ବିଭାଗ ଅନେକ ଥର ସଚେତନ କରାଇଥିଲେ ମଧ୍ୟ ଲୋକମାନେ ଅନେକେ ସଚେତନ ହେଉନଥିବା ଦେଖିବାକୁ ମିଳୁଛି । ତଥାପି ସେହି ଭୁଲହିଁ ଅନେକେ ବେଳେ ବେଳେ କରୁଛନ୍ତି ।

ସାଇବର ଠକେଇ ବୃଦ୍ଧିଚାଲିଛି, ତାହା ପୁଣି ସାମାଜିକ ଗଣମାଧ୍ୟମର ଫେସ୍‌ବୁକ୍‌ସକୁ ମାଧ୍ୟମ କରିକି । ଏମାନେ ଆପଣାଇ ଥିବା ଦୁଇଟି ନୂଆ ପନ୍ଥା ଅନୁସାରେ ଲୋକମାନଙ୍କଠୁ ଟଙ୍କା ଲୁଟୁଛନ୍ତି । ପ୍ରଥମତଃ, ସାଇବର ଅପରାଧୀମାନେ କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଫେସ୍‌ବୁକ୍ ହ୍ୟାକକରି ବନ୍ଧୁ–ଅନୁରୋଧ ପଠାନ୍ତି । ତାଙ୍କ ସହିତ ବନ୍ଧୁତାହେଲା ପରେ ମେସେଞ୍ଜର ମାଧ୍ୟମରେ ସେମାନେ ତାଙ୍କର ପରିଚିତ ବ୍ୟକ୍ତିମାନଙ୍କୁ ମେସେଜ ପଠାନ୍ତି । ସେଥିରେ ସେମାନେ ମୋବାଇଲ ନମ୍ବର ଦିଅନ୍ତୁ ବୋଲି ମେସେଜରେ ଉଲ୍ଲେଖ କରନ୍ତି । ଯେହେତୁ ପ୍ରତିଷ୍ଠିତ ବ୍ୟକ୍ତିଜଣଙ୍କ ପରିଚିତ ବନ୍ଧୁ, ତେଣୁ ଆଗ ପଛ କିଛିବିଚାର ନକରି ଅନେକେ ନମ୍ବର ଦେଇଥାନ୍ତି ।

ଏହାପରେ ମେସେଞ୍ଜରରୁ ମେସେଜ ଆସେ ଯେ, ମୋର ଜଣେ ବନ୍ଧୁ ଜଣେ ଅଫିସର ଅଛନ୍ତି, ତାଙ୍କର ବିହାର କିମ୍ବା ପଶ୍ଚିମବଙ୍ଗ ତଥା ଅନ୍ୟ କୌଣସି ରାଜ୍ୟକୁ ବଦଳି ହେଇଯାଇଛି । ତାଙ୍କର ବହୁ ଦାମିକା ଆସବାବପତ୍ରକୁ ବିକ୍ରି କରିଦେବାକୁ ଚାହୁଁଛନ୍ତି । ଆପଣଙ୍କ ନମ୍ବର ସେଇବ୍ୟକ୍ତିଙ୍କୁ ଦେଉଛି ଏବଂ ଆପଣଙ୍କୁ ମଧ୍ୟ ତାଙ୍କ ନମ୍ବର ଦେଉଛି । ମେସେଞ୍ଜରରେ ମେସେଜ କରିଦିଏ । ଏହା ପରେ ବହୁ ଦାମିକା ଆସବାବପତ୍ରର ଫଟୋ ଆସିବ । ଯାହାକୁ ଦେଖିଲେ ଚମିକି ପଡ଼ିବେ । ଏହାର ମୂଲ୍ୟ ହିସାବ କରିଲେ ତାହା ଦଶ ଲକ୍ଷଟଙ୍କାରୁ ଅଧିକ ହେବ ସିନା କମ୍ ହେବ ନାହିଁ । ଏହାକୁ ଦୁଇଲକ୍ଷରେ ଦେଇଦେବେ ବୋଲି ଠକ କହିବ ଓ ଲକ୍ଷେ ଟଙ୍କା ଫୋନପେ' କରିବାକୁ ଠକ ଅନୁରୋଧ କରିବ ।

ଲୋଭରେ ପଡ଼ିବ୍ୟକ୍ତି ଜଣକ ଟଙ୍କା ଠକ ଫୋନପେ'ରେ ପେ' କରିସାରିଲା ପରେ ଦିଆଯାଇଥିବା ନମ୍ବର ସୁଇଚ ଅଫ ହୋଇଯିବ । ଆଉ ତାହାର କୌଣସି ଖୋଜଖବର ମିଳିବ ନାହିଁ । ଦ୍ୱିତୀୟତଃ, ବର୍ତ୍ତମାନ ସୋସିଆଲ ମିଡ଼ିଆରେ ସୁନ୍ଦରୀମାନେ ମାତିଛନ୍ତି । ଯାହାକୁ ଡିଜିଟାଲ ସୁନ୍ଦରୀର ଆଖ୍ୟା ଦିଆଯାଇଛି । ସେମାନେ ଫେକ୍ ଆକାଉଣ୍ଟ ଖୋଲି ଯୁବକଙ୍କସହ ଅଶ୍ଳୀଳଚାଟ କରିବା ପରେ ବ୍ଲାକମେଲିଂ କରି ଲକ୍ଷ ଲକ୍ଷ ଟଙ୍କା ଲୁଟିଥାନ୍ତି । ଏଭଳି ଘଟଣା ଅନେକ ଥର ଆମ ଓଡିଶାରେ ଦେଖିବାକୁ ମିଳିଥିଲା, ଏଥିପାଇଁ ଅଶ୍ଳୀଳ ଭିଡିଓ ଚାଟ୍‌ରୁ ଦୂରେଇ ରହିବାକୁ ପୋଲିସ ବିଭାଗ ସମୟେ ସମୟେ ସତର୍କ ସୂଚନା ଜାରି କରିଥାଉଛନ୍ତି । କିନ୍ତୁ ଲୋକଲଜ୍ୟା ଭୟରେ ଅନେକ ଘଟଣା ଲୋକଲୋଚନକୁ ଆସିପାରୁ ନାହିଁ । ତେବେ ସାଇବର ଠକ ଠାରୁ କିପରି ଦୂରେଇ ରହିବାକୁ ହେବ ସେଥିପ୍ରତି ଯତ୍ନବାନ ହେବା ଦରକାର । ତେଣୁ କେହି ଅଜଣା ବ୍ୟକ୍ତିଙ୍କ ଆକାଉଣ୍ଟରୁ ଯଦି ବନ୍ଧୁ ଅନୁରୋଧ ଆସୁଛି, ତାହାକୁ ଭଲ ଭାବରେ ତଦାରଖ କରିବାକୁ ହେବ ।

ମେସେଞ୍ଜରରେ ଚାଟିଂ କରି ସାଇବର ଠକ ଟଙ୍କା ଯଦି ମାଗିଲା, ଫୋନ କରିକିମ୍ବା ମେସେଜ କରି ସଂପୂର୍ଣ୍ଣ ଜାଣିବାକୁ ହେବ ସେଇବ୍ୟକ୍ତି ଜଣକ କିଏ ? ଏଠିମନେ ରଖିବାକୁ ହେବ, ଓଡିଆ ଲୋକଙ୍କ ଆକାଉଣ୍ଟରୁ ଯଦି କେହି ଇଂରାଜୀ କିମ୍ବା ହିନ୍ଦୀରେ ଚାଟିଂ କରି ଟଙ୍କା ମାଗୁଛି, ତେବେ ସେହି ବ୍ୟକ୍ତି ଜଣକ ସେ ନୁହନ୍ତି ଓ ଜମାରୁ ବିଶ୍ୱାସ କରିବା ଉଚିତ ନୁହଁ । ଏଥିପ୍ରତି ସତର୍କ ହେବା ଜରୁରୀ । ଗାଉଁଲିଭାଷାରେ କହିବାକୁ ଗଲେ ଯାହାର ଆର୍ଥିକ ସାହାଯ୍ୟ ଦରକାର ଅଛି, ସେ ସିଧା ଫୋନ କରିକି ଟଙ୍କା ମାଗିବ ନଚେତ୍ ବ୍ୟକ୍ତିଗତ ସାକ୍ଷାତ କରିକି ଉଧାର ଆକାରରେ ଟଙ୍କା ମାଗିଥାଏ । କିନ୍ତୁ ମେସେଞ୍ଜରରେ ଟଙ୍କା ମାଗିବା କ୍ଷଣିକେ ଟଙ୍କା ଦେଇଦେବା ଏକ ପ୍ରକାର ଶିକ୍ଷିତ ମୂର୍ଖର ପରିଚୟ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ଦୁର୍ନୀତି ନିବାରଣ ଅଧିକାରୀ, ବାଲେଶ୍ୱର,**
**ମୋ–୯୩୩୭୪୦୪୨୫୪**

# ଭଗବତୀ ଭାରତୀ ଦେବୀ ନମସ୍ତେ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମା' ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ । ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି – ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ – ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି । ମା'ସରସ୍ୱତୀଙ୍କର ବହୁ ନାମ ରହିଛି – ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି । ମା'ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ । ଏହାର ତାତ୍ପର୍ଯ୍ୟ କ'ଣ ? ପରମପ୍ରେମମୟ ଯୁଗାବତାର ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସମୀପରେ ଆବ୍ରହ୍ମସ୍ତମ୍ଭ ପର୍ଯ୍ୟନ୍ତ ସମସ୍ତ ବିଷୟରେ ଆଲୋଚନା ହୋଇଛି। ସରସ୍ୱତୀ ଶବ୍ଦର ଅର୍ଥ – ସରସ୍ ବତୀ, ସରସ ମାନେ ଜଳ, ତେଣୁ ମା'ସରସ୍ୱତୀ ହେଲେ ଜଳବତୀ ।

ଧାତୁଗତ ଅର୍ଥ ପ୍ରୟୋଗ କରି ଯୁଗପୁରୁଷ ଶ୍ରୀଶ୍ରୀଠାକୁର କହିଲେ – ସରସ୍ ଶବ୍ଦର ଧାତୁ ହେଉଛି ସୃ ଧାତୁ – ଅର୍ଥ ଗତି ବା ଚାଲିବା । ତେଣୁ ଶ୍ରୀଶ୍ରୀଠାକୁର କହିଲେ – ସରସ୍ୱତୀ ଅର୍ଥ ଗତିବତୀ, ଗତିର ପ୍ରତୀକ । ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା । ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି । ମା'ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ । ବାକ୍‌ମାନେ ଶବ୍ଦ । ତେଣୁ ପ୍ରେମାବତାର ଶ୍ରୀଶ୍ରୀଠାକୁର କହିଲେ– ମା'ସରସ୍ୱତୀ ଶବ୍ଦର ଦେବୀ । ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ । ସୃଷ୍ଟିର ଆଦିରେ ଅଛି ଗତି । ଅନନ୍ତ ବକ୍ଷରେ ଆକର୍ଷଣ–ବିକର୍ଷଣ ମଧ୍ୟ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର – ଗତି ଓ ସ୍ପନ୍ଦନ ବା ଶବ୍ଦ। ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ । ତେଣୁ ଶ୍ରୀମଦ୍ ଭାଗବତରେ ଅଛି – ଆଦିରେ ପରମବ୍ରହ୍ମ ଶବ୍ଦରୂପୀ । ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ । ମା'ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର ।

ମା'ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି । ଯୁଗାବତାର ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଏହାର ଅର୍ଥ ବୁଝାଇ କହିଲେ – ମନୁସଂହିତାରେ ଅଛି – ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ । ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା । ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି । ପାଣି ଉପରେ ପଦ୍ମ, ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ବ୍ୟକ୍ତ କଲେ – ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁ ଠାରୁ – ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି ।

ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ । ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ । ଆବେଗପୂର୍ଣ୍ଣ ଭାବରେ ଶ୍ରୀଶ୍ରୀଠାକୁର କହିଲେ – ମା'ସରସ୍ୱତୀ ହଂସାସୀନା, ହଂସ ଅର୍ଥ – ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ । ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ । ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ–ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା–ସଂକୀର୍ଣ୍ଣତା–ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ – ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ ।

ଯୁଗାବତାର ଶ୍ରୀଶ୍ରୀଠାକୁର ପୁଣି କହିଲେ – ହଂସ ହେଲା କଳନାଦୀ ବା କଳକଣ୍ଠ । କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ । ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା । ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ପୁଣି ବ୍ୟକ୍ତ କଲେ – ମା'ଙ୍କର କୋଳରେ ପୂଜାପାଏ ବହି । ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ । ବିଦ୍ୟା ଆସିଛି ବିଦ୍ ଧାତୁରୁ – ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି । ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ । ଆଉ ସେ ପ୍ରାପ୍ତି ହେଉଛି – ଧାରଣ–ପାଳନୀ–ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି ।

ମା'ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା–ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ –ଐଂ ହେଉଛି ମା'ସରସ୍ୱତୀଙ୍କର ବୀଜମନ୍ତ୍ର । ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା'ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ – ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ । ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ । ମା'ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ– ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା । ମା'ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା – ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି ।

ମା'ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା । ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ । ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ୍ୟ ଧଳା । ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା। ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା । ତାହା ସହଜରେ ଉପରକୁ ଉଠିପାରେ । ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ । ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ। ମା'ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ । ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା'ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା ।

**ସହ–ପ୍ରତିରଦ୍ଧିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ,**
**କଟକ,ମୋ– ୯୪୩୭୦୫୧୯୫୭**

# ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ନିର୍ବାଚନ...

ବାଲାଟ୍ ପେପରରେ କାଣ୍ଟଛାଣ୍ଟ କରୁଥିବାବେଳେ ସିସିଟିଭିରେ ଦୃଶ୍ୟ କଏଦ ହୋଇଥିଲା । ଏହାକୁ ନେଇ ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଥିଲା । ଆପ୍‌ର ୮ କାଉନ୍‌ସିଲରଙ୍କ ବାଲାଟ୍ ପେପରକୁ ନାକଚ୍ କରିଦିଆଯାଇଥିଲା । ଫଳରେ ବିଜେପିର ମନୋଜ ସୋନ୍‌କର ୪ ଖଣ୍ଡ ଭୋଟ୍‌ରେ ଜିତି ଯାଇଥିଲେ । ଯାହାକୁ ନେଇ ଅଦାଲତରେ ମାମଲା ହୋଇଥିଲା । ତେବେ ରିଟର୍ଣ୍ଣିଂ ଅଫିସର କହିଥିଲେ ଯେ ବାଲାଟପେପର ଗୁଡିକ ବିବୃତ୍ତ ହୋଇଥିଲା । ସେ ସେଥିରେ କେବଳ ଛକି ମାରିଥିଲେ । ଅନେକ କ୍ୟାମେରା ଲାଗିଛି ଦେଖିପାରନ୍ତି । ଖଣ୍ଡପୀଠ କହିଥିଲେ ଯେ ତମେ ଯେହେତୁ ଚିହ୍ନ ମାରିଛ ତେଣୁ ତୁମେ ଦଣ୍ଡ ପାଇବ । ଚଣ୍ଡିଗଡ ପ୍ରଶାସନ ପକ୍ଷରୁ ପକ୍ଷ ରଖୁଥିବା ସଲିସେଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ମୋତେ କୁହାଯାଇଛି ଯେ ବାଲାଟ ପେପରକୁ ଚିରି ଦିଆଯାଇଛି ବା ବିକୃତ କରିଦିଆଯାଇଛି । ହାଇକୋର୍ଟକୁ ଏସବୁ ଦେଖିବା ପାଇଁ ଛଡାଯାଉ । କିନ୍ତୁ ସୁପ୍ରିମ୍‌କୋର୍ଟ ଏଥିରେ ସନ୍ତୁଷ୍ଟ ହୋଇନଥିଲେ । ସିଜେଆଇ କହିଛନ୍ତି ଯେ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଜଣେ ଅଧିକାରୀଙ୍କୁ ମନୋନିତ କରିବାକୁ କହିଛୁ । ସଂରକ୍ଷିତ ବାଲାଟ ପେପର ସେ ଧରି ଆସିବେ । ଆମେ ହିଁ ନିଜେ ବାଲାଟ ପେପର ନଷ୍ଟ ହୋଇଛି କି ନାହିଁ ଦେଖିବୁ ଓ ଏହାପରେ ପରବର୍ତ୍ତୀ ନିଷ୍ପତ୍ତି ନେବୁ । ସୁପ୍ରିମ୍‌କୋର୍ଟ ପୁନଃ ନିର୍ବାଚନ ପାଇଁ ଯଦି ନିର୍ଦ୍ଦେଶ ନଦିଅନ୍ତି ତେବେ ବିଜେପି ପାଇଁ ଝଟ୍‌କା ହେବ । ପୁନଃ ନିର୍ବାଚନ ପାଇଁ ବିଜେପି ପ୍ରସ୍ତୁତି ସାରିଛି । ୩ ଆପ୍ କାଉନ୍‌ସିଲରଙ୍କୁ ଦଳରେ ମିଶାଇଛି । ପୌରପାଳିକାର ମୋଟ୍ ୩୫ କାଉନ୍‌ସିଲରଙ୍କ ମଧ୍ୟରୁ ବିଜେପି ପାଖରେ ୧୭ରେ ଅକାଳିଦଳରେ ଜଣେ ଓ ସ୍ଥାନୀୟ ଲୋକସଭା ସାଂସଦ କିରନ ଖେର ମଧ୍ୟ ବିଜେପିକୁ ସମର୍ଥନ କରିବେ । ତେଣୁ ୧୯ ଖଣ୍ଡ ଭୋଟ୍ ରହିଛି । ୩ ଜଣଙ୍କ ବିଦ୍ରୋହ ପରେ ଆପ୍ ପାଖରେ ୧୦ ଓ କଂଗ୍ରେସ ପାଖରେ ୭ କାଉନ୍‌ସିଲର ଅଛନ୍ତି । ନିର୍ବାଚନ ହେଲେ ବିଜେପି ଜିତିବ । ତେବେ ଘଟଣାକ୍ରମେ ନିର୍ବାଚିତ ମେୟର ଆଜି ଇସ୍ତଫା ଦେଇଛନ୍ତି ।

## ପ୍ରଥମେ...

ବିହାରରେ ରାହୁଲଙ୍କ ଯାତ୍ରାରେ ଆର୍‌ଜେଡିର ତେଜସ୍ୱୀ ଯାଦବ ସାମିଲ ହୋଇଥିଲେ । ସମାଜବାଦୀପାର୍ଟି ପକ୍ଷରୁ କୁହାଯାଇଛି ଯେ କଂଗ୍ରେସକୁ ସେମାନେ ୧୫ ଆସନ ଦେବେ । ୮୦ ଲୋକସଭା ଆସନ ମଧ୍ୟରୁ ୧୫ ଆସନ ଦିଆଯିବ । ହିନ୍ଦୀ ବେଲ୍ଟରେ ଗୋଟିଏ ଆସନ ରାୟବରେଲିରେ କଂଗ୍ରେସ ଜିତିଥିଲା । ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି ଯେ ୨୦୧୯ରେ ଆମେଥି ଓ ରାଇବରେଲିରେ କଂଗ୍ରେସ ଲଢ଼ିଥିଲା ଏବଂ ୧୫ ଆସନ ଦିଆଯାଇଥିଲା । କେବଳ ଦୁଇଟି ଆସନ ଛାଡିଦେଲେ ଅନ୍ୟ କେଉଁଠି କଂଗ୍ରେସ ଲଢ଼ିପାରିନଥିଲା । ଇତିମଧ୍ୟରେ ଅଖିଳେଶ କଂଗ୍ରେସର ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେଙ୍କ ନିମନ୍ତ୍ରଣପତ୍ର ପାଇଛନ୍ତି । ତାଙ୍କୁ ଯାତ୍ରାରେ ସାମିଲ ହେବାପାଇଁ ଅନୁରୋଧ କରାଯାଇଛି । ତେବେ ଅଖିଳେଶଙ୍କ ଏହି ମନ୍ତବ୍ୟ ସେ ଯାତ୍ରାରେ ସାମିଲ ନହୋଇପାରନ୍ତି ବୋଲି ସୂଚନା ଦେଉଛି । ତେବେ ଜୟରାମ ରାମେଶ କହିଛନ୍ତି ଯେ ଆସନ୍ତାକାଲି ସେ ଯାତ୍ରାରେ ଯୋଗଦେବେ ବୋଲି ଆଶା କରୁଛୁ । ପୂର୍ବରୁ ଆପ୍‌ନା ଦଳ ନେତା ପଲ୍ଲବୀ ପଟେଲ ଯାତ୍ରାରେ ଯୋଗ ଦେଇସାରିଛନ୍ତି ।

## ମିଶନଶକ୍ତି...

ପ୍ରଦର୍ଶନ କରିବ । ଏହି ବଜାର ଭୁବନେଶ୍ୱର ଗ୍ରାହକଙ୍କ ଖୁଚୁରା ଆବଶ୍ୟକତା ପୂରଣ କରିବ । ଏହା ବଡ କ୍ରେତାମାନଙ୍କୁ ଏସଏଚ୍‌ଜି ଉତ୍ପାଦକମାନଙ୍କ ସହିତ ଯୋଗାଯୋଗ କରିବାକୁ ପ୍ରୋତ୍ସାହିତ କରିବ । ମହିଳାଙ୍କ ଦ୍ୱାରା ହାତ ତିଆରି ସାମଗ୍ରୀ ଓଡିଶାର ପର୍ଯ୍ୟଟନ ମାନଚିତ୍ରରେ ମଧ୍ୟ ସ୍ଥାନ ପାଇବ । ମୁଖ୍ୟମନ୍ତ୍ରୀଙ୍କ ୫-ଟି ପଦକ୍ଷେପ ଅନୁଯାୟୀ ନିଆଯାଇଥିବା ମିଶନ୍ ଶକ୍ତି ବଜାର ଏସ୍‌ଏଚଜିଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତର କରିବାରେ ଏକ ମାଇଲଖୁଣ୍ଟ ହେବ । ବଜାର ନିର୍ମାଣ କାର୍ଯ୍ୟ ଅଗ୍ରଗତି ଉପରେ ଖୁସି ବ୍ୟକ୍ତ କରି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଏହା ମହିଳା ନେତୃତ୍ୱାଧୀନ ଉଦ୍ୟୋଗର ସର୍ବୋତ୍ତମ ଉଦାହରଣ । ଏହି ବଜାର ଖୋର୍ଦ୍ଧା ମାତୃଶକ୍ତି କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା ପରିଚାଳିତ ହେବ । ଏହାର ଅଂଶୀଦାର ମହିଳା ଏସଏଚଜି ଏବଂ ସେମାନଙ୍କ ଦ୍ୱାରା ଏହି ବଜାର ପରିଚଳନା ହେବ ।

## ୫ ବର୍ଷୀୟା...

ସୂତ୍ର । ବର୍ତ୍ତମାନ ଯେଉଁ ସୂତ୍ରରେ ଏମ୍‌ଏସ୍‌ପି ଧାର୍ଯ୍ୟ ହୋଇଛି ତାହାକୁ ସେମାନେ ଖାରଜ କରିଛନ୍ତି । କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ସମେତ ୩ କେନ୍ଦ୍ରମନ୍ତ୍ରୀ ଆଲୋଚନାରେ ଭାଗ ନେଇଥିଲେ । ତେବେ ଚାଷୀଙ୍କର ଦାବି ନେଇ କୌଣସି ସ୍ୱଚ୍ଛ ନୀତି ଚତୁର୍ଥ ପର୍ଯ୍ୟାୟ ଆଲୋଚନାରେ ଦେଖିବାକୁ ମିଳିନଥିଲା । କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି ଯେ ସରକାର ଅନ୍ୟ ଦାବି ଉପରେ ଆଗାନ୍ତୁ ଏପରିକି ଋଣ ଛାଡ, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନହେବା ଓ ୨୦୨୦-୨୧ରେ ଆନ୍ଦୋଳନ ସମୟରେ ହୋଇଥିବା ପୋଲିସ ମାମଲାକୁ ପ୍ରତ୍ୟାହାର କରିବା ଉପରେ ପଦକ୍ଷେପ ନିଆଯାଉ । ଏ କ୍ଷେତ୍ରରେ କୌଣସି ଅଗ୍ରଗତି ଘଟୁନାହିଁ । ସେହିଭଳି ଫସଲ ବୀମା ଯୋଜନାକୁ ଏବେ ସରକାରୀ ଉଦ୍ୟୋଗକୁ ଦିଆଯାଉ ଓ ଚାଷୀଙ୍କ ମାସିକ ପେନ୍‌ସନ୍ ୬୦ ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ୧୦ ହଜାର କରାଯାଉ । ସମ୍ପୃକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି ଯେ ଏହା ହେଉଛି ଚାଷୀଙ୍କର ସବୁଠୁ ବଡ ସଂଗଠନ । ତେବେ ଚାଷୀଙ୍କ ଆନ୍ଦୋଳନ ପରିପ୍ରେକ୍ଷୀରେ ପଞ୍ଜାବ, ହରିୟାଣା ସୀମାରେ ଉତ୍ତେଜନା ଦେଖାଦେଇଛି ।

## ଭବିଷ୍ୟତ...

ବିଶେଷ ସହାୟକ ହେବ । ରୂପାନ୍ତରଣ ଆମ ପାଇଁ କେବଳ ଏକ ନୂଆ ବାଟ ନୁହେଁ, ଏହା ଏକ ଆବଶ୍ୟକତା । ପ୍ରମୁଖ ଶିଳ୍ପ ନେତୃତ୍ୱ ଏବଂ ବିଭିନ୍ନ ଅଂଶୀଦାରମାନେ ଏକାଠି ହୋଇ ଭବିଷ୍ୟତର ମାନବ ସମ୍ବଳ ଲାଗି ଅପାର ସମ୍ଭାବନା ତଥା ଓଡ଼ିଶା ପାଇଁ ଅସୀମ ସମୃଦ୍ଧି ସୃଷ୍ଟି ଲାଗି ରାସ୍ତା ପ୍ରସ୍ତୁତ କରିବା ଏଭଳି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ସ୍କିଲ୍ଡ ଇନ୍ ଓଡ଼ିଶା' ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଏବଂ ନାନୋ ୟୁନିକର୍ଣ୍ଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଦେଶରେ ଓଡ଼ିଶାର ଯୁବପିଢ଼ିଙ୍କ ନିଯୁକ୍ତି ସୁଯୋଗ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଏବେ ଏକ ରିକ୍ରୁଟମେଣ୍ଟ ଏଜେନ୍ସି ଭାବେ କାମ କରିବ । ଏହି କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ ହୋଇଥିଲା ।

ଏହି ଅବସରରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗକୁ ବ୍ୟାପକ କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବିଭିନ୍ନ ପ୍ରମୁଖ ସଂସ୍ଥା ସହିତ ଏମଓୟୁ ସ୍ୱାକ୍ଷର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗ ଦେଇଥିଲେ । ଏହି ଅଧିବେଶନରେ ୫-'ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଯୋଗ ଦେଇଥିଲେ । ଆରମ୍ଭରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ଦେଇଥିଲେ ।

ସୋମବାର ପୂର୍ବାହ୍ନରୁ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଥିଲା । ବିଭିନ୍ନ ଅଧିବେଶନରେ ଓଡ଼ିଶାର ଅଭିବୃଦ୍ଧି, ଶିଳ୍ପ ସମ୍ଭାବନା ଏବଂ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ଆଦି ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଦେଶବିଦେଶରୁ ଆସିଥିବା ବିଭିନ୍ନ ଶିଳ୍ପ କ୍ଷେତ୍ର, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ , ନିଯୁକ୍ତି ଓ ମାନବସମ୍ବଳ ବିକାଶ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି । ସେମାନଙ୍କ ସହ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ, ବିଶେଷକରି ଦକ୍ଷତା ବିକାଶ କ୍ଷେତ୍ର ସହ ଜଡ଼ିତ ପ୍ରଶାସକ ଓ ପ୍ରଶିକ୍ଷକମାନେ ଯୋଡ଼ି ହୋଇଛନ୍ତି ।

ଏହି ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର ଏବଂ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ସିଇଓ ରେଘୁ ଜି ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମ ଅଧିବେଶନ ଅବସରରେ 'ଷ୍ଟ୍ରାଟେଜି ଆଣ୍ଡ ଆକ୍ସନ ପ୍ଲାନ୍ ଫର୍ ଡିଜିଟାଲ ସ୍କିଲିଂ' ବିଷୟରେ ଏକ ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ସେହିପରି 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମର ସଫଳତାକୁ ନେଇ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତାକାଲି(ମଙ୍ଗଳବାର) ପର୍ଯ୍ୟନ୍ତ ଚାଲିବ ।

## ଲୋକଙ୍କ...

୫୨ଟି ବସ୍ ଚାଲିଲା ଏବଂ ୭ ଲକ୍ଷ ୩ ହଜାର ଲୋକ ଉପକୃତ ହେଲେ । ସେହିଭଳି ସମ୍ବଲପୁରର ୯୭ଟି ପଞ୍ଚାୟତରେ ୩୧ଟି ବସ୍ ଚାଲିଲା ଏବଂ ୭ ଲକ୍ଷ ୨୮ ହଜାର ଲୋକ ଉପକୃତ ହେଲେ ।

ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି । ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ । ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି ।

ଏହି ଅବସରରେ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେ ପୁଣି କହିଥିଲେ ଯେ ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି । ଗାଁର ଅର୍ଥନୀତିକୁ ମଜବୁତ କରିବା ଆମର ଲକ୍ଷ୍ୟ । ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ଏହି ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି । ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି ବୋଲି ସେ କହିଥିଲେ । ଗାଁର ରୂପାନ୍ତର ପାଇଁ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଜାରି ରହିଛି ବୋଲି କହି ଏକ ନୂଆ ଓଡିଶା ଗଢିବା ପାଇଁ, ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଲକ୍ଷ୍ମୀ ବସ୍ ସେବା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକଙ୍କ ସହିତ ଯୋଡିବ । ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ । ପିଲାଙ୍କୁ ସ୍କୁଲ କଲେଜ ନେବ । ଚାଷୀଙ୍କୁ ମାର୍କେଟ ସହିତ ଯୋଡିବଛ ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍ ରେ ଯିବା ଆସିବା କରିପାରିବେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁରଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ ଯେ ଲକ୍ଷ୍ମୀ ବସ୍ କେବଳ ଏକ ବସ୍ ସେବା ନୁହେଁ, ଗ୍ରାମାଞ୍ଚଳ ମହିଳା ମାନଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କର ଏକ ସଫଳତମ ପ୍ରଚେଷ୍ଟା । ବିଭିନ୍ନ ଯୋଜନା ମାଧ୍ୟମରେ ମହିଳା ମାନଙ୍କ ଦକ୍ଷତାର ପରିପ୍ରକାଶ ପାଇଁ ସଯୋଗ ସୃଷ୍ଟି କରିଛନ୍ତି ଆମ ମୁଖ୍ୟମନ୍ତ୍ରୀ ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ପଦ୍ମନାଭ ବେହେରା, କଟକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଚନ୍ଦ୍ରସାରଥି ବେହେରା, ଝାରସୁଗୁଡାରେ ବିଧାୟିକା ଦିପାଳୀ ଦାସ, ବିଧାୟିକା ଅଳକା ମହାନ୍ତି, କନ୍ଧମାଳରେ ସାଂସଦ ଅଚ୍ୟୁତ ସାମନ୍ତ ଏବଂ ବିଧାୟକ ଚକ୍ରମଣି କହଁର ପ୍ରମୁଖ ଯୋଗ ଦେଇ କହିଥିଲେ ଯେ ଆଜି ରାଜ୍ୟରେ କେବଳ ଗମନାଗମନ ନୁହେଁ, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି - ସବୁ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆସିଛି । ୫-ଟି କେବଳ ଏକ ମନ୍ତ୍ର ନୁହେଁ, ମ୍ୟାଜିକ ଭାବରେ କାମ କରିଛି ଓଡିଶାର ରୂପାନ୍ତରରେ । ଏକ ସଶକ୍ତ ଓ ନୂତନ ଓଡିଶା ଗଠନ ଦିଗରେ ଲକ୍ଷ୍ମୀ ବସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହାଦ୍ୱାରା ଗ୍ରାମାଞ୍ଚଳରେ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ଘଟିବ ବୋଲି ସେମାନେ କହିଥିଲେ ।

୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ ଯେ ଏକ ନମ୍ବର ସ୍ଥାନରେ ଅଧିଷ୍ଠିତ ହେବାକୁ ହେଲେ, କଠିନ ପରିଶ୍ରମ ଓ ତ୍ୟାଗ ଦରକାର । ମୁଖ୍ୟମନ୍ତ୍ରୀ ହେଉଛନ୍ତି ତାର ପ୍ରକୃଷ୍ଟ ଉଦାହରଣ । ଗତ ୨୪ ବର୍ଷ ଧରି ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ସ୍ଥାନରେ ରହିଛନ୍ତି, ଆମର ପ୍ରିୟ ମୁଖ୍ୟମନ୍ତ୍ରୀ । ଏଥିପାଇଁ ତାଙ୍କ ପରିଶ୍ରମ ଓ ତ୍ୟାଗର ତୁଳନା ନାହିଁ । ଏଥିସହିତ ସମ୍ବଲପୁର ଜିଲ୍ଲାବାସୀଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ସମ୍ବଲପୁରରୁ ପୁରୀ ସପ୍ତାହକୁ ଦୁଇ ଦିନ ଯିବାଆସିବା କରୁଥିବା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ, ଫେବୃଆରୀ ୨୫ ତାରିଖରୁ ସବୁ ଦିନ ଚାଲିବ ।

କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମସ୍ତ ଜିଲ୍ଲାରେ ବହୁ ଜନ ସମାଗମ ହୋଇଥିଲା ।

## ଆଇଆଇସିଙ୍କୁ...

କେଶ ନଂ୨ ୦/ ୨୪ ରେ ବିଭିନ୍ନ ସଙ୍ଗୀନ ଦଫାରେ ମାମଲା ରୁଜୁକରାଯାଇ ସେମାନଙ୍କ ମଧ୍ୟରୁ ୧ ୫ ଜଣଙ୍କୁ ଅପରାହ୍ନ ରେ କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ସେମାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆ ଯାଇଥିବାର ସୂଚନା ମିଳିଛି ।ଏହାସହ କୌଣସି ବିଶୃଙ୍ଖଳା ପରିସ୍ଥିତି ନ ଘଟିବା ପାଇଁ ଉଦୟପୁର ଗାଁରେ ଏକ ପ୍ଲାଟୁନ ପୁଲିସ ମୁତୟନ କରାଯାଇଛି। ଅଧିକାଂଶ ଲୋକ ଗାଁ ଛାଡ଼ି ଭୟରେ ପଳାଇଥିବା ସୂଚନା ମିଳିଛି। ଗାଁ ଏକପ୍ରକାର ଜନଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଛି। । ଶାନ୍ତି ଶୃଙ୍ଖଳା ପାଇଁ ଉଦୟପୁର ଗାଁ ରେ ୧ ପ୍ଲାଟୁନ ଓ ଭୋଗରାଇ ଥାନାରେ ଅନ୍ୟ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।ତେବେ ଥାନାଧିକାରିଣୀ ପୋଲିସ ଫୋର୍ସ ନନେଇ ସମ୍ବେଦନଶୀଳ ସ୍ଥାନରେ ପହଞ୍ଚିବା ଘଟଣା ରହସ୍ୟାବୃତ୍ତ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି ।

## ଆଜିଠୁ...

କରାଯାଇଛି । ଏତଦ୍ୱ ବ୍ୟତୀତ ଫ୍ଲାଇଂ ସ୍କ୍ୱାଡ୍ ଓ ସ୍ଥାନୀୟ ପ୍ରଶାସନ ଏବଂ ଅବଜର୍ଭର ସ୍ତରରେ ସ୍କ୍ୱାଡ୍ ଗଠନ କରାଯାଇଛି । ୩୧୩ଟି ନୋଡାଲ କେନ୍ଦ୍ରରେ ସିସିଟିଭି ରହିଛି । ଅତି ସମ୍ବେଦନଶୀଳ କେନ୍ଦ୍ରଗୁଡିକୁ ଜଗିବା ଲାଗି ଆର୍ଟିଫିସିଆଲ ଇଲିଜେନ୍ସି(ଏଆଇ)ର ବ୍ୟବସ୍ଥା ମଧ୍ୟ କରାଯାଇଥିବା ନେଇ ମାଧ୍ୟମିକ ଶିକ୍ଷା ବୋର୍ଡ ଉପ ସଭାପତି ଡ. ନିହାର ରଂଜନ ମହାନ୍ତି ସୂଚନା ଦେଇଛନ୍ତି ।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**

O- eerw_kendraparat@yahoo.co.in

**'E' PROCUREMENT NOTICE**
**NO.RWD-II/KPD-09/23-24 DTD 19.02.2024**

| | | | |
|---|---|---|---|
| 1 | Name of work | : | Road & Building works in the District of Kendrapara for the year 2023-24. |
| 2 | Total No of Work | : | 7 Nos Road & Building |
| 3 | Estimated Cost | : | Rs.6.72 Lakhs to 31.79 lakhs (Approx.) |
| 4 | Period of Completion | : | 15 days to 6 Months |
| 5 | Class of contractors | : | C, D & B Class |
| 6 | Cost of Tender Paper | : | Cost of Tender paper is to be remitted ONLINE as specified in column-3 of the Annexure |
| 7 | Detail projects | : | As specified in the Annexure |

Other details as follows:

| | | | |
|---|---|---|---|
| a) | Procurement officer | : | Executive Engineer Rural Works Division-II, Kendrapara |
| b) | Availability of tender online & submission of bid | : | 20.02.2024 at 11:00 AM to 27.02.2024 up to 5:00 PM |
| c) | Last date & time of seeking of tender clarification | : | 26.02.2024 up to 5:00 PM |
| d) | Opening of Tender | : | 27.02.2024 at 05.30 P.M |

Further details can be seen from the Govt, website www.tendersorissa.gov.in

Sd/- Executive Engineer
Rural Works Division-I
Kendrapara

OIPR : 25098/11/0017/2324



Mail ID: - sepwdsbp@rediffmail.com

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE SAMBALPUR**

B-

**e - Procurement**

**BID IDENTIFICATION No CCENC (R AND B) /35/ 2023-24**

**No. 845 Dtd. 13.02.2024**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Bridge works** as detailed in the DTCN from the eligible class of contractors.
2. No of works= **03 Nos. (Three) (Road, Bridge & Building Works)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special".**
5. Date & Time of available in web site & receipt of Bids From **19.02.2024** to **17.00 Hours of 04.03.2024.**
6. Date of opening of Technical Bid **04.03.2024 at 18.00 Hours.**
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**
8. Any corrigendum / Addendum will be displayed in the website **www.tendersodisha.gov.in.**

Sd/- Chief Construction Engineer
Northern (R&B) Circle, Sambalpur

OIPR : 34035/11/0041/2324



**WATCO**
**OFFICE OF THE CHIEF EXECUTIVE OFFICER, WATCO.**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007,Odisha, India
Telefax: - +91-674-2391444

C- E-mail - ceowatcoodisha@gmail.com

**INVITATION FOR BID (IFB)**

**Bid Identification No. WATCO (W) - 45/2023-24 Dtd.12.02.2024**

**WATCO No. 962 Date: 12.02.2024**

| | | | |
|---|---|---|---|
| 1. | Name of the work | : | 1. "Shifting of water supply pipe line in connection with the work construction of ROB in lieu of LC-222 at Rajgangpur Yard in district of Sundergarh" |
| 2. | Estimated cost | : | (1) Rs. 166.71 Lakh |
| 3. | Period of completion | : | 03 (Three) Months |
| 4. | Date & time of availability of bid document in the portal | : | From 11.00 AM of Dt. 17.02.2024 to 5.00 PM of 01.03.2024 |
| 5. | Last date / time of receipt of bids in the portal | : | 5.00 PM of 01.03.2024 |
| 6. | Date & time of opening of technical bids | : | 12.30 PM of 02.03.2024. |
| 7. | Name and address of the Officer Inviting Bid | : | CEO, WATCO Telefax:-0674-2391444. E-Mail: **ceowatcoodisha@gmail.com** |

8. The bidders have to participate in ONLINE bidding only. Further details can be seen from the web site **www.tendersodisha.gov.in**

Sd/- CEO
WATCO

OIPR : 13194/11/0078/2324



idco | ODISHA NEW OPPORTUNITIES

CAD-4194

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR.**

**Tender Call Notice No.**

**File No: BBSR/ELECT/E- 4542 / 23-24/ 515 Dated: 15/02/2023**

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** Supply, installation, testing & commissioning of shifting of 33 kV OH line (Kanisi Feeder) with 100sq mm AAAC -0.65Km, Cut Point-4Nos and dismantling of 33kV OH line-8 spans at Autonagar Industrial Estate, Berhampur.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower,Janpath, Bhubaneswar | Bid ID. No. BBSR/ELECT/e-99/ 23-24 | 17.00 Hours of 22/02/2024 | 17.00 Hours of 02/03/2024 |

Further details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd/- Divisional Head (Elect),
IDCO, Bhubaneswar

OIPR : 14003/11/0406/2324



**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION-I ,BHADRAK**

O-

**"e" Procurement Notice for Building Work**
**Bid Identification No. Online Tender 20 of 2023-24**

| | | | |
|---|---|---|---|
| 1. | Name of the Work | : | Building |
| 2. | Total No of Works | : | 06 Nos |
| 3. | Estimated Cost | : | Rs.36.91 lakhs to Rs.36.92 Lakhs |
| 4. | Class of Contractor | : | "B"& "C" Class |
| 5. | Period of Completion | : | As per Annexure |
| 6. | Type of Tender 7.0ther Details | : | Single Cover |

| Procurement Officer | Bid Indentification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-20 of 2023-24 | 15.02.2024 At- 11.00 A.M | 21.02.2024 At- 4.00 P.M | 21.02.2024 At-2.00 P.M | 22.02.2024 At- 11.00 A..M. |

Futher details can be seen from the e-procurement portal : "https://tendersorissa.gov.in

Sd/- Er. Kanan Pradhan
Executive Engineer, R.W. Division, Bhadrak

OIPR : 25090/11/0030/2324



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**

O-

**e- Procurement Notice**

| | | | |
|---|---|---|---|
| 1. | Name of the work | : | Construction of Weir Adjacent to H.L Bridge over Jamjuri Nallah on Kuhabaunsi to Deodhara road in the district of Bolangir for the year 2022-23 |
| 2. | No. of work | : | 1 (One) |
| 3. | Time for Completion | : | 4(Four) Calendar Months |
| 4. | Approximate estimated cost varies from | : | Rs. 108.16 lakhs |
| 5. | Mode of Submission of tender | : | Tender should be submitted online in **www.tendersodisha.gov.in** |
| 6. | Other details are as follows | : | |

| Procurement Officer | Bid Identification No. | Availability of Tender on-line for bidding | | Last date and time of seeking tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-50/2023-24 | 21.02.2024 at 11.00 A.M. | 06.03.2024 up to 5.00 P.M. | 04.03.2024 upto 5.00 P.M. | 07.03.2024 at 11.00 A.M. | The date will be intimated later on |

- Further details can be seen from the website : www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd/- Chief Engineer,
R.W. Circle, Bolangir

OIPR : 25118/11/0080/2324



E-mail I.D.
eeprui_eicwr.od@nic.in
& eepuriirrigation@yahoo.com

**GOVT. OF ODISHA : DEPARTMENT OF WATER RESOURCES**
**OFFICE OF SUPERINTENDING ENGINEER , PURI IRRIGATION DIVISION, PURI**
**"e" PROCUREMENT NOTICE NO. PID-08 OF 2023-24 (Double Cover)**
**Bid Identification No. PID-209 of 2023-24 to PID-216 OF 2023-24**

A-1545

| | | | |
|---|---|---|---|
| 1. | Name of the work | - | Building Works |
| 2. | Total No of package | - | 8 Nos. (Double Cover) |
| 3. | Tender Cost | - | 71.38 Lakhs to 81.74 Lakhs |
| 4. | EMD | - | As per Column No.6 (Online Payment Mode) |
| 5. | Class of contractor | - | "B" To "A" Class |
| 6. | Cost of tender Paper | - | Rs 10000/- (Online Payment Mode) respectively shown as per Column No. |
| 7. | Period of completion | - | Six to Nine Calendar Months. |
| 8. | Technical Bid Oppening | - | Dt.07.03.2024 |
| 9. | Financial Bid Oppening | - | To be uploaded in Portal after evaluation of technical bids.(Cover-I) |

| Procurement Officer | Bid Identification No. | Availability of tender for on-line bidding | | Last date and time of seeking tender clarification | Date & time of opening of Tender Technical Bid (Cover-I) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Puri Irrigation Division, Puri | PID 209 of 2023-24 to PID 216 of 2023-24 | From 20.02.2024 10.30 AM | Upto 06.03.2024 5.30 PM | 06.3.2024 upto 5.30 PM | 07.03.2024 of 10.30 AM (In the Office of the Superintending Engineer, Puri Irrigation Division, Puri.) |

Further detail conditions can be seen from the Govt, website **http://www.tendersorissa.gov.in**
All Corrigendum/cancellation of tender anything regarding tender will be shown in Govt, website only.

Sd/- Superintending Engineer
Puri Irrigation Division, Puri

OIPR : 32011/11/0015/2324



**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

Unit-IX, (Near Boys High School) Po-Bhoinagar, BBSR Email: se_ccrw@yahoo.co.in Phone No: 0674 2540742 (O)

No. Tender Online-05 of 2024 Letter No. 732 Date :06.02.2024

O-

**Repair and Maintenance of Rural Roads under PMGSY & Other Scheme**

**NATIONAL COMPETITIVE BIDDING THROUGH e-Procurement**

The Chief Construction Engineer,Central R. W. Circle, Bhubaneswar on behalf of Odisha State Rural Road Agency invites **percentage rate** bids with double cover in electronic tendering system for *Repair/Maintenance of the Rural Roads Constructed under Pradhan Mantri Gram Sadak Yojana* in the districts of **Khurda, Nayagarh & Puri for 6** number of Roads with approximate estimated cost totaling to **Rs. 2.85** Cr including maintenance for five year from the eligible contractors registered with **State PWD / CPWD / MES / Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt, preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd.**15.02.2024.**

**Availability of Bid Documents and mode of submission:** The bid document is available online and should be submitted online in **http://www.pmgsytenders.gov.in.** The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a)original Demand Draft towards the cost of bid document and (b)original bid security in approved form and (c)original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **C.C.E., Central R.W. Circle, Bhubaneswar,** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non- responsive.

**Last Date/Time for receipt of bids through e-procurement:** 29.02.2024 upto 5.00 P.M
For further details please log on to **http://www.pmgsytenders.gov.in.**

Sd/- Chief Construction Engineer
Central R.W. Circle, Bhubaneswar

OIPR : 25194/11/0009/2324



**GOVT. OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**

Tel 06766-258094(O)
Mail: eerwl kjr@yahoo.com

O-

**"e" Procurement Notice for Building Works**
**Identification No Online NCB - 20/2023-24.**

| | | | |
|---|---|---|---|
| 1. | Name of the Work | : | 1 No. Building Work |
| 2. | Total Number of Work | : | 1 No. |
| 3. | Estimated Cost | : | Rs. 46.53 Lakhs |
| 4. | Class of Contractor | : | B Class |
| 5. | Period of Completion | : | As per annexure of e-Procurement Notice No.**20/2023-24.** |
| 6. | Other Details | : | |

| Procurement Officer | Bid Identification No. | Availability of tender Online for bidding | | Last Date & time of Seeking Tender Clarification | Date & Time of Opening of Tender in O/o S.E., R.W. Division-I, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Building Online NCB No.20 | Dt.21.02.2024 at 11.00 A.M. | Dt.28.02.2024 up to 5.00 P.M. | Dt.27.02.2024 up to 5.00 P.M. | Dt.29.02.2024 at 11.00 A.M. |

Further details can be seen from the Website **www.tenderorissa.gov.in**

Sd/- Superintending Engineer
R.W.Division-I, Keonjhar

OIPR : 25110/11/0036/2324



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

At :- Ambapua
Po:- Engineering School
Near Income Tax office,
Berhampur-760011

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(E-Mail:- serwbpr2004@yahoo.com. Tel/Fax:- 0680-2404287)

O-

E-Mail / E-despatch

**NOTICE**

**FOR PM-JANMAN UNDER PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"- Procurement**
**Bid identification No. Online Tender/95-2023-24/PMGSY/BPR**

The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of Roads / Bridges under PRADHAN MANTRI-JANJATI ADIVASI NYAYA MAHA ABHIYAN (PM-JANMAN Batch-I/2023-24) under Pradhan Mantri Gram Sadak Yojana in the districts of Ganjam & Gajapati for 08 (Eight) number of packages with estimated cost totalling to Rs 36.96 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt, preferably within a month of the deadline for bid submission, but prior to signing of the contract
Date of release of Invitation for Bids through e-procurement. Dtd. 19.02.2024
Availability of Bid Documents and mode of submission: The bid document is available online and should be submitted online in **www.pmgsytenders.gov.in.** The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
**Last Date/ Time for receipt of bids through e-procurement: 04.03.2024 upto 5.30 P.M**
For further details and corrigendum (if any) please log on to **www.pmgsytenders.gov.in.**

Sd/- Chief Construction Engineer
R.W.Circle, Berhampur

OIPR:25071/11/0110/2324









ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ରୂପାନ୍ତରିକ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ରୂପାନ୍ତରିକରଣର ଭିତ୍ତିପ୍ରସ୍ତର ସ୍ଥାପନ

# ରାଜ୍ୟରେ ଆରମ୍ଭ ହେଲା ଗ୍ରନ୍ଥାଗାର ଅଭିଯାନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ବିଶ୍ୱସ୍ତରୀୟ ଲାଇବ୍ରେରୀରେ ପରିଣତ କରିବାକୁ ଆଜି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ଖଣି ନିଗମ (ଓଏମସି)ର ମିଳିତ ଆନୁକୂଲ୍ୟରେ ଗ୍ରନ୍ଥାଳୟକୁ ରୂପାନ୍ତରିକରଣ କରିବା ପାଇଁ ଓଡ଼ିଶା ସରକାର ଏହି ପ୍ରୟାସ ଆରମ୍ଭ କରିଛନ୍ତି । ଏଥିସହ ଭୁବନେଶ୍ୱରର ବାପୁଜୀନଗର ଠାରେ ଅବସ୍ଥିତ ଇଣ୍ଟିଗ୍ରେଟେଡ୍ ପବ୍ଲିକ୍ ସର୍ଭିସ ସେଣ୍ଟର (ଆଇପିଏସସି)ରେ ସନ୍ଥକବି ଭୀମଭୋଇଙ୍କ ନାମରେ ଏକ ପାଠାଗାରକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ସହ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ସହିତ ରାଜ୍ୟରେ ଗ୍ରନ୍ଥାଗାର ଅଭିଯାନ ଆରମ୍ଭ ହେଲା । ରାଜ୍ୟର ସବୁ ସ୍ଥାନରେ, ଭୁବନେଶ୍ୱରର ପ୍ରତ୍ୟେକ ଜୋନରେ ଗ୍ରନ୍ଥାଗାର ପ୍ରତିଷ୍ଠା କରାଯିବ ।

ସୂଚନା ଯୋଗ୍ୟ ଯେ ରାଜ୍ୟର ପ୍ରତ୍ୟେକ ସ୍ଥାନରେ ଗ୍ରନ୍ଥାଗାର ପ୍ରତିଷ୍ଠା କରିବା ପାଇଁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ପ୍ରସ୍ତାବ ଦିଆ ଯାଇଥିଲା । ସାରସ୍ୱତ ସମୃଦ୍ଧି ପାଇଁ ଓଡିଶାର ପ୍ରତିବଦ୍ଧତାର ପ୍ରତୀକ ଭାବରେ ପରିଚିତ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଳୟ ୧୯୫୯ ମସିହାରେ ଭାରତ



ସରକାରଙ୍କ ଦ୍ୱାରା ପ୍ରଥମ ପଞ୍ଚବାର୍ଷିକ ଯୋଜନା ସମୟରେ କର୍ଯ୍ୟକ୍ଷମ ହୋଇଥିଲା । ବର୍ଷ ବର୍ଷ ଧରି ଏହା ଛାତ୍ରଛାତ୍ରୀ, ସର୍ବସାଧାରଣ ଏବଂ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜ୍ଞାନକେନ୍ଦ୍ର ଭାବେ ଏହା ବ୍ୟବହୃତ ହୋଇଆସୁଛି । ଓଡ଼ିଶାର ସାହିତ୍ୟିକ ଏବଂ ସାଂସ୍କୃତିକ ଐତିହ୍ୟ ପଠନ ପାଇଁ ଅଧିକ ପ୍ରେରଣା ଦେବା ପାଇଁ ଜଣାଶୁଣା ଏହି ଗ୍ରନ୍ଥାଗାରର ଉପଲବ୍ଧତା ଏବଂ ଯୁବଗୋଷ୍ଠୀକୁ ପୁସ୍ତକ

- ବିଶ୍ୱସ୍ତରୀୟ ଗ୍ରନ୍ଥାଗାରରେ ପରିଣତ କରାଯିବ
- ଏକ ସମୟରେ ପଢ଼ିପାରିବେ ୫୦୦ ଶହ ଛାତ୍ରଛାତ୍ରୀ
- ସମସ୍ତ ପୁସ୍ତକର ହେବ ଡିଜିଟାଇଜେସନ
- ଖୋଲିବ ମିଶନ ଶକ୍ତି କାଫେ, ଆହାର କେନ୍ଦ୍ର
- ୫-ଟି ଅଧକ୍ଷ ପୂର୍ବରୁ ଯାଇ ପିଲା ମାନଙ୍କୁ ଭେଟି ସମସ୍ୟା ଶୁଣିଥିଲେ

ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଏହି ବ୍ୟାପକ ନବୀକରଣ ପ୍ରକଳ୍ପକୁ ହାତକୁ ନେଇଛନ୍ତି ।

ଅତ୍ୟାଧୁନିକ ଭିତ୍ତିଭୂମି ଜରିଆରେ ଏହି ଗ୍ରନ୍ଥାଳୟର ବିକାଶ କରି ଏହାକୁ ଆନ୍ତର୍ଜାତୀୟ ମାନଦଣ୍ଡରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଏଠାରେ ଏକ ଆହାର କେନ୍ଦ୍ର ଏବଂ ମିଶନ ଶକ୍ତି କାଫେର ମଧ୍ୟ ଖୋଲିବ । ଏପରିକି ଭିନ୍ନକ୍ଷମ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ନୂତନ ଭାବରେ ପରିକଳ୍ପନା କରାଯାଇଥିବା ଏହି ଲାଇବ୍ରେରୀରେ ଥିବା ସମସ୍ତ ପୁସ୍ତକଗୁଡ଼ିକର ଡିଜିଟାଇଜେସନ୍ ପାଇଁ ମଧ୍ୟ ଯୋଜନା ରହିଛି ଯାହାଦ୍ୱାରା ଜଣେ ଯେକୌଣସି ସମୟରେ ନିଜ ମୋବାଇଲ ମାଧ୍ୟମରେ ଏଠାରେ ଥିବା ବହି ଗୁଡିକୁ ପଢିପାରିବ । ଏଥି ସହିତ ପ୍ରାୟ ୫୦୦ ଛାତ୍ରଛାତ୍ରୀ ଦୈନିକ ଉପସ୍ଥିତ ରହି ପୁସ୍ତକ ଅଧ୍ୟୟନ କରିବାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି । ଏଥିସହ ଲାଇବ୍ରେରୀ ସେବାଗୁଡିକର ଉପଲବ୍ଧତା ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଓଡ଼ିଶା ଖଣି ନିଗମ ଦ୍ୱାରା ରାଜଧାନୀର ବାପୁଜୀନଗରରେ ଥିବା ସନ୍ଥକବି ଭୀମଭୋଇ ପାଠାଗାର ପ୍ରତିଷ୍ଠା କରାଯାଇଛି । ଏହାକୁ ଆଜି ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ସହ ସର୍ବସାଧାରଣ ମାନଙ୍କ ନିମନ୍ତେ ଉତ୍ସଗ କରିଛନ୍ତି । ପରିଦର୍ଶକଙ୍କ ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ସୁବିଧା ସହିତ ଏକ ଆହାର କେନ୍ଦ୍ର ନିର୍ମାଣ କରାଯାଇଛି । ବର୍ତ୍ତମାନ ଏହି ପାଠାଗାରରେ ଦୈନିକ ପ୍ରାୟ ୨୦୦ ଟି ଆସନର ବ୍ୟବସ୍ଥା ରହିଛି, ଯେଉଁଠି ଜନସାଧାରଣ ସୁବିଧାରେ ବସି ଅଧ୍ୟୟନ କରିପାରିବେ । ସେହିଭଳି ଭୁବନେଶ୍ୱର ମହାନଗର ନିଗମର ୬ଟି ଜୋନରେ ଅତ୍ୟାଧୁନିକ ପାଠାଗାର ଓ ପଠନ ଗୃହ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାଦ୍ୱାରା ପାଠାଗାରକୁ ନେଇ ଜନ ଆନ୍ଦୋଳନ ସୃଷ୍ଟି କରିବା ନିମନ୍ତେ ସରକାରଙ୍କ ଲକ୍ଷ୍ୟ ହାସଲ ହୋଇପାରିବ । ଅଧିକ ସଂଖ୍ୟାରେ ଜନସାଧାରଣ ବିଶେଷ କରି ଯୁବବର୍ଗ ଏବଂ ଛୋଟ ପିଲା ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ସମସ୍ତ ବ୍ୟବସ୍ଥା କରାଯିବ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ ବିଭାଗୀୟ ଶାସନ ସଚିବ ସୁଜାତା କାର୍ତ୍ତିକେୟ ଓ ନିର୍ଦ୍ଦେଶକ ଦିଲୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

### ନାଳସଫେଇ ନାଁରେ ବ୍ୟାପକ ଦୁର୍ନୀତିର ଗନ୍ଧ

## କମିଶନରଙ୍କୁ ଅଭିଯୋଗ କଲେ ସ୍ଥାନୀୟ ବାସିନ୍ଦା

କଟକ (ସବ୍ୟୁ): କଟକ ସହରର ସ୍ୱଚ୍ଛ ସୁନ୍ଦର ପରିମଳ ପାଇଁ ଜନସାଧାରଣଙ୍କ ଟିକସ ଅର୍ଥରୁ ବ୍ୟାପକ ଅର୍ଥ ବ୍ୟୟ କରାଯାଉଥିବା ବେଳେ କଟକ ୪୬ନଂ ୱାର୍ଡରେ ଏହା ସଂପୂର୍ଣ୍ଣ ବିଫଳ ହୋଇଥିବା ଦେଖାଦେଇଛି । ସଫେଇକାର୍ଯ୍ୟ ନାମରେ ଠିକାସଂସ୍ଥା,ବିଭାଗୀୟ ଅଧିକାରୀ, କର୍ମଚାରୀ ଓ କେହି ଜଣେ ଜନପ୍ରତିନିଧି ମିଳିମିଶି ଦୁର୍ନୀତି କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା ।

ଏହି ୱାର୍ଡର ସନ୍ତୋଷୀ ମା'ମନ୍ଦିର ପଛପାଖ ଠାରୁ ଶିଖରପୁର ଆଦର୍ଶ ଉପ୍ରା ବିଦ୍ୟାଳୟ ପର୍ଯ୍ୟନ୍ତ ୬୦୦ମିଟର ଲମ୍ବରୁ ଊର୍ଦ୍ଧ୍ୱ ଏକ ବଡଡ୍ରେନର ଦୁଇପାର୍ଶ୍ୱ ତଲେଇ ବନ୍ଧା ହୋଇଥିବା ବେଳେ ଏହି ତଲେଇ ଭାଙ୍ଗିଯାଇଛି ଯାହାଦ୍ୱାରା ଦୁଇକଡରେ ଥିବା ମଳ, ମାଟି ଡ୍ରେନରେ ପଡି ଡ୍ରେନ ପୋତି ହୋଇଯାଇଛି । ଡ୍ରେନରୁ ଅପରିଷ୍କାର ପାଣି ନିଷ୍କାସନ ପାଇଁ ବାଟ ଅଣ ଓସାରିଆ ହୋଇଥିବା ଯୋଗୁଁ ନାଳନର୍ଦ୍ଦମା ପାଣି ଜମିରହି ଡ୍ରେନ ଭିତରେ ଘଞ୍ଚଜଙ୍ଗଲ ସୃଷ୍ଟି ହୋଇଛି । ଏହାଦ୍ୱାରା ଦୁର୍ଗନ୍ଧରେ ନାକ ଫାଟିପଡୁଛି, ମଶା ଡାଆଁଶ ଯୋଗୁଁ ଲୋକେ ରହିବା କଷ୍ଟକର ହେବାସହ ସଂକ୍ରମଣ, ନାନାପ୍ରକାର ରୋଗ ବ୍ୟାପିବାର ଆଶଙ୍କା ରହୁଛି । ଏହି ଅଞ୍ଚଳରେ ସାମାନ୍ୟ ବର୍ଷା ହେଲେ ଡ୍ରେନରେ ପାଣି ନିଷ୍କାସନରେ ବାଧାପ୍ରାପ୍ତ ହେବାଯୋଗୁଁ ରାସ୍ତାଉପରେ,ଘରେ ଓ ରେଳ ଅଣ୍ଡରପାସରେ ନାଳନର୍ଦ୍ଦମା ପଙ୍କକାଦୁଅ ଅପରିଷ୍କାର ପାଣି ପଶି ଯାଉଛି ଯାହା ଫଳରେ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଞ୍ଚଳର ରାସ୍ତାଘାଟ,ନାଳନର୍ଦ୍ଦମା ସଠିକ ଭାବରେ ସଫେଇ ହେଉନଥିବାରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଗ୍ରାମର ମୁରବୀ ଗଣେଶ ଚନ୍ଦ୍ର ରାଉତ, ସମାଜସେବୀ ଅଶୋକ କୁମାର ମହାନ୍ତି, ମୀନକେତନ ରାଉଳ ପ୍ରମୁଖ କଟକ ମହାନଗର ନିଗମ କମିଶନରଙ୍କୁ ଭେଟି ଲିଖିତ ଦାବୀପତ୍ର ଦେଇଛନ୍ତି ।

ନାଳନର୍ଦ୍ଦମା,ରାସ୍ତାଘାଟ ସଠିକ ଭାବରେ ସଫେଇ ନକରି ଓ ଏହି ମୁଖ୍ୟ ଡ୍ରେନରେ ଭଙ୍ଗା ପୁରୁଣାତଲେଇ ବାନ୍ଧି ସିଏମସି କର୍ମଚାରୀ, ଅଧିକାରୀ, ଜନପ୍ରତିନିଧି ଓ ଠିକାସଂସ୍ଥା ମଧୁଚନ୍ଦ୍ରିକାରେ ଜନସାଧାରଣଙ୍କ ଅର୍ଥକୁ ସେବାଯୋଗାଇବା ନାମରେ ବ୍ୟାପକ ଲୁଟ୍ କରୁଥିବା ଅଭିଯୋଗ କରିଛନ୍ତି ଶ୍ରୀ ରାଉତ । ଏହି ସମସ୍ୟାର ସଠିକ ସତ୍ୟାସତ୍ୟ ଅନୁସନ୍ଧାନ କରି ଦୁର୍ନୀତିଗ୍ରସ୍ତ ଅଧିକାରୀ, କର୍ମଚାରୀ, ଠିକାସଂସ୍ଥା ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ସ୍ଥାୟୀ ପ୍ରତିକାର ଓ ଉତ୍ତମ ସେବା ଯୋଗାଇବା ପାଇଁ କମିଶନରଙ୍କୁ ଅଶୋକ ମହାନ୍ତି ଅଭିଯୋଗ କରିଛନ୍ତି ।

## ଡଃ ତିରୁପତି ପାଣିଗ୍ରାହୀଙ୍କୁ ଓଡିଶା ବିବ୍ରାନ୍ତ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣି ଓଡିଶା ରେ ଏକ ନବଜାଗରଣ ସୃଷ୍ଟିକରିଥିବା, ହାଇଟେକ ଗୃପ ର ଅଧକ୍ଷ , ତଥା ପାରଳାଖେମୁଣ୍ଡିର ସୁଯଜ୍ଞ ସନ୍ତାନ ଡଃ ତିରୁପତି ପାଣିଗ୍ରାହୀଙ୍କୁ ସ୍ୱସ୍ତି ଗ୍ରାଣ୍ଡ କନଭେନସନ ପ୍ରେକ୍ଷାଳୟରେ ଇଣ୍ଡଷ୍ ଭେଲି ଟାଇମ୍ସ ତରଫରୁ ଓଡିଶା ବିବ୍ରାନ୍ତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ବିଶେଷ କରି ଓଡ଼ିଶାରେ ଡାକ୍ତରୀ ଶିକ୍ଷା ଏବଂ ପ୍ରତିଟି ଗରିବ ଲୋକମାନଙ୍କୁ ନିଶୁଳ୍କ ରୋଗୀସେବା ଯୋଗେଇଦେଇ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଥିବାରୁ ଡଃ ତିରୁପତି ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଛି । ଏହି ଉତ୍ସବରେ ମାନନୀୟ ମନ୍ତ୍ରୀ- ଜଙ୍ଗଲ ଓ ପଂଚାୟତରାଜ ବିଭାଗ ପ୍ରଦୀପ କୁମାର ଅମତ, ଖାଦ୍ୟ ଓ




ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ , ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡ଼ାଇ , ବିଶିଷ୍ଟ ଶିକ୍ଷାବିତ ଆର . ପି ଗୁପ୍ତା , ବରିଷ୍ଠ ପରିବେଶବିତ ପ୍ରଭାସ ମିଶ୍ର ଏବଂ ଉତ୍କଳ ଚାମ୍ବର ଅଫ କମର୍ସର ଡଃ ବ୍ରମହା ମିଶ୍ର ଏବଂ ପୂର୍ବତନ ସୂଚନା କମିଶନର ତଥା ବିଶିଷ୍ଟ ସମାଜ ସେବି ଜଗଦାନନ୍ଦ ଉପସ୍ଥିତ ରହି , ତିରୁପତି ପାଣିଗ୍ରାହୀଙ୍କର ଓଡିଶାକୁ ଏହି ସାମଗ୍ରିକ ଅବଦାନ ପାଇଁ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହିଭଳି କାର୍ଯ୍ୟ କରି ଓଡିଶାକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁ-ଉଚ୍ଚରେ ରଖନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ।

### ନାବାଳିକା ମୃତ୍ୟୁ ଘଟଣାର ତଦନ୍ତ କରୁଚି ପୋଲିସ୍ : ଏସପି

ପୁରୀ (ସବ୍ୟୁ): କୋଣାର୍କ ଥାନା ଅଂଚଳରେ ବାପାର ପାଶବିକ ଅତ୍ୟାଚାରର ଶିକାର ସହିନପାରି ଆତ୍ମହତ୍ୟା କରିଥିବା ନାବାଳିକାର ମୃତ୍ୟୁ ଘଟଣାର ତଦନ୍ତ କରୁଚି ପୋଲିସ୍‌ଛ ପ୍ରଥମେ ମୃ ଶରୀରକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଉଦ୍ଧାର କରାଯାଇ ଆଇନଗତ ପଦକ୍ଷେପ ନିଆଯାଇଛି । ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ମୃତ ନାବାଳିକାର ପୋଷ୍ଟ ମଟମ କରଯାଇଛି । ତେବେ ମୃତ ନାବାଳିକାଙ୍କ ନିକଟରୁ ଏକ ସୁଇସାଇଡ ନୋଟ ପୋଲିସ୍ ଜବତ କରିଛି । ନୋଟରେ ଲେଖାଯାଇଥିଲା ତଥ୍ୟ କୁ ପୋଲିସ ତଦନ୍ତ କରୁଛି । ପରେ ମୃତ ନାବାଳିକାର ମା ଓ ତାଂକ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରିବ ପୋଲିସଛ ନାବାଳିକାର ମୃତ୍ତ୍ୟୁ ଘଟଣାରେ କାହାର ବି କିଛି ବି ହାତ ଥିଲେ ପୋଲିସ୍ ଆଇନଗତ କାର୍ଯ୍ୟନୁଷ୍ଠାନ ନେବ ବୋଲି ପୁରୀ ଏସପି ପିନାକ ମିଶ୍ର ସୂଚନା ଦେଇଛନ୍ତି ।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଆଜ୍‌ମେର, ପୁଷ୍କର ଯାତ୍ରା କଲେ ୮ ଜିଲ୍ଲାର ୯୭୦ ତୀର୍ଥଯାତ୍ରୀ

ଭୁବନେଶ୍ୱର(ସବ୍ୟୁ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଚଳିତ ବର୍ଷର ନବମ ପର୍ଯ୍ୟାୟ ଟ୍ରେନ୍ ଯାତ୍ରାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି । ଏବର୍ଷର ନବମ ପର୍ଯ୍ୟାୟରେ ସମ୍ବଲପୁର, ବରଗଡ଼, ବଲାଙ୍ଗିର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ଦେବଗଡ଼ ଓ ଅନୁଗୁଳର ବରିଷ୍ଠ ନାଗରିକମାନେ ଏହି ଯାତ୍ରାରେ ସାମିଲ ହୋଇ ଆଜ୍‌ମେର ଓ ପୁଷ୍କର ଯାତ୍ରା କରିଛନ୍ତି । ଏକ ଭିଡ଼ିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଶୁଭକାମନା ଜଣାଇବା ସହ ବିଭିନ୍ନ ଅଞ୍ଚଳର ସଂସ୍କୃତି ଓ ତୀର୍ଥସ୍ଥଳ ସଂପର୍କରେ ଏହା ଦ୍ୱାରା ଜାଣିହେବ ବୋଲି କହିଥିଲେ ।




୨୦୧୬ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଅଦ୍ୟାବଧି ରାଜ୍ୟର ପ୍ରାୟ ୨୮ ହଜାରରୁ ଅଧିକ ବରିଷ୍ଠ ନାଗରିକ ସାମିଲ ହୋଇ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରି ଆଧ୍ୟାତ୍ମିକତା ଅନୁଭବ କରିଥିବାର ସେ କହିଥିଲେ । ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିବା ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଥିଲେ । ଏହି ତୀର୍ଥଯାତ୍ରା ମାଧ୍ୟମରେ ପାରସ୍ପରିକ ସଦଭାବ ଏବଂ ଜାତୀୟ ସଂହତି ବଜାୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜିର ଏହି ନବମ ପର୍ଯ୍ୟାୟ ଯାତ୍ରାରେ ୮ଟି ଜିଲ୍ଲାର ୯୭୦ ଜଣ ତୀର୍ଥଯାତ୍ରୀ ଏବଂ ୩୦ ଜଣ ଅଧିକାରୀ ସାମିଲ ଅଛନ୍ତି । ସେମାନେ ଆଜ୍‌ମେର ଓ ପୁଷ୍କରରେ ତୀର୍ଥ କରି ଆସନ୍ତା ୨୪ ତାରିଖରେ ସମ୍ବଲପୁରଠାରେ ପହଞ୍ଚିବେ । ଏ ପର୍ଯ୍ୟନ୍ତ ଆଇଆର୍‌ସିଟିସି ସହଯୋଗରେ ୨୯ଟି ଯାତ୍ରାରେ ୨୮ ହଜାର ତୀର୍ଥଯାତ୍ରୀ ଦେଶର ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିଛନ୍ତି ।

ଏହି ଅବସରରେ ସମ୍ବଲପୁର ରେଳ ଷ୍ଟେସନ୍‌ରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ, ଜଳସଂପଦ ମନ୍ତ୍ରୀ ଟୁକୁନି ସାହୁ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀକାନ୍ତ ପୃଷ୍ଟି, ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକ, ଅଜାମ୍ବର ମହାନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭକାମନା ଜଣାଇଥିଲେ ।

### ଗଜପତି ଜିଲ୍ଲାରେ ଭୂସ୍ଖଳନ ପୂର୍ବ ସତର୍କ ସୂଚନା ବ୍ୟବସ୍ଥା

## ଅମ୍ରିତା ବିଶ୍ୱ ବିଦ୍ୟାପୀଠମ ସହିତ ଓଡ଼ିଶା ସରକାରଙ୍କ ସହଯୋଗିତା

ଭୁବନେଶ୍ୱର (ସବ୍ୟୁ): ଝଡ ସମୟରେ ଭୂସ୍ଖଳନର ପ୍ରଭାବ ଦୂର କରିବାକୁ ଏକ ରଣକୌଶଳାତ୍ମକ ପ୍ରୟାସରେ ଓଡ଼ିଶା ସରକାର ଅମ୍ରିତା ବିଶ୍ୱ ବିଦ୍ୟାପୀଠମ ସହଯୋଗୀତାରେ ଗଜପତି ଜିଲ୍ଲାରେ ଏକ ବ୍ୟବହାରକାରୀ ଉପଯୋଗୀ ଭୂସ୍ଖଳନ ପୂର୍ବ ସତର୍କ



ସୂଚନା ବ୍ୟବସ୍ଥା (ଇଡବ୍ଲ୍ୟୁଏସ ) ସ୍ଥାପନ ନିମନ୍ତେ ପଦକ୍ଷେପ ନେଉଛନ୍ତି । ଏହି ପ୍ରୟାସ ଆଗୁଆ ସୂଚନା, ବିଶେଷକରି ଏକ ଢାଲୁ ଅଞ୍ଚଳରେ ପ୍ରାକୃତିକ ସ୍ଥିତାବସ୍ଥାରେ ହେଉଥିବା ଅସ୍ଥିରତା ଦ୍ୱାରା ସୃଷ୍ଟି ଭୂସ୍ଖଳନ ସମ୍ପର୍କରେ ଆଗୁଆ ସତର୍କ ସୂଚନା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ ଅମ୍ରିତା ବିଶ୍ୱ ବିଦ୍ୟାପୀଠମର ପ୍ରତିନିଧିଗଣ ଓଡ଼ିଶା ସରକାରଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି । ଡଃ.ମନୀଶା ଭି.ରମେଶ, ପ୍ରୋଭୋଷ୍ଟ ଫର୍ ଷ୍ଟ୍ରାଟେଜିକ୍ ଇନିସିଏଟିଭସ୍, ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ ଆଣ୍ଡ ଡାଇରେକ୍ଟର, ଅମ୍ରିତା ସେଣ୍ଟର ଫର ଓୟାରଲେସ ନେଟୱର୍କସ ଆଣ୍ଡ ଆପ୍ଲିକେସନ୍ସ ଏବଂ ତାଙ୍କ ସହିତ ସେଣ୍ଟର ଜିଓସାଇନ୍ସ କନସଲଟାଣ୍ଟ ଡଃ.ସୁଦେଶ କେ. ୱାଧାୱନ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଭୂସ୍ଖଳନ ପୂର୍ବ ସତର୍କ ସୂଚନା କାର୍ଯ୍ୟକାରୀ କରିବା ସମ୍ପର୍କରେ ଆଲୋଚନା କରିବାକୁ ସାକ୍ଷାତ କରିଛନ୍ତି । ଏହି ଆଲୋଚନାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ର ଅଧିକାରୀ ଏବଂ ଅନ୍ୟ ଅଧିକାରୀମାନେ ସାମିଲ ହୋଇ ଏହି ବ୍ୟବସ୍ଥା ସଫଳ ଭାବରେ କାର୍ଯ୍ୟାନ୍ୱୟନ କରିବା ନିମନ୍ତେ ଆବଶ୍ୟକ ଜରୁରୀ ଜ୍ଞାନ ଓ କୁଶଳତା ଯୋଗାଇଦେବା ଉପରେ ଦୃଷ୍ଟିନିବଦ୍ଧ କରିଥିଲେ।

ଅମ୍ରିତା ବିଶ୍ୱ ବିଦ୍ୟାପୀଠମର ଡଃ. ମନୀଶାଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ମଣ୍ଡଳୀ ମଧ୍ୟ ଏକ ପୂର୍ଣ୍ଣାଙ୍ଗ ଅଧ୍ୟୟନ କରିବା ସହିତ ରାୟଗଡା ଜିଲ୍ଲାର ରାୟଗଡା ବ୍ଲକ ଅନ୍ତର୍ଗତ ବାରଘର ଓ ମାଧ ସମେତ ସର୍ବାଧିକ ଭୂସ୍ଖଳନ ଆପଦ ରହିଥିବା ଅଞ୍ଚଳ ଗୁଡିକରେ ସର୍ବେକ୍ଷଣ କରିଥିଲେ । ଓଡ଼ିଶା ସରକାର ଏବଂ ଅମ୍ରିତା ବିଶ୍ୱ ବିଦ୍ୟାପୀଠମ ମଧ୍ୟରେ ସହଯୋଗିତା ବିପର୍ଯ୍ୟୟ ନିମନ୍ତେ ପ୍ରସ୍ତୁତି ଓ ତାହାର ମୁକାବିଲା କରିବା ଦିଗରେ ସମ୍ମିଳିତ ପ୍ରୟାସ ସମ୍ପର୍କରେ ଆଲୋକପାତ କରୁଛି।

## ୨୧ରୁ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୨୧ତାରିଖରୁ ୫ହଜାର ଅଗ୍ନିଶମ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ । ଏନେଇ ଓଡିଶା ଅଗ୍ନିଶମ କର୍ମଚାରୀ ସଙ୍ଘ ତରଫରୁ ଚେତାବନୀ ଦିଆଯାଇଛି । ଓଡ଼ିଶା ଅଗ୍ନିଶମ ସେବାସଂସ୍ଥା କର୍ମଚାରୀମାନଙ୍କର ୧୩ଟି (ପଦବୀ)ସ୍ତରରୁ ୧୧ଟି ସ୍ତରରେ ଓଡ଼ିଶା ପୋଲିସ୍ କର୍ମଚାରୀମାନଙ୍କ ଭଳି ସମାନ ଦରମା ରହିଛି । କିନ୍ତୁ ୨ଟି ସ୍ତରର କର୍ମଚାରୀମାନେ ନିଜର ଲେବଲରେ କମ୍ ଏବଂ ଦରମାରେ କମ୍ ପାଉଥିବାରୁ ଅସନ୍ତୋଷ ପ୍ରକାଶ କରି ଗତ ୨୦୨୩ ଡିସେମ୍ବର ୧୧ ତାରିଖରୁ ସରକାରୀ କାର୍ଯ୍ୟକରିବା ସହ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ କଳାବ୍ୟାଚ ପରିଧାନ କରିବା ସହିତ ୨୦୨୪ ଜାନୁଆରୀ ୨୨ରିଖ ଠାରୁ କର୍ମଚାରୀମାନେ ପରିବାର ଏକ ବେଳା( ଦିନ ବେଳା) ଖାଦ୍ୟ ଗ୍ରହଣ କରି ଓ ଏକ ବେଳା ଉପବାସ ରହି ସରକାରୀ କାର୍ଯ୍ୟ କରିବା ପରେ ମଧ୍ୟ ପ୍ରଶାସନିକ ସ୍ତରରୁ କିମ୍ବା ସରକାରୀ ସ୍ତରରୁ କୌଣସି ଆଶ୍ୱାସନା ମିଳିଲା ନାହିଁ । ଫଳରେ କର୍ମଚାରୀମାନଙ୍କର ଅସନ୍ତୋଷକୁ ପରିପ୍ରକାଶ କରିବା ସହ ଆସନ୍ତା ୨୧ ତାରିଖରୁ କର୍ମଚାରୀମାନେ କୌଣସି ସରକାରୀ କାର୍ଯ୍ୟରେ ଯୋଗ ଦେବେନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛ । ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଆଗ୍ନିଶମ ଅକ୍ଷୟ ପ୍ରଧାନ, ଜୟ ପ୍ରକାଶ ସେଠୀ, ନୀଳମାଧ ସୁବୁଦ୍ଧି ଓ ଶତାଧିକ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ ।

### ସମ୍ବଲପୁରରେ ସ୍କିଲ୍ ଇଣ୍ଡିଆ ସେଣ୍ଟରର ଲୋକାର୍ପଣ

## ଭୀମ ଭୋଇ ଓ ଗଙ୍ଗାଧର ମେହେରଙ୍କ ଡାକ ଟିକେଟ୍ ଉନ୍ମୋଚନ କରିବେ ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତାକାଲି ସମ୍ବଲପୁରରେ ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟରର ଲୋକାର୍ପଣ କରିବେ । ଏହାସହ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସନ୍ଥକବି ଭୀମ ଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ୬ ଗୋଟି ଡାକ ଟିକେଟର ଉନ୍ମୋଚନ ସହ ୪୨ଟି ଡାକଘର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ପ୍ରଧାନ ମଙ୍ଗଳବାର ଦିନ ପ୍ରଥମେ ସମ୍ବଲପୁର ରେଳ ଷ୍ଟେସନରେ ସମ୍ବଲପୁର - ଦର୍ଶନ ନଗର - ସମ୍ବଲପୁର ଆସ୍ଥା ସ୍ୱତନ୍ତ୍ର ଟ୍ରେନର ଶୁଭାରମ୍ଭ କରିବେ । ସମ୍ବଲପୁର ଭେଦିକ ଆନ୍ତର୍ଜାତିକ ସ୍କୁଲରେ ରୋବୋଟିକ୍ ସେଣ୍ଟରର ଲୋକାର୍ପଣ କରିବେ । ପରେ ମାଝିପାଲି ଠାରେ ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟରର ଉଦଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହାପରେ ସମ୍ବଲପୁର ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରୁ ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଉଦଘାଟିତ ଓ ଶିଳାନ୍ୟାସ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଡିହେବେ । ଏହି ଦିନ ପ୍ରଧାନମନ୍ତ୍ରୀ ସମ୍ବଲପୁର ପିଏମ ଶ୍ରୀ



ଜବାହର ନବୋଦୟ ବିଦ୍ୟାଳୟରେ ବହୁମୁଖୀ ସଭାଗୃହର ଶିଳାନ୍ୟାସ, ଫୁଟବଲ ଫର୍ ସ୍କୁଲ୍(ଏଫ୪ଏସ) କାର୍ଯ୍ୟକ୍ରମର ଶୁଭାରମ୍ଭ ବ୍ୟତିତ ଦେଶବ୍ୟାପୀ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟର ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଶ୍ରୀ ପ୍ରଧାନ ଭାରତ ସରକାରଙ୍କ ଡାକ ବିଭାଗ ପକ୍ଷରୁ ସନ୍ଥକବି ଭୀମ ଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ୬ ଗୋଟି ଡାକ ଟିକେଟ ଓ ଡାକ ଘର ଉନ୍ମୋଚନ କରିବେ । ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ତଥା ଧନୁଯାତ୍ରା, ନୂଆଖାଇ ପର୍ବ, ସମ୍ବଲପୁରୀ ବନ୍ଧ, ଶୀତଳ ଷଷ୍ଠୀ ଯାତ୍ରା ଓ ସମ୍ବଲପୁରୀ ନୃତ୍ୟ ଉପରେ ଡାକ ଟିକେଟ୍ ଉନ୍ମୋଚିତ ହେବ । ଏହାସହ ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ୪୨ଟି ଡାକଘରର ଉଦଘାଟନ କରିବେ । ଏହା ପରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁରରେ ପିଏମ ସ୍ୱନିଧି ଯୋଜନା ସମ୍ପର୍କୀତ ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନାର ଶୁଭାରମ୍ଭ କରିବେ । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନିକଟରେ ଲୋକାର୍ପିତ ହୋଇଥିବା ଝାରସୁଗୁଡ଼ାର ନବର୍ନିମିତ ମୁଖ୍ୟ ଡାକଘର ଐତିହ୍ୟ ଭବନ ପରିଦର୍ଶନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି ।

# ସୁପ୍ରିମକୋର୍ଟରୁ ନିରାଶ ହେଲେ ପାୱାର

**ନୂଆଦିଲ୍ଲୀ:**
ପ୍ରଥମେ ନିର୍ବାଚନ କମିସନ, ତା'ପରେ ମହାରାଷ୍ଟ୍ର ବିଧାନସଭା ବାଚସ୍ପତିଙ୍କଠାରୁ ନିରାଶ ହେବା ପରେ ଏବେ ସୁପ୍ରିମକୋର୍ଟରୁ ବି ନିରାଶ ହୋଇଛନ୍ତି । ଏନସିପି ପ୍ରତିଷ୍ଠାତା ଶରଦ ପାୱାର । ଅଜିତ ପାୱାର ଗୋଷ୍ଠୀକୁ ପ୍ରକୃତ ଏନସିପି ବୋଲି ବର୍ଣ୍ଣନା କରିବାକୁ ନିର୍ବାଚନ କମିସନଙ୍କ ନିଷ୍ପତ୍ତି ଉପରେ ରୋକ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ତେବେ ଏହି ମାମଲାରେ ପାୱାରଙ୍କ ଆବେଦନ ଉପରେ ବିଚାର କରିବାକୁ ଇଚ୍ଛୁକ ବୋଲି ସୋମବାର ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । କୋର୍ଟ ଅଜିତ ପାୱାର ଏବଂ ନିର୍ବାଚନ ଆୟୋଗଙ୍କୁ ନୋଟିସ ଜାରି କରି ୨ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ୩ ସପ୍ତାହ ପରେ ହେବ । ସୁପ୍ରିମକୋର୍ଟର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଶରଦ ପାୱାର ତାଙ୍କ ରାଜନୈତିକ ଦଳ ପାଇଁ 'ଏନସିପି ଶରଦ ଚନ୍ଦ୍ର ପାୱାର' ନାମ ବ୍ୟବହାର କରିବେ । ଯଦି ପାୱାର ତାଙ୍କ ଦଳ ଏନସିପି ଶରଦ ଚନ୍ଦ୍ର ପାୱାରଙ୍କ ପାଇଁ ନିର୍ବାଚନ କମିଶନଙ୍କ ଠାରୁ ଚିହ୍ନ ମାଗିବେ, ତେବେ ନିର୍ବାଚନ ଆୟୋଗ ଏକ ସପ୍ତାହ ମଧ୍ୟରେ ଚିହ୍ନ ଆବଣ୍ଟନ କରନ୍ତୁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ଅଜିତ ପାୱାର ଗୋଷ୍ଠୀକୁ ପ୍ରକୃତ ଏନସିପି ଘୋଷଣା କରିବା ଏବଂ ତାଙ୍କୁ 'ଘଡ଼ି' ଚିହ୍ନ ଦେବା ନିଷ୍ପତ୍ତିକୁ ଶରଦ ପାୱାର କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି । ଶରଦ ପାୱାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଶୁକ୍ରବାର କହିଥିଲେ ଯେ ଅଜିତ ପାୱାରଙ୍କ ଦ୍ୱାରା ଜାରି ହୋଇଥିବା ହ୍ୱିପ୍‌ର ସମ୍ମୁଖୀନ ହେବାର ସମ୍ଭାବନା ରହିଛି ।

# ସନ୍ଦେଶଖାଲି ମାମଲା: ଶୁଣିଲେନି ସୁପ୍ରିମକୋର୍ଟ

## ହସ୍ତକ୍ଷେପ କରିବାକୁ ମନା କଲେ



**ନୂଆଦିଲ୍ଲୀ:**
ବହୁ ଚର୍ଚ୍ଚିତ ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାରେ ଆସିଛି ସୁପ୍ରିମକୋର୍ଟଙ୍କ ବଡ଼ ରାୟ । ଏହି ମାମଲାରେ ସେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି । ଏଥିସହ ମାମଲାରେ ଏସ୍‌ଆଇଟି ତଦନ୍ତ ପାଇଁ ହୋଇଥିବା ଆବେଦନକୁ ସେ ଖାରଜ କରିଦେଇଛନ୍ତି । ସନ୍ଦେଶଖାଲି ମାମଲାରେ ସିବିଆଇ ବା ଏସ୍‌ଆଇଟି ତଦନ୍ତ ପାଇଁ ହୋଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ସିଧା ସିଧା ମନା କରିଦେଇଛନ୍ତି । ଜଷ୍ଟିସ ବିବି ନାଗରତ୍ନା ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ବେଞ୍ଚ କହିଛନ୍ତି ଯେ, 'ଏହି ମାମଲାକୁ ମଣିପୁର ସହ ତୁଳନା କରନାହିଁ । କୋଲକାତା ହାଇକୋର୍ଟ ନିଜେ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି । ସେ ଏହାର ସ୍ଥିତି ଆକଳନ କରିବାକୁ ସର୍ବଶ୍ରେଷ୍ଠ ଅଟନ୍ତି । ସେ ଏସ୍‌ଆଇଟି ତଦନ୍ତ ନିର୍ଦ୍ଦଶ ଦେବା ପାଇଁ ମଧ୍ୟ ସକ୍ଷମ ଅଟନ୍ତି । ତେଣୁ ଆବେଦନକାରୀ ହାଇକୋର୍ଟର ଦ୍ୱାରସ୍ଥ ହେବା ଉଚିତ । ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ନିଜ ଆବେଦନ ଫେରାଇ ନେଇଛନ୍ତି ଆବେଦନକାରୀ । ଉଲ୍ଲେଖଯୋଗ୍ୟ ଯେ, ସନ୍ଦେଶଖାଲି ମାମଲାରେ ସିବିଆଇ କିମ୍ବା ଏସ୍‌ଆଇଟି ତଦନ୍ତ ପାଇଁ ଆଇନଜୀବୀ ଅଲଖ ଆଲୋକ ଶ୍ରୀବାସ୍ତବ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ନିରପେକ୍ଷ ଯାଞ୍ଚ ପାଇଁ ପଶ୍ଚିମବଙ୍ଗ ବାହାରେ ସମ୍ପୂର୍ଣ୍ଣ ତଦନ୍ତ କରିବାକୁ ସେ ନିଜ ଆବେଦନରେ ଉଲ୍ଲେଖ କରିଥିଲେ । ଏଥିସହ ମଣିପୁର ଭଳି ଏହି ମାମଲାରେ ତିନି ଜଣ ଅବସର ପ୍ରାପ୍ତ ଜଜ୍‌ଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଦାବି କରିଥିଲେ । ପୀଡିତାଙ୍କୁ କ୍ଷତିପୂରଣ ରାଶି ଦେବାକୁ ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତ ପୁଲିସକର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଜ ଆବେଦନରେ କୁହାଯାଇଥିଲା । ଗତ କିଛି ଦିନ ହେବ ଚର୍ଚ୍ଚାରେ ରହିଛି ସନ୍ଦେଶଖାଲି ମାମଲା । ଏଠାକାର ଶତାଧିକ ମହିଳା ତୃଣମୂଳ କଂଗ୍ରେସ ନେତା ଶହଜାହାଁ ଶେଖ୍ ଓ ତାଙ୍କ ସହଯୋଗୀ ଗାଁ ଲୋକଙ୍କ ଜମି ଜବରଦଖଲ କରିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି ।

# କଲ୍‌କୀ ଧାମ୍ ମନ୍ଦିରର ଶିଳାନ୍ୟାସ

**ଲକ୍ଷ୍ନୌ:**
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ସମ୍ଭାଲଠାରେ କଲ୍କୀ ଧାମ୍ ମନ୍ଦିରର ଶିଳାନ୍ୟାସ କରିଛନ୍ତି । ତାଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ ବି ଉପସ୍ଥିତ ଥିଲେ । ବୈଦିକ ମନ୍ତ୍ର ଉଚ୍ଚାରଣ ଭିତରେ କଲକୀ ଧାମ ମନ୍ଦିରର ଭୂମିପୂଜନ ଉତ୍ସବରେ ସାମିଲ ହୋଇଛନ୍ତି ମୋଦୀ । ଭୂମି ପୂଜନ ଉତ୍ସବ ପରେ ପ୍ରଧାନମନ୍ତ୍ରୀଙ୍କୁ ମଞ୍ଚ ଉପରେ ସ୍ୱାଗତ କରିଥିଲେ କଲକୀ ଧାମ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ । ଆଚାର୍ଯ୍ୟ ନିଜ ଅଭିଭାଷଣରେ କହିଛନ୍ତି, କଲକୀ ଧାମକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ ଛ ୧୮ ବର୍ଷ ପୂର୍ବର ସ୍ୱପ୍ନ ପୂରା କରିବାକୁ ଦେଶର କୋଣ ଅନୁକୋଣରୁ ହଜାର ହଜାର ସାଧୁ ସନ୍ଥ ଏଠାରେ ଏକାଠି ହୋଇଛନ୍ତି । ଯେବେ ଯେବେ ଅର୍ଧମ ଓ ପାପ ଚରମସୀମାରେ ପହଞ୍ଚିଥାଏ ସେବେ ଅଧର୍ମୀଙ୍କୁ ନାଶ କରିବାକୁ ଏବଂ ଧର୍ମର ପୁନଃସ୍ଥାପନା କରିବାକୁ ଭଗବାନ ଅବତାର ନିଅନ୍ତି । ତ୍ରେତୟାରେ ପ୍ରଭୁ ଶ୍ରୀରାମ ଅଯୋଧ୍ୟାରେ, ଦ୍ୱାପରରେ ପ୍ରଭୁ ଶ୍ରୀକୃଷ୍ଣ ମଥୁରାରେ ଜନ୍ମ ନେଇଥିଲେ । ସେହିଭଳି କଳିଯୁଗରେ ଭଗବାନ କଲକୀ ସମ୍ଭଲ ମାଟିରେ ଜନ୍ମ ନେବେ । ୫ ଏକର ଜମିରେ ଏହି କଲକୀ ଧାମ ମନ୍ଦିର ନିର୍ମାଣ ହେବ । ୫ ବର୍ଷ ମଧ୍ୟରେ ମନ୍ଦିରର ନିର୍ମାଣ ଶେଷ ହେବ । ବଂଶୀ ପାହାଡପୁରର ଗୋଲାପୀ ରଙ୍ଗର ପଥରରେ ଏହି ମନ୍ଦିରର ନିର୍ମାଣ ହେବ । ଅଯୋଧ୍ୟାର ରାମ ମନ୍ଦିର ଓ ସୋମନାଥ ମନ୍ଦିର ମଧ୍ୟ ଏହି ପାହାଡର ପଥରରେ ନିର୍ମାଣ ହୋଇଥିଲା । ୧୦୮ ଫୁଟ ଉଚ୍ଚର ଏହି ମନ୍ଦିରରେ ଷ୍ଟିଲ କିମ୍ବା ଲୁହାର ବ୍ୟବହାର କରାଯିବ ନାହିଁ । ଏଥିରେ ୧୦ଟି ଗର୍ଭଗୃହ ରହିବ, ଯେଉଁଥିରେ ଭଗବାନ ବିଷ୍ଣୁଙ୍କ ୧୦ ଅବତାରର ବିଗ୍ରହ ସ୍ଥାପନ କରାଯିବ ।

# ତାଲିବାନୀ ଶାସନ: ଫଟୋ ଓ ଭିଡ଼ିଓ ନିଷିଦ୍ଧ

**କାନ୍ଦାହାର:**
ଆଫଗାନିସ୍ତାନରେ ତାଲିବାନ ସରକାର କ୍ଷମତାକୁ ଆସିବା ପରଠାରୁ କ୍ରମାଗତ ଭାବେ ନୂଆ ନୂଆ ନିର୍ଦ୍ଦେଶନାମା ଜାରି କରାଯାଉଛି । ଏହି କ୍ରମରେ ତାଲିବାନ ଆଉ ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଛି । କୁହାଯାଉଛି ଯେ ଏହା ଏକ ଅଢ଼େଇ ଦଶନ୍ଧି ପୁରୁଣା ଆଇନ, ଯାହାପୁଣି ଥରେ କାର୍ଯ୍ୟକାରୀ ହୋଇଛି । ତାଲିବାନର ଗଡ଼ କାନ୍ଦାହାରରେ ଏହି ନୂଆ ନିର୍ଦ୍ଦେଶ ଲାଗୁ ହେବ । ନୂଆ ନିର୍ଦ୍ଦେଶନାମା ଅନୁଯାୟୀ, କାନ୍ଦାହାରର ଅଧିକାରୀମାନେ ଆଉ ଜୀବନ୍ତ ବ୍ୟକ୍ତିର ଫଟୋ କିମ୍ବା ଭିଡିଓ ଉଠାଇ ପାରିବେ ନାହିଁ । ତାଲିବାନ ଆଦେଶ ରେ କୁହାଯାଇଛି ଯେ ଏପରି କରିବା ଦ୍ୱାରା ଲାଭ ଅପେକ୍ଷା କ୍ଷତି ଅଧିକ ହୋଇଥାଏ । ଏଣୁ



ବଞ୍ଚିଥିବା ବ୍ୟକ୍ତିଙ୍କ ଫଟୋ କିମ୍ବା ଭିଡିଓ ଉତ୍ତୋଳନକୁ ନିଷିଦ୍ଧ କରାଯାଇଛି । କିନ୍ତୁ ଆଶ୍ୱସ୍ତିର ବିଷୟ ହେଉଛି ଏହା ଏବେ କେବଳ ସରକାରୀ ଅଧିକାରୀଙ୍କ ପାଇଁ ଲାଗୁ ହେବ । ସାଧାରଣ ଲୋକ ଓ ଗଣମାଧ୍ୟମକୁ ଏହି କଟକଣାରୁ ମୁକ୍ତ ରଖାଯାଇଛି । କାନ୍ଦାହାର ଗଭର୍ଣ୍ଣରଙ୍କ ମୁଖପାତ୍ର ଏକ ଅନ୍ତର୍ଜାତୀୟ ନ୍ୟୁଜ୍ ଏଜେନ୍ସି ସହ କଥାବାର୍ତ୍ତା ରେ ଏହି ନିର୍ଦ୍ଦେଶକୁ ସ୍ପଷ୍ଟ କରିଛନ୍ତି । କାନ୍ଦାହାରବାସୀଙ୍କ ପାଇଁ ଜାରି କରାଯାଇଥିବା ଏହି ଆଦେଶ ଆଫଗାନିସ୍ତାନରେ ତାଲିବାନ ଶାସନ କରୁଥିବା ପୂର୍ବର ଅନ୍ଧକାର ସମୟକୁ ପୁଣି ମନେ ପକାଇ ଦେଉଛି । ୧୯୯୬ରୁ ୨୦୦୧ ମଧ୍ୟରେ ଆଫଗାନିସ୍ତାନରେ ଟେଲିଭିଜନ, ନାଚଗୀତକୁ ବି ନିଷିଦ୍ଧ କରାଯାଇଥିଲା । ସେତେବେଳେ ମଧ୍ୟ ଜୀବିତ ଲୋକଙ୍କ ଫଟୋ ଉଠାଇବାକୁ ବାରଣ କରାଯାଇଥିଲା ।

# ନ୍ୟୁଗିନିରେ ଜନଜାତି ସଂଘର୍ଷ: ୬୦ ମୃତ

**ସିଡ୍‌ନୀ:**
ପାପୁଆ ନିୟୁ ଗିନିର ସୁଦୂର ପାହାଡ଼ୀ ପ୍ରଦେଶରେ ଅତର୍କିତ ଆକ୍ରମଣ ସମୟରେ ଗୁଳି ମାଡ଼ରେ ଅନ୍ୟୁନ ୬୪ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା କଥା 'ବିବିସି' ରିପୋର୍ଟ କରିଛି । ଗତ ସପ୍ତାହାନ୍ତ ଏନଗା ପ୍ରଦେଶରେ ଘଟିଥିବା ଜନଜାତି ସଂଘର୍ଷ ସମୟରେ ଗୁଳିକାଣ୍ଡ ଘଟିବା ଯୋଗୁଁ ଏତେ ସଂଖ୍ୟକ ଲୋକଙ୍କର ମୃତ୍ୟୁ ଘଟିଥିବା କଥା ଜଣେ ଜାତୀୟସ୍ତରୀ ପୁଲିସ ମୁଖପାତ୍ର 'ବିବିସି'କୁ କହିଛନ୍ତି । କିନ୍ତୁ, ଠିକ୍ କେଉଁ ଦିନ ବା କେତେବେଳେ ସଂଘର୍ଷ ଘଟିଥିଲା, ସେ ବିଷୟରେ କେଣସି ସୂଚନା ମିଳିନାହିଁ । ସୂଚନାଯୋଗ୍ୟ, ପାହାଡ଼ୀ ଅଞ୍ଚଳରେ ଦୀର୍ଘ ଦିନରୁ ସଂଘର୍ଷ ଚାଲି ଆସୁଥିଲେ ବି ଗତ କିଛି ବର୍ଷ ହେବ ଏକକାଳୀନ ଏତେ ସଂଖ୍ୟକ ଲୋକ ନିହତ ହୋଇ ନ ଥିଲେ । ରୟାଲ୍ ପାପୁଆ ନିୟୁ ଗିନି କନ୍‌ଷ୍ଟାବୁଲାରି ଆକ୍ଟିଙ୍ଗ୍ ସୁପରିଣ୍ଟେଣ୍ଡେଣ୍ଟ୍ ଜର୍ଜ କାକାସ୍ କହିଛନ୍ତି, ଏନଗା ତଥା ସମଗ୍ର ପାହାଡ଼ୀ ଇଲାକାରେ ମୁଁ ଏଯାବତ୍ ଦେଖିଥିବା ନରସଂହାର ମଧ୍ୟରୁ ଏହା ସବୁଠୁ ଅଧିକ । ଏନଗାକୁ ବହୁ ପରିମାଣର ବେଆଇନ ଆଗ୍ନେୟାସ୍ତ୍ର ଆସୁଥିବାରୁ ସଂଘର୍ଷ ଅତି ଭୟାନକ ହେଉଛି । ରାଜଧାନୀ ପୋର୍ଟ ମୋର୍ସବାଏର ଉତ୍ତରପଶ୍ଚିମକୁ ପ୍ରାୟ ୬୦୦ କିଲୋମିଟର ଦୂର ୱାବାଗ୍ ସହର ନିକଟରେ ଘଟିଥିବା ସଂଘର୍ଷସ୍ଥଳରୁ ପୁଲିସ ଶବ ଉଦ୍ଧାର କରି ଟ୍ରକରେ ବୋଝେଇ କରୁଛି ବୋଲି ମଧ୍ୟ 'ବିବିସି' ରିପୋର୍ଟ କରିଛି । ମୁଖ୍ୟତଃ ଧନ ଓ ଜମିବାଡ଼ି କାରଣରୁ ଏଭଳି ସଂଘର୍ଷ ଘଟୁଥିବା କଥା ବିଭିନ୍ନ ଗଣମାଧ୍ୟମ ରିପୋର୍ଟ କରିଛନ୍ତି ।

# ପାକିସ୍ତାନୀ ଗ୍ୟାଙ୍ଗଷ୍ଟାର ଅମୀର ବଲାଜ ନିହତ

**ଲାହୋର:**
ଲାହୋର୍ ଅଣ୍ଡର୍ୱାର୍ଲଡ୍ ଦୁନିଆରେ ସୁପରିଚିତ ନାଁ ତଥା ଏକ ମାଲ୍ ପରିବହନ ନେଟ୍‌ୱାର୍କର ମାଲିକ ଅମୀର୍ ବଲାଜ ଟିପୁଙ୍କୁ ରବିବାର ଦିନ ଗୁଳି ମାରି ହତ୍ୟା କରାଯାଇଥିବା କଥା ସମ୍ବାଦପତ୍ର 'ଡନ୍' କହିଛି । ଘରୋଇ ଟିଭି ଚାନେଲ୍ ରିପୋର୍ଟରୁ ତଥ୍ୟ ସଂଗ୍ରହ କରି ଡନ୍ ଲେଖିଛି, ଲାହୋରର ଚୁଙ୍ଗ୍ ଅଞ୍ଚଳରେ ଏକ ବିବାହ ଅନୁଷ୍ଠାନରେ ଅଜ୍ଞାତ ଆକ୍ରମଣକାରୀମାନେ ଗୁଳିଚଳାଇ ଥିଲେ । ଅମୀର ବଲାଜ ଟିପୁ ହେଉଛନ୍ତି, ଆରିଫ୍ ଅମୀର ଓରଫ୍ ଟିପୁ ଟ୍ରକ୍ୱାଲାଙ୍କ ପୁଅ । ୨୦୧୦ରେ ଅଲ୍ଲାମା ଇକ୍ବାଲ୍ ଏୟାର୍ପୋର୍ଟରେ ଆରିଫ୍ ମାରାତ୍ମକ ଆକ୍ରମଣର



ସରବ୍ୟ ହୋଇ ଆହତ ହୋଇଥିଲେ । ପରେ ପରେ ତାଙ୍କର ମୃତ୍ୟୁ ଘଟିଥିଲା । ବଲାଜଙ୍କ ଜେଜେ ମଧ୍ୟ ଉଗ୍ର ଥିଲେ । ତେଣୁ, ତାଙ୍କ ପରିବାର ଆନୁବଂଶିକ ଭାବେ ହିଂସାକାଣ୍ଡ ଘଟାଇ ଆସୁଛନ୍ତି ବୋଲି 'ଡନ୍' ରିପୋର୍ଟ କରିଛି । ପୁଲିସ ରିପୋର୍ଟ କରିଛି, ଆକ୍ରମଣକାରୀମାନେ ବଲାଜ ଓ ଆଉ ୨ଜଣ ଅତିଥିଙ୍କ ଉପରକୁ ଗୁଳି ଚଳାଇ ସେମାନଙ୍କୁ ସାଂଘାତିକ ଆହତ କରିପକାଇଲେ । ଏହା ଦେଖି ବଲାଜଙ୍କ ସହିତ ଯାଇଥିବା ବ୍ୟକ୍ତିଗତ ଅଙ୍ଗରକ୍ଷୀମାନେ ପାଲଟା ଗୁଳି ଚଳାଇବାରୁ ଜଣେ ଆକ୍ରମଣକାରୀଙ୍କର ମୃତ୍ୟୁ ଘଟିଲା । ବଲାଜଙ୍କୁ ବଞ୍ଚାଇ ରଖିବାକୁ ସବୁପ୍ରକାର ଉଦ୍ୟମ କରାଯିବା ସତ୍ତ୍ୱେ ଜିନ୍ନା ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଲା । ଆକ୍ରମଣର କାରଣ ଓ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା ଲାଗି ପୁଲିସ ତଦନ୍ତ ଆରମ୍ଭ କରିଛି । ସଦ୍ୟତମ ସୂଚନା ଅନୁସାରେ, ଏଯାବତ୍ ଏହି ଘଟଣା ନିମନ୍ତେ କାହାକୁ ଗିରଫ କରାଯାଇ ନାହିଁ ।

## କେଜରିୱାଲଙ୍କୁ ସପ୍ତମ ସମନ ଜାରି କରିବ ଇଡି

**ନୂଆଦିଲ୍ଲୀ:**
ଅବକାରୀ ଦୁର୍ନୀତି ମାମଲାରେ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ପୁଣି ଥରେ ସମନ ଜାରି କରିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । ଇଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନିକଟରେ ଏକ ସ୍ଥାନୀୟ ଅଦାଲତ କେଜରିୱାଲଙ୍କୁ ପୂର୍ବରୁ ଜାରି କରାଯାଇଥିବା ନୋଟିସକୁ ଅମାନ୍ୟ କରିବା ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି । ୫୫ ବର୍ଷୀୟ କେଜରିୱାଲ ସୋମବାର ଷଷ୍ଠ ଥର ପାଇଁ ଜାତୀୟ ତଦନ୍ତକାରୀ ଏଜେନ୍ସି (ଇଡି) ନିକଟରେ ହାଜର ହେବାକୁ ମନା କରିଦେଇଥିବା ବେଳେ ଆମ୍ ଆଦମୀ ପାର୍ଟି (ଆପ୍) କହିଛି ଯେ ଇଡି ଦଳର ରାଷ୍ଟ୍ରୀୟ ସଂଯୋଜକ ତଥା ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ସମନ ପଠାଇବା ପରିବର୍ତ୍ତେ ଅଦାଲତଙ୍କ ରାୟକୁ ଅପେକ୍ଷା କରିବା ଉଚିତ । ଅବକାରୀ ଦୁର୍ନୀତି ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ କେନ୍ଦ୍ରୀୟ ଏଜେନ୍ସି (ଇଡି)ର ସମନକୁ ଅମାନ୍ୟ କରିଥିବା ଅଭିଯୋଗରେ ଦିଲ୍ଲୀର ଏକ ଅଦାଲତ ଫେବ୍ରୁଆରି ୧୭ ତାରିଖରେ କେଜରିୱାଲଙ୍କୁ ଦିନତମାମ ବ୍ୟକ୍ତିଗତ ହାଜରରୁ ମୁକ୍ତି ଦେଇଥିଲେ । ଅଦାଲତ ଏହି ମାମଲାକୁ ମାର୍ଚ୍ଚ ୧୬ ତାରିଖକୁ ଧାର୍ଯ୍ୟ କରିଛନ୍ତି ଏବଂ କେଜରିୱାଲଙ୍କ ଓକିଲ ସେଦିନ ତାଙ୍କ ଶାରୀରିକ ହାଜର ହେବା ପାଇଁ କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ଆଜାଦଙ୍କ ଖୁଲାସା ନେଇ ଅବଦୁଲ୍ଲା ପରିବାର କ୍ଷୁବ୍ଧ

**ଶ୍ରୀନଗର:**
ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ଫାରୁକ୍ ଅବଦୁଲ୍ଲା ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ଗୁପ୍ତ ବୈଠକ କରନ୍ତି ବୋଲି ବରିଷ୍ଠ ରାଜନେତା ଗୁଲାମ ନବୀ ଆଜାଦ ଦାବି କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଅବଦୁଲ୍ଲା ପରିବାର ସେମାନଙ୍କ ଆଭିମୁଖ୍ୟରେ ଦ୍ୱିପାକ୍ଷିକତା ଅଭିଯୋଗ କରି ଶ୍ରୀନଗରରେ ଗୋଟିଏ, ଜମ୍ମୁରେ ଅନ୍ୟଟି ଏବଂ ଦିଲ୍ଲୀରେ ଅନ୍ୟ କିଛି କହୁଛନ୍ତି ।

ଆଜାଦ ଦାବି କରିଛନ୍ତି ଯେ ନ୍ୟାସନାଲ କନଫରେନ୍ସ ଦଳର ନେତୃତ୍ୱ ନେଉଥିବା ଅବଦୁଲ୍ଲା ପିତାପୁତ୍ର ୨୦୧୪ରେ ବିଜେପି ସହ ମେଣ୍ଟ କରିବା ପାଇଁ ଯୋଜନାବଦ୍ଧ ପ୍ରୟାସ କରିଥିଲେ । ବାପା-ପୁଅ ଡବଲ୍ ଗେମ୍ ଖେଳୁଥିବା ଅଭିଯୋଗ କରି ସେ ଇଣ୍ଡିଆ ଟୁଡେ ଟିଭିକୁ ଫାରୁକ୍ ଅବଦୁଲ୍ଲାଙ୍କ ସ୍ୱତନ୍ତ୍ର ସାକ୍ଷାତକାରକୁ ଉଦାହରଣ ଦେଇଥିଲେ, ଯେଉଁଥିରେ ସେ ଭବିଷ୍ୟତରେ ବିଜେପି ନେତୃତ୍ୱାଧୀନ ଏନଡିଏରେ ଯୋଗ ଦେବାକୁ ସଙ୍କେତ ଦେଇଥିଲେ, ଯାହାକୁ ପରେ ଓମାର ଅବଦୁଲ୍ଲା



ଅସ୍ୱୀକାର କରିଥିଲେ ।

ଫାରୁକ୍ ଇଣ୍ଡିଆ ଟୁଡେକୁ ଯାହା କହିଥିଲେ ତାହା ଜିଭରୁ ଖସିଯିବା ନୁହେଁ । ଫାରୁକ୍ ଓ ଓମାର ଉଭୟ ସରକାର ଓ ବିରୋଧୀଙ୍କୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଆଜାଦ କହିଛନ୍ତି । ପୂର୍ବତନ କଂଗ୍ରେସ ନେତା ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ ଉଭୟ ନ୍ୟାସନାଲ କନଫରେନ୍ସ (ଏନସି) ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଜମ୍ମୁ-କଶ୍ମୀରରେ ବିଜେପି ସହ ସରକାର ଗଠନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ । ଏଥିସହ ଜମ୍ମୁ-କଶ୍ମୀରରୁ ଧାରା ୩୭୦ର ବିବାଦୀୟ ଉଚ୍ଛେଦ ପୂର୍ବରୁ ଅଗଷ୍ଟ ୩, ୨୦୧୯ରେ ଅବଦୁଲ୍ଲା ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ହୋଇଥିବା ଏକ ସାକ୍ଷାତକୁ ମଧ୍ୟ ଆଜାଦ ସାମ୍ନାକୁ ଆଣିଛନ୍ତି । ସେ ଦାବି କରିଛନ୍ତି ଯେ ଦିଲ୍ଲୀରେ ଗୁଜବ ଚାଲିଛି ଯେ ଅବଦୁଲ୍ଲା ପରିବାରକୁ ଏହି ନିଷ୍ପତ୍ତି ବିଷୟରେ ବିଶ୍ୱାସରେ ନିଆଯାଇଛି ଏବଂ ଏପରିକି ଉପତ୍ୟକା ନେତାମାନଙ୍କୁ ଗୃହବନ୍ଦୀ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ପୂର୍ବତନ ଏନ୍ସି ନେତା ଦେବେନ୍ଦ୍ର ସିଂହ ରାଣାଙ୍କ ଦାବିକୁ ଆଜାଦ ସମର୍ଥନ କରି କହିଛନ୍ତି ଯେ ଦଳ ବିଜେପି ସହ ମେଣ୍ଟ କରିବାକୁ ଆଗ୍ରହୀ, ଯେଉଁଥିପାଇଁ ଓମାର ଅବଦୁଲ୍ଲା ଆଲୋଚନାର ନେତୃତ୍ୱ ନେଇଥିଲେ । ହେଲେ, ବିଜେପି ସେମାନଙ୍କ ପ୍ରସ୍ତାବକୁ ଗ୍ରହଣ କରିନାହିଁ ବୋଲି ରାଣା କହିଛନ୍ତି । ମୁଁ ଜାଣିଛି ଯେ ଜମ୍ମୁ-କଶ୍ମୀରରେ ବିଜେପି ସହ ମିଶି ସରକାର ଗିବା ପାଇଁ ଏନ୍ସି ଜୋରଦାର ପ୍ରୟାସ କରୁଛି । ଜମ୍ମୁ-କଶ୍ମୀରରେ କୌଣସି ରାଜନୈତିକ ଦୁଃସାହସିକ କାର୍ଯ୍ୟ ନ କରିବାକୁ ମୁଁ ଗୃହରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କହିଥିଲି ବୋଲି ଆଜାଦ କହିଛନ୍ତି । ନିଜକୁ ସବୁଠାରୁ ଧର୍ମନିରପେକ୍ଷ ନେତା ଭାବେ ପରିଚୟ ଦେଇ ଆଜାଦ କହିଛନ୍ତି, ମୁଁ ଅବଦୁଲ୍ଲାଙ୍କ ଭଳି ଠକେଇ କରେ ନାହିଁ । ମୁଁ ମୋର ହିନ୍ଦୁ ଭାଇମାନଙ୍କୁ ବୋକା ବନାଇବା ପାଇଁ ମନ୍ଦିରକୁ ଯାଉନାହିଁ ଏବଂ ଉଗ୍ରବାଦୀ ଇସଲାମବାଦୀମାନଙ୍କୁ ଖୁସି କରିବା ପାଇଁ ମୁଁ ମୋ ଦେଶକୁ ଅପବ୍ୟବହାର କରେ ନାହିଁ ।

# ସାଇକେଲ ଛାଡି ନୂଆ ଦଳ ଗଢ଼ିଲେ ପ୍ରସାଦ ମୌର୍ଯ୍ୟ

**ଲକ୍ଷ୍ନୌ:**
୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟିରୁ ପୂରାପୁରି ଅଲଗା ହୋଇଯାଇଛନ୍ତି ସ୍ୱାମୀ ପ୍ରସାଦ ମୌର୍ଯ୍ୟ ସାଇକେଲରୁ ଓହ୍ଲାଇ ନୂଆ ଦଳ ଗଠନ କଲେ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ଠାରୁ ପୂରାପୁରି ଅଲଗା ହୋଇଯାଇଛନ୍ତି । ସେ ନିଜର ଏକ ନୂଆ ଦଳ ଗଠନ କରିଛନ୍ତି । ତାଙ୍କ ଦଳର ନାଁ ରାଷ୍ଟ୍ରୀୟ ଶୋଷିତ ସମାଜ ପାର୍ଟି ହେବ । ସୋଶାଲ ମିଡିଆ ଜରିଆରେ ସେ ତାଙ୍କ ଦଳର ପତାକା ଲଞ୍ଚ କରି ଏହି ସୂଚନା ଦେଇଛନ୍ତି । ନୀଳ, ଲାଲ ଓ ସବୁଜ ରଙ୍ଗକୁ ମିଶାଇ ତାଙ୍କର ଦଳୀୟ ପତାକା ତିଆରି କରାଯାଇଛି । ନିକଟରେ ଅଖିଳେଶ ଯାଦବଙ୍କ ସାମାଜବାଦୀ ପାର୍ଟିରୁ ଇସ୍ତଫା ଦେଇଥିବା ସ୍ୱାମୀ ପ୍ରସାଦ ମୋର୍ଯ୍ୟ ଆସନ୍ତା ୨୨ ତାରିଖରେ ଦିଲ୍ଲୀ ତାଲକଟୋରା ଷ୍ଟାଡିୟମରେ ଏକ ରାଲିକୁ ସମ୍ବୋଧିତ କରିବେ । ଏହି ଦିନ ସେ ନିଜ ନୂଆ ଦଳ ଘୋଷଣା କରିବେ ବୋଲି ସୂଚନା ରହିଛି । ଏହାରି ଭିତରେ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଉପରେ ବର୍ଷିଛନ୍ତି ସ୍ୱାମୀ ପ୍ରସାଦ ମୌର୍ଯ୍ୟ । ଅଖିଳେଶ ଯାଦବଙ୍କ ନା ସରକାର ଅଛି, ନା ହିଁ ସେ କେନ୍ଦ୍ରରେ ଅଛନ୍ତି । ରାଜ୍ୟରେ ମଧ୍ୟ ସେ ନାହାନ୍ତି । ସେ ମୋତେ କିଛି ଦେବା ପାଇଁ ତାଙ୍କର କୌଣସି ଔକାତ ନାହିଁ । ଯଦି ବର୍ତ୍ତମାନ ସୁଦ୍ଧା ସେ ମୋତେ କିଛି ଦେଇଥିବେ ତା' ହେଲେ ତାକୁ ମୁଁ ସସମ୍ମାନେ ଫେରାଇ ଦେବି ବୋଲି କହିଛନ୍ତି ସ୍ୱାମୀ ପ୍ରସାଦ ମୋର୍ଯ୍ୟ । ସେ ଆହୁରି କହିଛନ୍ତି, 'ଏହା ମୋର ବ୍ୟକ୍ତିଗତ ଲଢେ଼ଇ ନୁହେଁ ।

# ଉଦ୍ଧବ ବି ଛାଡ଼ି ପାରନ୍ତି 'ଇଣ୍ଡିଆ' ମେଣ୍ଟ

**ମୁମ୍ବାଇ:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରେ ଏବେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ମଧ୍ୟ ଇଣ୍ଡି ଆଲାଏନ୍ସ ଛାଡି ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଦଳ ଦଳ ଭିତରେ ସିଟ୍ ଭାଗବଣ୍ଟାକୁ ନେଇ ଅଙ୍କ ଛିଡୁନି । ଆଲୋଚନା ବିଳମ୍ବ ହେଉଥିବା ନେଇ ଖପ୍ପା ହୋଇଯାଇଛି ଉଦ୍ଧବ ଠାକରେଙ୍କ ଦଳ ଶିବସେନା(ୟୁବିଟି) । ସେ ମଧ୍ୟ ମହାରାଷ୍ଟ୍ରରେ ଏକା ନିର୍ବାଚନ ଲଢ଼ିବାକୁ ଯୋଜନା କରିଥିବା ଜଣାପଡିଛି । ମହାରାଷ୍ଟ୍ରରେ ମହା ବିକାଶ ଅଘାଡି ନେତାଙ୍କ ମଧ୍ୟରେ ସିଟ୍ ଭାଗବଣ୍ଟାକୁ ନେଇ ଆଲୋଚନା ଜାରି ରହିଛି । ଏହାରି ଭିତରେ ଉଦ୍ଧବ ଠାକରେଙ୍କ ଦଳ ଶିବସେନା ୪୮ ଲୋକସଭା ଆସନରୁ ୧୮ଟି ଦାବି କରିଛି । ଏହି ୧୮ଟି ଆସନରେ କାହାକୁ ପ୍ରାର୍ଥୀ କରାଯିବ, କିଭଳି



ହେବ ନିର୍ବାଚନ ସେ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଏଥିରେ ମୁମ୍ବାଇର ୬ଟି ଲୋକସଭା ଆସନରୁ ୪ଟି ସାମିଲ ଅଛି । ମୁମ୍ବାଇ ସାଉଥ, ମୁମ୍ବାଇ ସାଉଥ ସେଣ୍ଟ୍ରାଲ, ମୁମ୍ବାଇ ନର୍ଥ ୱେଷ୍ଟ ଓ ମୁମ୍ବାଇ ନର୍ଥ ଇଷ୍ଟ ଲୋକସଭା ଆସନରେ ଶିବସେନା ନିଜର ନିର୍ବାଚନୀ ସଂଯୋଜକ ନିଯୁକ୍ତ କରିଛି । ଏଥିରୁ ସ୍ପଷ୍ଟ ହୋଯାଇଛି ସହଯୋଗୀ ଦଳ କଂଗ୍ରେସ ଓ ଏନସିପି (ଶରଦ ପାୱାର ଗୋଷ୍ଠୀ)ଙ୍କୁ ମୁମ୍ବାଇରେ କେବଳ ୨ଟି ଆସନ ଦେବାକୁ ଉଦ୍ଧବ ଠାକରେ ଇଚ୍ଛୁକ ଅଛନ୍ତି । ଏହାକୁ ନେଇ 'ଇଣ୍ଡିଆ' ମେଣ୍ଟରେ ହଲଚଲ ଜାରି ରହିଛି । ଉଲ୍ଲେଖଯୋଗ୍ୟ, ସିଟ୍ ଭାଗବଣ୍ଟାକୁ ନେଇ ମେଣ୍ଟର ଶେଷ ବୈଠକ ଫେବୃଆରୀ ୨ରେ ଅନୁଷ୍ଠିତ ହୋଇଥିଲା । ଏହାର କିଛି ସମୟ ପରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚୌହାନ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିଲେ । ବିଜେପି ସହ ମେଣ୍ଟ କରି ଅବିଭାଜିତ ଶିବସେନା ୨୦୧୯ ଲୋକସଭା ନିର୍ବାଚନ ଲଢ଼ିଥିଲା । ସେତେବେଳେ ମହାରାଷ୍ଟ୍ରର ୪୮ଟି ଆସନରୁ ୨୨ଟି ଆସନରେ ପ୍ରାର୍ଥୀ ଦେଇଥିଲା ଶିବସେନା । ଏଥିରୁ ୧୮ଟିରେ ଜିତିଥିଲା । ସେଥିରେ ୩ଟି ସିଟ୍ ମୁମ୍ବାଇର ଥିଲା । ଜୁନ୍ ୨୦୨୨ରେ ଶିବସେନାଙ୍କ ୪୦ ବିଧାୟକ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଉଦ୍ଧବ ଠାକରେଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ଏହାପରେ ଦଳରେ ଫାଟ ସୃଷ୍ଟି ହୋଇଥିଲା । ଉଦ୍ଧବ ଠାକରେ ଗୋଷ୍ଠୀ ଓ ସିନ୍ଦେ ଗୋଷ୍ଠୀଙ୍କ ମଧ୍ୟ ଲଢ଼େଇ ହୋଇଥିଲା ।



# ଚତୁର୍ଥ ଟେଷ୍ଟକୁ ଫେରିବେ ରାହୁଲ



ରାଞ୍ଚି,୧୯।୨(ଏଜେନ୍ସି): ଆହତ ସମସ୍ୟା ଯୋଗୁ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟେଷ୍ଟରୁ ବାଦ ପଡ଼ିଥିବା କେଏଲ ରାହୁଲଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ସେ ବର୍ତ୍ତମାନ ଫିଟ ହୋଇ ଯାଇଛନ୍ତି। ତେଣୁ ଫେବୃଆରୀ ୨୩ରୁ ରାଞ୍ଚିରେ ଆରମ୍ଭ ହେବାକୁ ଥିବା ୪ର୍ଥ ଟେଷ୍ଟ ବେଳକୁ ସେ କମବ୍ୟାକ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଜଙ୍ଘ ଜନିତ ସମସ୍ୟାରେ ପଡ଼ିଥିବା କେଏଲ ଗତ ସପ୍ତାହରେ ହିଁ ୯୦% ଫିଟ ହୋଇ ଯାଇଥିଲେ। ତଥାପି ତାଙ୍କୁ ତୃତୀୟ ଟେଷ୍ଟରେ ସାମିଲ କରାଯାଇ ନଥିଲା। ଏବେ ସେ ମ୍ୟାଚ୍ ଖେଳିବାକୁ ପୂରା ପ୍ରସ୍ତୁତ ଅଛନ୍ତି। ତେଣୁ ସେ ରାଞ୍ଚି ଟେଷ୍ଟ ବେଳକୁ ଉପଲବ୍ଧ ହେବେ। ଗତବର୍ଷ ଆଇପିଏଲ ମଧ୍ୟ ରାହୁଲ ସମାନ ଆହତ ସମସ୍ୟାରେ ପଡ଼ିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୪ ମାସ ଟିମରୁ ବାହାରେ ରହିବାକୁ ପଡ଼ିଥିଲା। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ସେ ପୁଣି ସମାନ ଆହତର ସମ୍ମୁଖୀନ ହୋଇଥିଲେ। ହେଲେ ଏଥର ସେ ଶୀଘ୍ର ଫିଟ ହୋଇଯାଇଛନ୍ତି। ହାଇଦ୍ରାବାଦରେ ଖେଳା ଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ହାରି ଯାଇଥିଲା। କିନ୍ତୁ ରାହୁଲଙ୍କ ବ୍ୟାଟରୁ ଶତକ ଦେଖିବାକୁ ମିଳିଥିଲା। ରାହୁଲ ଫର୍ମରେ ଥିବାରୁ ୪ର୍ଥ ଟେଷ୍ଟରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ କଥା ବିଚାରକୁ ନେଲେ ଏବେ ଘରୋଇ ଟିମ ଭାରତ ୨-୧ରେ ଆଗୁଆ ରହିଛି। ପ୍ରଥମ ଟେଷ୍ଟ ଇଂଲଣ୍ଡ ଜିତିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଟେଷ୍ଟକୁ ଭାରତ ଜିତି ନେଇଛି। ତୃତୀୟ ଟେଷ୍ଟରେ ଭାରତ ୪୩୪ ରନର ବୃହତ୍ତ ବ୍ୟବଧାନରେ ଇଂଲଣ୍ଡକୁ ହରାଇ ନୂଆ ରେକର୍ଡ କରିଛି। ଏହା ଇଂଲଣ୍ଡର ଦ୍ୱିତୀୟ ବୃହତ୍ତମ ପରାଜୟ। ଏହାପୂର୍ବରୁ ଦଳ ୧୯୩୪ରେ ଅଷ୍ଟ୍ରେଲିଆ ଠାରୁ ୫୬୨ ରନରେ ହାରିଥିଲା।

## ଷ୍ଟାର କ୍ରିକେଟରଙ୍କୁ ବିସିସିଆଇର ଚେତାବନୀ

# ରଣଜୀ ଟ୍ରଫି ଖେଳିବା ବାଧ୍ୟତାମୂଳକ



ମୁମ୍ବାଇ,୧୯।୨(ଏଜେନ୍ସି): ଇଶାନ କିଶନ ଓ ଶ୍ରେୟସ ଆୟରଙ୍କ ଭଳି ବିସିସିଆଇର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ଥିବା ଷ୍ଟାର ଖେଳାଳିଙ୍କୁ ଖୋଲା ଚେତାବନୀ ଦେଇଛନ୍ତି ବିସିସିଆଇର ସମ୍ପାଦକ ଜୟ ଶାହ। କଣ୍ଟ୍ରାକ୍ଟରେ ଥିବା ଖେଳାଳିମାନେ ଯେମିତି ହେଲେ ଘରୋଇ କ୍ରିକେଟ ଖେଳିବା ଦରକାର। ରଣଜୀ ଟ୍ରଫି ଖେଳିବା ପରେ ହିଁ ଜଣେ ଖେଳାଳି ଜାତୀୟ ଟିମର ଚୟନ ପ୍ରକ୍ରିୟା ପାଇଁ ଉପଲବ୍ଧ ହୋଇପାରିବେ ବୋଲି ଜୟ ଶାହ କହିଛନ୍ତି। ଶାହଙ୍କ କହିବା କଥା ଯେ ବିସିସିଆଇ ଆଇପିଏଲର ସଫଳତାରେ ବେଶ ଖୁସି। କିନ୍ତୁ ଖେଳାଳିମାନେ ଘରୋଇ କ୍ରିକେଟ ଅପେକ୍ଷା ଆଇପିଏଲକୁ ଗୁରୁତ୍ୱ ଦେବା ଠିକ ନୁହେଁ। ଏପରି ଆଶା ବିସିସିଆଇ କେବେ କରି ନଥିଲା। ଜୟ ଶାହ ଗୋଟିଏ ଚିଠି ଲେଖି ସବୁ କ୍ରିକେଟରଙ୍କୁ କହିଛନ୍ତି ଯେ ବର୍ତ୍ତମାନ ଗୋଟିଏ ଟ୍ରେଣ୍ଡି ଆରମ୍ଭ ହୋଇଛି ଓ ଏହା ଅତ୍ୟନ୍ତ ଚିନ୍ତାଜନକ। କିଛି ଖେଳାଳି ଘରୋଇ କ୍ରିକେଟ ଅପେକ୍ଷା ଆଇପିଏଲକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏପରି ଆଶା ସେମାନଙ୍କ ଠାରୁ କେବେ ନଥିଲା। ଭାରତୀୟ କ୍ରିକେଟ ଟିମ ଆଜି ଯେଉଁଠି ବି ପହଞ୍ଚିଛି, ତା'ର ମୂଳଦୁଆ ଘରୋଇ କ୍ରିକେଟ ହିଁ ସବୁବେଳେ ରହିଛି। ଏହାର ମୂଲ୍ୟ ଆମ ଦୃଷ୍ଟିରେ କମି ନାହିଁ କିମ୍ବା ବଦଳି ନାହିଁ। ଘରୋଇ କ୍ରିକେଟ ହେଉଛି ଭାରତୀୟ କ୍ରିକେଟର ମେରୁଦଣ୍ଡ। ଏହା ଭାରତୀୟ ଟିମର ମୁଖ୍ୟ ଉତ୍ସ। ଯେଉଁ କ୍ରିକେଟରମାନେ ଭାରତ ପାଇଁ ଖେଳିବାକୁ ଚାହୁଁଛନ୍ତି, ସେମାନଙ୍କୁ ପ୍ରଥମେ ଘରୋଇ କ୍ରିକେଟରେ ନିଜକୁ ପ୍ରମାଣିତ କରିବାକୁ ପଡ଼ିବ। ଘରୋଇ କ୍ରିକେଟରେ କରିଥିବା ପ୍ରଦର୍ଶନ ହିଁ ଚୟନ ପାଇଁ ମୁଖ୍ୟ ସୂତ୍ର। ଘରୋଇ କ୍ରିକେଟରେ ଭାଗ ନ ନେଲେ, ଏହାର ଅନେକ ଗୁରୁତର ପ୍ରଭାବ ଖେଳାଳିଙ୍କ ଉପରେ ପଡ଼ିବ। ବିଭିନ୍ନ କାରଣ ପାଇଁ ଇଶାନ କିଶନ, ଶ୍ରେୟସ ଆୟର ଓ ଦୀପକ ଚହର ଭାରତୀୟ ଟିମରୁ ବାଦ ପଡ଼ିଛନ୍ତି। ଆୟର କେନ୍ଦ୍ରୀୟ କଣ୍ଟ୍ରାକ୍ଟର ବି ବର୍ଗରେ ଥିବା ବେଳେ ଇଶାନ ଗ୍ରେଡ ସିରେ ରହିଛନ୍ତି। ଦୀପକ ଚହରଙ୍କୁ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ବାଦ ଦେଇଛି। ଇଶାନ ଶେଷ ଥର ଗୌହାଟୀରେ ଭାରତ ପାଇଁ ଟି-୨୦ ଖେଳିଥିଲେ। ଏହାପରେ ଖରାପ ପ୍ରଦର୍ଶନ ଯୋଗୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳି ନଥିଲା। ୨୫ ବର୍ଷୀୟ ଇଶାନଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସ୍କ୍ୱାଡରେ ରଖାଯାଇଥିଲା। ହେଲେ ସେ ଗୋଟିଏ ବି ମ୍ୟାଚ ଖେଳିବାକୁ ସୁଯୋଗ ପାଇ ନଥିଲେ। ଗତବର୍ଷ ୱେଷ୍ଟଇଣ୍ଡିଜ ଟୁର ବେଳେ ସେ ଭାରତ ପାଇଁ ୱିକେଟ କିପିଂ କରିଥିଲେ। କିନ୍ତୁ ବର୍ତ୍ତମାନ ଚାଲିଥିବା ଇଂଲଣ୍ଡ ବିପକ୍ଷ ସିରିଜରେ ତାଙ୍କ ନାଁକୁ ବିଚାରକୁ ନିଆଯାଇ ନାହିଁ। ତଥାପି ବି ସେ ରଣଜୀ ଟ୍ରଫିରେ ଝାଡ଼ଖଣ୍ଡ ପାଇଁ ଖେଳି ନାହାନ୍ତି। ଶ୍ରେୟସ ଆୟରଙ୍କୁ ଖରାପ ପ୍ରଦର୍ଶନ ପାଇଁ ଇଂଲଣ୍ଡ ବିପକ୍ଷ ଶେଷ ୩ ଟେଷ୍ଟରୁ ବାଦ ଦିଆଯାଇଛି। ସେ ଏବେ ଭାରତୀୟ ଦଳରୁ ବାହାରେ ରହି ଥିଲେ ହେଁ ରଣଜୀ ଟ୍ରଫିରେ ଘରୋଇ ଟିମ ପାଇଁ ଖେଳୁ ନାହାନ୍ତି।

ଦୀପକ ଚହର ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଟି-୨୦ରୁ ମେଡିକାଲ କାମ ପାଇଁ ନିଜ ନାଁକୁ ପ୍ରତ୍ୟାହାର କରି ନେଇ ଥିଲେ। ତାଙ୍କ ବାପା ବ୍ରେନ ଷ୍ଟ୍ରୋକର ସମ୍ମୁଖୀନ ହେବାରୁ ଚହର ଦକ୍ଷିଣ ଆଫ୍ରିକା ମଧ୍ୟ ଯାଇ ନଥିଲେ। ସେ ମଧ୍ୟ ଏବେ ରଣଜୀ ଟ୍ରଫି ଖେଳୁ ନାହାନ୍ତି।

# ଭାରତୀୟ ମହିଳା ହକି ମୁଖ୍ୟ କୋଚ୍‌ଙ୍କ ବିଷୋଦଗାର



ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ଭାରତୀୟ ମହିଳା ହକି ଟିମର ମୁଖ୍ୟ କୋଚ୍ ଜାନେକେ ସୋପମେନ ହକି ଇଣ୍ଡିଆ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ତାଙ୍କ ପ୍ରତି ହକି ଇଣ୍ଡିଆ ବହୁତ ପାତରଅନ୍ତର କରୁଛି। ଏ ଦେଶ ମହିଳାଙ୍କ ପାଇଁ ବେଶ ଯନ୍ତ୍ରଣା ଦାୟକ ବୋଲି ସୋପମେନ କାନ୍ଦି କାନ୍ଦି ଗଣମାଧ୍ୟମ ଆଗରେ କହିଛନ୍ତି। ରବିବାର ଭାରତୀୟ ମହିଳା ଟିମ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଆମେରିକାକୁ ୨-୧ରେ ହରାଇଥିଲା। ଏହାପରେ ସୋପମେନ ଇଣ୍ଡିଆନ ଏକ୍ସପ୍ରେସକୁ ଗୋଟିଏ ସାକ୍ଷାତକାର ଦେଇଛନ୍ତି। ଏଥିରେ ସେ ହକି ଇଣ୍ଡିଆ ବିରୋଧରେ ଅନେକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସୋପମେନ ୨୦୦୮ରେ ନେଦରଲ୍ୟାଣ୍ଡ ଟିମ ସହ ଅଲିମ୍ପିକ୍ସ ଖେଳିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୦ରେ ସେ ଭାରତୀୟ ଟିମର ଆନାଲିଟିକାଲ କୋଚ ଥିଲେ। ୨୦୨୧ ଟୋକିଓ ଅଲିମ୍ପିକ୍ସ ପରେ ତାଙ୍କୁ ଭାରତୀୟ ମହିଳା ହକି ଟିମର ମୁଖ୍ୟ କୋଚ ଭାବେ ନିଯୁକ୍ତି ମିଳିଥିଲା। ସୋପମେନ ଭାରତୀୟ ହକି ଟିମର ପ୍ରଥମ ମହିଳା କୋଚ ହେବାର କୀର୍ତ୍ତିମାନ ହାସଲଶ କରିଛନ୍ତି। କିନ୍ତୁ ଏବେ ସେ ଭୋଗୁଥିବା ସମସ୍ୟା ସମ୍ପର୍କରେ କହିବା ବେଳେ କାନ୍ଦି ପକାଇଛନ୍ତି। ସେ କହିଛନ୍ତି, ହକି ଇଣ୍ଡିଆ ସହ ଡିଲ କରିବା ଅତ୍ୟନ୍ତ କଷ୍ଟକର। କାରଣ ଆପଣମାନେ ଜାଣିଛନ୍ତି ଯେ ମୁଁ ଏମିତି ଗୋଟିଏ ଦେଶରୁ ଆସିଛି ଯେଉଁଠି ମହିଳାମାନଙ୍କୁ ସମ୍ମାନ କରାଯାଏ। ସେଠାରେ ମହିଳାମାନଙ୍କ ମୂଲ୍ୟ ଯଥେଷ୍ଟ ଅଧିକ। କିନ୍ତୁ ଏଠାରେ ମୁଁ ସେମିତି କିଛି ବି ଅନୁଭବ କରିପାରୁ ନାହିଁ। ବିଗତ ୨ ବର୍ଷ ମଧ୍ୟରେ ମୁଁ ବେଶ ଏକୁଟିଆ ଅନୁଭବ କରୁଛି। ହକି ଇଣ୍ଡିଆ ମୋତେ କେବେ ସମ୍ମାନ ଦେଇନାହିଁ। କେବେ ହେଲେ ମୋ ମୂଲ୍ୟକୁ ବୁଝି ନାହିଁ। ମୁଁ ଆସିସଷ୍ଟାଣ୍ଟ କୋଚ୍ ଥିବା ବେଳେ ମୋ କଥାକୁ କେହି ଗୁରୁତ୍ୱ ଦେଉ ନଥିଲେ। ମୋର ମୂଲ୍ୟକୁ କେହି ବି ଧ୍ୟାନ ଦେଉ ନଥିଲେ। ହଠାତ୍ ମୋତେ ମୁଖ୍ୟ କୋଚ କରି ଦିଆଗଲା। ସମସ୍ତେ ମୋ କଥାକୁ ଧ୍ୟାନ ଦେବା ଆରମ୍ଭ କରିଥିଲେ। ଏହାକୁ ନେଇ ମୁଁ ବେଶ ଚିନ୍ତାରେ ରହିଥିଲି। ବହୁତ ପାତରଅନ୍ତର କରାଯାଉଛି। ପୁରୁଷ ଟିମର କୋଚମାନଙ୍କୁ କେମିତି ବ୍ୟବହାର କରାଯାଉଛି ଓ ଆମ ସହ କେମିତି ବ୍ୟବହାର କରାଯାଉଛି, ତା'ର ପାର୍ଥକ୍ୟ ମୁଁ ଦେଖିଛି। ମୋ ସହ ଓ ପୁରୁଷ ଟିମର କୋଚ କିମ୍ବା ପୁରୁଷ ଟିମ ଓ ମହିଳା ଟିମକୁ ଭିନ୍ନ ଚକ୍ଷୁରେ ଦେଖାଯାଉଛି। ସେମାନେ(ମହିଳା ଟିମର ସଦସ୍ୟ) କେବେ ହେଲେ ଅଭିଯୋଗ କରିନାହାନ୍ତି, ବରଂ କଠିନ ପରିଶ୍ରମ କରି ଚାଲିଛନ୍ତି। ମୁଁ ସେମାନଙ୍କ ପାଇଁ କହିବି ନାହିଁ। ମୁଁ ସେମାନଙ୍କୁ ବହୁତ ଭଲ ପାଏ।

## ଗିଫ୍ଟ ସ୍ୱୟଂଶାସିତ କଲେଜର ବାର୍ଷିକ କ୍ରୀଡ଼ା-ଅକ୍ଟାଥଲନ୍ ୨କେ୨୪

ଭୁବନେଶ୍ୱର,୧୯।୨(ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜର ଷୋଡ଼ଶ ବାର୍ଷିକ କ୍ରୀଡ଼ା ଅକ୍‌ଟାଥଲନ୍ ୨କେ୨୪ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବର ମୁଖ୍ୟ ଅତିଥି ଭାବେ ଆର୍ନ୍ତଜାତୀୟ ଚେସ୍ ଖେଳାଳୀ ସ୍ୱୟଂଶୁ ସତ୍ୟପ୍ରଜ୍ଞ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥି ସହିତ ଗିଫ୍ଟର ଭାଇସ୍ ଚେୟାରମ୍ୟାନ୍ ଡଃ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡଃ. ଶରତ କୁମାର ମହାରଣା, ରେଜିଷ୍ଟ୍ରାର ସନ୍ତୋଷ ଉପାଧ୍ୟକ୍ଷ, ଡିନ୍ ଏକାଡେମିକ୍ ଡଃ. ରବିନାରାୟଣ ପଣ୍ଡା, ଡିନ୍ ଆଡ୍‌ମିନ୍ କର୍ଣ୍ଣେଲ ମିହିର କୁମାର ରାଉତ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୨୯ ଗୋଟି ଖେଳରେ ୮୪୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ପ୍ରଫେସର ସୌମେନ୍ଦ୍ର କୁମାର ବେହେରା, ପ୍ରଫେସର ଜଗନ୍ନାଥ ରାୟ, ଅମ୍ରିତ ଚୌଧୁରୀ ଓ ପିଇଟି ଅସିତ୍‌ପାହାଡ଼ସିଂ ପ୍ରମୁଖ ପରିଚାଳନା କରିଥିଲେ।

# ଫୁଟବଲ: ଗଣ୍ଡରପୁର ଚାମ୍ପିଅନ



ନିମାପଡା,୧୯।୨(ଏଜେନ୍ସି): ନିମାପଡା ଆଥ୍‌ଲେଟିକ ଆସୋସିଏସନ ଅନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟସ୍ତରୀୟ ୯ମ ପଦ୍ମଚରଣ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଆଜି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ୟୁନାଇଟେଡ ଫୁଟବଲ କ୍ଲବ ଗଣ୍ଡରପୁର ଭୁବନେଶ୍ୱର ୨-୧ ଗୋଲରେ ମା' ତାରେଣୀ ଫୁଟବଲ କ୍ଲବ କେନ୍ଦୁଝରକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଉଭୟ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ଦର୍ଶକ ଦେଖିବାକୁ ପାଇଥିଲେ। ଗଣ୍ଡରପୁରର ଖେଳାଳି ସୁନୀଲ ସୋରେନ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିବା ବେଳେ ତପନ ନାୟକ ମ୍ୟାନ ଅଫ ଦି ସିରିଜ ଭାବେ ବିବେଚିତ ହୋଇଥିଲେ। ସୁଦୀପ ଦାସ,ରାଜେନ୍ଦ୍ର ବାରିକ, ପ୍ରିୟବ୍ରତ ବାହିନୀପତି,ସମର ବରାଳ ଓ ସୁଶାନ୍ତ ରାଉତରାୟ ରାଫେରୀ ଦାୟିତ୍ୱ ତୁଲାଇଥିଲେ। ସଂନ୍ଧ୍ୟାରେ ଆଥ୍‌ଲେଟିକ ଆସୋସିଏସନର ସଂପାଦକ ଜୀବନାନନ୍ଦ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ବିଜୟୀ ଦଳ ଗଣ୍ଡରପୁରକୁ ଚାମ୍ପିଅନ ଟ୍ରଫି ସହିତ ନଗଦ ୩୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହିତ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଫୁଟବଲ ଖେଳାଳି ମହେନ୍ଦ୍ର ସିଂ ଭାଟିଆ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ପ୍ରମୁଖ ଉପସ୍ଥିତଥିଲେ।




# ଚତୁର୍ଥ ଟେଷ୍ଟ ଖେଳିବେନି ବୁମରା

ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ରାଜକୋଟରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଇଣ୍ଡିଆର ବୃହତ୍ତମ ବିଜୟ ପରେ ବିଶ୍ରାମ ନେବେ ଯଶପ୍ରୀତ ବୁମରା। ରାଞ୍ଚିରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରୁ ବୁମରାଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି ଟିମ୍ ମ୍ୟାନେଜମେଣ୍ଟ। ତାଙ୍କ ସ୍ଥାନରେ ମୁକେଶ କୁମାର କିମ୍ବା ଅକ୍ଷର ପଟେଲଙ୍କୁ ସୁଯୋଗ ଦିଆଯାଇପାରେ। ତେବେ ବୁମରା କେବଳ ଚତୁର୍ଥ ମ୍ୟାଚ୍ ଖେଳିବେନି, ସେ ଧର୍ମଶାଳାରେ ଅନୁଷ୍ଠିତ ହେବାକୁ ଥିବା ସିରିଜର ଶେଷ ମ୍ୟାଚରେ ଦଳକୁ ଫେରିବେ। ଯଶପ୍ରୀତ ବୁମରା ଟିମ୍ ଇଣ୍ଡିଆ ସହିତ ରାଜକୋଟରୁ ରାଞ୍ଚି ଯିବେ ନାହିଁ। କାର୍ଯ୍ୟଭାର ପରିଚାଳନା ପାଇଁ ମ୍ୟାନେଜମେଣ୍ଟ ତାଙ୍କୁ ବିଶ୍ରାମ ଦେଇଛି। ତେବେ ଯଶପ୍ରୀତ ବୁମରାଙ୍କ ବ୍ୟତୀତ ରାଞ୍ଚିରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରୁ ଅନ୍ୟ କୌଣସି ଖେଳାଳିଙ୍କୁ ବିଶ୍ରାମ ଦିଆଯିବ ନାହିଁ। ସିରିଜର ଚତୁର୍ଥ ଟେଷ୍ଟ ମ୍ୟାଚ୍ ୨୩ ଫେବୃଆରୀରୁ ରାଞ୍ଚିରେ ଖେଳାଯିବ।

# ଉତ୍ତରାୟଣୀ କ୍ରିକେଟ: ବଉଳାବନ୍ଧ ଚାମ୍ପିଅନ



ବାଲୁଗାଁ,୧୯।୨(ସବ୍ୟୁ): ବାଲୁଗାଁ ସ୍ଥିତ ୧୧ ନମ୍ବର ୱାର୍ଡର ସରଳାପଦର ଗ୍ରାମ ଠାରେ ଶନିବାର ସନ୍ଧ୍ୟାରେ ମା ଉତ୍ତରାୟଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଫ୍ଲଡ ଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ସାଂସଦ ପ୍ରତିନିଧି ତଥା ବାଣପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଏବଂ ବାଲୁଗାଁ ଏନ ଏ ସି ଅଧ୍ୟକ୍ଷା ଙ୍କ ପ୍ରତିନିଧି ସନ୍ତୋଷ ପାଇକରାୟ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ୬ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବଉଳାବନ୍ଧ ଟିମ ଟସ ଜିଣି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭର ରେ ୫ ୱିକେଟ ହରାଇ ୭୨ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ପ୍ରତିପକ୍ଷ ଛୋଟରାୟପୁର ୬ ୱିକେଟ ହରାଇ ୫୮ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଚାମ୍ପିଅନ ବଉଳାବନ୍ଧ ଟିମ କୁ ଟ୍ରଫି ସହ ନଗଦ ୧୩ହଜାର ଏବଂ ରନର୍ସ ଟିମକୁ ଟ୍ରଫି ସହ ୯ ହଜାର ଟଙ୍କା ଅତିଥିମାନେ ପୁରସ୍କୃତ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ଶଙ୍କର ନାୟକ, ଅଭିଷେକ ପଟ୍ଟନାୟକ, ଦୀପକ ଜେନା ଏବଂ ଅରବିନ୍ଦ ସ୍ୱାଇଁ। ଆୟୋଜକ ଉତ୍ତରାୟଣୀ କ୍ଲବ ର ସମସ୍ତ ସଦସ୍ୟ ଏହି ଟୁର୍ଣ୍ଣାମେଣ୍ଟକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ।

## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541